RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

# ନିତିଦିନ
NITIDIN

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 25 FEBRUARY 2026
ବୁଧବାର ୨୫ ଫେବୃଆରୀ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 280 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୨୮୦ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର




୨୫ ଫେବୃଆରୀ: ସେହେରୀ-୪.୫୬ ଇଫ୍‌ତାର୍-୫.୫୦
୨୬ ଫେବୃଆରୀ: ସେହେରୀ-୪.୫୬ ଇଫ୍‌ତାର୍-୫.୫୦

## ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଶେଷ

**ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ୍ ୮ରେ ଶେଷ ହେବ**

**ମାର୍ଚ୍ଚ ୩୧ରେ ୨୦୨୬-୨୭ ଆର୍ଥିକ ବର୍ଷର ଆପ୍ରୋସିଏସନ୍ ବିଲ୍**

ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:

ସପ୍ତଦଶ ବିଧାନସଭାର ଷଷ୍ଠ ତଥା ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଶେଷ ହୋଇଛି। ଫେବ୍ରୁଆରୀ ୨୫ରୁ ମାର୍ଚ୍ଚ ୮ ମଧ୍ୟରେ ଗୃହକୁ ମୁଲତବୀ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ଏହାରି ମଧ୍ୟରେ ବିଭିନ୍ନ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ପ୍ରସ୍ତୁତ ହେବ। ପୁଣି ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ରୁ ଆରମ୍ଭ ହୋଇ ଏପ୍ରିଲ ୮ରେ ଶେଷ ହେବ। ମାର୍ଚ୍ଚ ୯ରେ ଗୃହରେ ବିଭିନ୍ନ ଷ୍ଟାଣ୍ଡିଂ କମିଟି ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ରୁ ମାର୍ଚ୍ଚ ୨୬ ଯାଏ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ଖର୍ଚ୍ଚଦାବୀ ଉପସ୍ଥାପନ ହେବ। ମାର୍ଚ୍ଚ ୩୦ରେ ବଜେଟ୍ ଅନୁମୋଦନ ପାଇଁ ଗୃହର ଅନୁମତି ଲୋଡ଼ିବେ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମାର୍ଚ୍ଚ ୩୧ରେ ପୂର୍ଣ୍ଣାଙ୍ଗ ବଜେଟ୍ ୨୦୨୬-୨୭ ଆର୍ଥିକ ବର୍ଷର ଆପ୍ରେସିଏସନ ବିଲ୍ ଆଗତ ହୋଇ ସେଇଦିନ ପାରିତ ହେବ।

ଉଲ୍ଲେଖନୀୟ ଯେ, ଫେବ୍ରୁଆରୀ ୧୭ରୁ ଆରମ୍ଭ ହୋଇଥିଲା ବଜେଟ୍ ଅଧିବେସନ। ଫେବ୍ରୁଆରୀ ୨୦ରେ ଅର୍ଥମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗତ କରିଥିଲେ ଆର୍ଥିକ ବର୍ଷ୨୦୨୬-୨୭ ପାଇଁ ରାଜ୍ୟର ପୂର୍ଣ୍ଣାଙ୍ଗ ବଜେଟ୍। ତେଣୁ ସୁରକ୍ଷାକୁ ତ୍ରିସ୍ତରୀୟ କରିବା ସହ କଡ଼ାକଡ଼ି କରାଯାଇଥିଲା।



### ଗୃହରେ ଉତ୍ତର ରଖିଲେ ମନ୍ତ୍ରୀ

## ଆମ ବସ୍‌ର ହାଲ୍, ଆୟ ଠାରୁ ବ୍ୟୟ ଦୁଇ ଗୁଣା

ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:

ଆମ ବସ୍‌ର ହାଲ୍ ବେହାଲ୍ ହେବାକୁ ବସିଛି। ଆୟ ଠାରୁ ବ୍ୟୟ ଏବେ ଦୁଇ ଗୁଣା। ଶୁଣିଲେ ଆଶ୍ଚର୍ଯ୍ୟ ହୋଇପାରନ୍ତି, ହେଲେ କଥାଟି ସତ। ବିଧାନସଭାରେ ଏହା ମାନିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର।

ମଙ୍ଗଳବାର ମନ୍ତ୍ରୀ କହିଛନ୍ତି ଯେ,୨୦୧୮-୧୯ ଆର୍ଥିକ ବର୍ଷରେ ଆମ ବସ୍ ୩୮କୋଟି ୨୫ଲକ୍ଷ ଟଙ୍କା ଆୟ କରିଥିବାବେଳେ ବ୍ୟୟ ଥିଲା ୫୦ କୋଟି ୯୨ଲକ୍ଷ ଟଙ୍କା । ସେହିପରି ୨୦୨୪-୨୫ ବର୍ଷରେ ଆମ ବସରୁ ୧୫୬ କୋଟି ୫୨ଲକ୍ଷ ଟଙ୍କା ଆୟ କରିଥିବାବେଳେ ବ୍ୟୟ ପରିମାଣ ହୋଇଛି୨୬୫ କୋଟି ଟଙ୍କା।



ଅର୍ଥାତ ଚଳାଚଳରୁ ଯେତିକି ଆୟ ହେଉଛି ବ୍ୟୟ ତାହା ଠାରୁ ପ୍ରାୟ ୨ଗୁଣା ଅଧିକ ହେଉଛି। ଅନ୍ୟପକ୍ଷରେ ୨୦୧୮-୧୯ ମସିହାରୁ ଚଳିତ ଆର୍ଥିକ ବର୍ଷର ଡିସେମ୍ବର ଶେଷ ପର୍ଯ୍ୟନ୍ତ ଆମ ବସ୍ ଚଳାଚଳରୁ ୬୮୬ କୋଟି ୫୦ ଲକ୍ଷ ଟଙ୍କା ଆୟ ହୋଇଥିବାବେଳେ ବ୍ୟୟ ହୋଇଛି ୧୦୫୯କୋଟି ୫୨ ଲକ୍ଷ ଟଙ୍କା । କୌଣସି ଗୋଟିଏ ହେଲେ ବର୍ଷରେ ଆମ ବସ୍‌ରୁ ଆୟ ▶▶ ୫

### ■ ବଜେଟ୍ ୨୦୨୬-୨୭ ସାଧାରଣ ଆଲୋଚନା ଉପରେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର

# ବିରୋଧୀ ସମାଲୋଚନା ନୁହେଁ ରାଜନୀତି କରୁଛନ୍ତି

ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:

ରାଜ୍ୟରେ କୌଣସି ବର୍ଗ ଆମ ସରକାରଙ୍କ ପାଇଁ ଅବହେଳିତ ହେବେ ନାହିଁ। ବିଶେଷକରି 'ଗରିବ, ମହିଳା, ଯୁବବର୍ଗ ଓ ଅନ୍ନଦାତା'ଙ୍କ ପାଇଁ ଅଧିକ ଧ୍ୟାନ ଦିଆ ଯାଇଛି। ଏହି ବଜେଟ୍ ହେଉଛି 'ସମୃଦ୍ଧ ଓଡ଼ିଶା' ନିର୍ମାଣ ପାଇଁ ଏକ ରୋଡ୍ ମ୍ୟାପ୍। ରାଜ୍ୟର ପ୍ରତ୍ୟେକ କ୍ଷେତ୍ର, ପ୍ରତ୍ୟେକ ଜିଲ୍ଲା ପାଇଁ କିଛି ନା କିଛି ଯୋଜନା ଘୋଷଣା କରାଯାଇଛି। ଏପରକି ବଜେଟ୍ ଅର୍ଥ ଖର୍ଚ୍ଚ ନହେବା ଅଭିଯୋଗ ମଧ୍ୟ ତଥ୍ୟ ସମ୍ବଳିତ ନୁହେଁ। ତେଣୁ, କୌଣସି ବିରୋଧୀ ଦଳ ସଦସ୍ୟ ଆମ ବଜେଟ୍‌କୁ ସମାଲୋଚନା କରି ପାରୁ ନାହାନ୍ତି କେବଳ ରାଜନୀତି କରୁଛନ୍ତି।

ମଙ୍ଗଳବାର ବିଧାନସଭାରେ ବଜେଟ୍ ୨୦୨୬-୨୭ ପାଇଁ ହୋଇଥିବା ସାଧାରଣ ଆଲୋଚନା ଉପରେ ବିରୋଧୀଙ୍କୁ ଟାର୍ଗେଟ୍ କରି ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାଧାରଣ ବଜେଟ୍ ସାଢ଼େ ଚାରିକୋଟି ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ। ଏହି ବଜେଟ୍ ଓଡ଼ିଶାବାସୀଙ୍କ ଭବିଷ୍ୟତର ବଜେଟ୍। ଏହି ବଜେଟ ଉପସ୍ଥାପିତ ହେବା ପରେ ବୋଧହୁଏ ବିରୋଧୀଙ୍କ ବିରୋଧ

**ବଜେଟ୍ ହେଉଛି 'ସମୃଦ୍ଧ ଓଡ଼ିଶା' ନିର୍ମାଣ ପାଇଁ ଏକ ରୋଡ୍ ମ୍ୟାପ୍**

**ଗରିବ, ମହିଳା, ଯୁବବର୍ଗ, ଅନ୍ନଦାତାଙ୍କ ପାଇଁ ଅଧିକ ଧ୍ୟାନ ଦିଆଯାଇଛି**

କରିବା ପାଇଁ କିଛି ନାହିଁ, ତେଣୁ, ଗୃହକୁ ଅଚଳ କରିବା ମାର୍ଗକୁ ସେମାନେ ବାଛି ନେଇଛନ୍ତି। ଯଦି ସରକାର ଓ ବିରୋଧୀଙ୍କ ଭିତରେ ସଠିକ୍ ଆଲୋଚନା ହେଉଥାନ୍ତା ତେବେ ଚାଷୀଙ୍କ



ବିକାଶ ପାଇଁ ଆହୁରି ବହୁତ କିଛି ବାହାରିପାରନ୍ତା। ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଅଟକଳ ହୋଇଅଛି । ଏହି ବଜେଟ୍ ଅଟକଳ ମଧ୍ୟରୁ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପ୍ରସ୍ତାବିତ କାର୍ଯ୍ୟକ୍ରମ ବ୍ୟୟ ମୋଟ୍ ବଜେଟ୍ ଅଟକଳର ରେକର୍ଡ ୫୮ ପ୍ରତିଶତ। ଲୋକଙ୍କୁ ନ୍ୟାୟ ପ୍ରଦାନ ଓ ବିକାଶର ସମସ୍ତ କ୍ଷେତ୍ରକୁ ଦୃଷ୍ଟିରେ ରଖି ଏହି ବଜେଟ ପ୍ରସ୍ତୁତ ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚଳିତ ବଜେଟ୍‌ରେ ଆକଳନ କରାଯାଇଥିବା ୭୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅଟକଳ, ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬.୫ ପ୍ରତିଶତ। ଯାହାକି ଦେଶର ସମସ୍ତ ପ୍ରମୁଖ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ। ଆମେ ଏହି ବଜେଟରେ କେତେକ ନୂତନ ଏକ୍ସପ୍ରେସ ୱେ ଯଥା ବ୍ରହ୍ମପୁର-ଜୟପୁର ରାଜପଥ, ଗଜପତିରୁ ଅମ୍ବାଭୋନାକୁ ଯୋଡୁଥିବା ନମୋ ଏକ୍ସପ୍ରେସ୍‌ୱେ, ରସୁଲଗଡ଼ରୁ-ନାନପୁର,ରଘୁନାଥପୁର ପର୍ଯ୍ୟନ୍ତ ▶▶ ୫

### ସ୍ପଷ୍ଟ କଲେ ପଞ୍ଚାୟତିରାଜ ମନ୍ତ୍ରୀ

## ରାଜ୍ୟରେ ଆଗୁଆ ହେବନି ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏନ୍:

ରାଜ୍ୟରେ ଆଗୁଆ ପଂଚାୟତ ନିର୍ବାଚନକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅବସାନ ଘଟିଛି। ରାଜ୍ୟରେ ଆଗୁଆ ପଂଚାୟତ ନିର୍ବାଚନ ହେବାର ଆକଳନ ଓ ସମ୍ଭାବନା ଉପରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଖୋଦ୍ ରାଜ୍ୟ ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ। ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀଙ୍କ ପରେ ମନ୍ତ୍ରୀ ଶ୍ରୀ ନାଏକ ଏହି ସୂଚନା ଦେଇଛନ୍ତି। ଯଦିଓ ରାଜ୍ୟରେ ଆଗୁଆ ପଂଚାୟତ ନିର୍ବାଚନ ହେବା ନେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗତ ମାସରେ ଦଳୀୟ କର୍ମୀମାନଙ୍କୁ ସୂଚନା ଦେଇଥିଲେ ତେବେ ଆଜି ବିଭାଗୀୟ ମନ୍ତ୍ରୀଙ୍କ ବୟାନ ପରେ ଏଥିରେ ଏକ ପ୍ରକାର ଅବସାନ ଘଟିଛି।



ଆଜି ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି ଯେ ରାଜ୍ୟରେ ୨୦୨୭ ଫେବୃୟାରୀ ପୂର୍ବରୁ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେବାର ସମ୍ଭାବନା ନାହିଁ। ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ବାଚନ କରିବା ପାଇଁ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି ଓ ଏହା ନିୟମ ଅନୁସାରେ ନିର୍ଦ୍ଧାରିତ ସମୟରେ ହିଁ ଅନୁଷ୍ଠିତ ହେବ।

ଉଲ୍ଲେଖଯୋଗ୍ୟ, ଗତମାସରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦଳୀୟ କର୍ମୀମାନଙ୍କୁ ପାର୍ଟି ଅଫିସରେ ଆଗୁଆ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଜନଗଣନା ପ୍ରକ୍ରିୟା ଆରମ୍ଭ ହେବାର ୨-୩ ମାସ ମଧ୍ୟରେ ଅର୍ଥାତ୍ ଆଗାମୀ ୬ ମାସ ମଧ୍ୟରେ ପଂଚାୟତ ନିର୍ବାଚନ ହୋଇପାରେ ବୋଲି ଶ୍ରୀ ସାମଲ ସଙ୍କେତ ଦେଇଥିଲେ। ଅବଶ୍ୟ ଏହି ବୟାନ ଗଣମାଧ୍ୟମରେ ଚର୍ଚ୍ଚା ହେବାପରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ପରୋକ୍ଷରେ ଏହି ଆଗୁଆ ନିର୍ବାଚନ ସମ୍ଭାବନାକୁ ଖଣ୍ଡନ କରିଥିେ। ପ୍ରତିକ୍ରିୟାରେ ସେ ଗଣମାଧ୍ୟମକୁ କହିଥିଲେ ଯେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ପଂଚାୟତିରାଜ ସଂସ୍ଥାଗୁଡ଼ିକର କାର୍ଯ୍ୟକାଳ ପୂରଣ ହେବା ପରେ ହିଁ ନିର୍ବାଚନ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ୨୦୨୨ ଫେବୃଆରୀରେ ପଂଚାୟତ ନିର୍ବାଚନ ହୋଇଥିଲା ଓ ୨୦୨୭ ଫେବୃଆରୀରେ ଏହାର କାର୍ଯ୍ୟକାଳ ଶେଷ ହେବ।

## 'ମାର୍ଚ୍ଚ ୩୧ ସୁଦ୍ଧା ସବୁ ଧାନ କିଣିବେ ସରକାର'

ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:

ବର୍ତ୍ତମାନ୍ ସୁଦ୍ଧା ୧୫ ଲକ୍ଷ ଚାଷୀଙ୍କ ଠାରୁ ୬୪ ଲକ୍ଷ ୧୦ ହଜାର ମେଟ୍ରିକ୍ ଟନ୍ ଧାନ କିଣା ଯାଇଛି। ୩୧୦୦ ଟଙ୍କା ହିସାବରେ ୧୮ ହଜାର ୫୮୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ବିଜେଡି ସରକାର ସମୟରେ ୨୦୨୩-୨୦୨୪ ରେ ୫ ଲକ୍ଷ ଚାଷୀ ପଞ୍ଜୀକୃତ କରି ବି ଧାନ ବିକି ପାରି ନଥିଲେ। ଏବେ ସବୁ ଚାଷୀଙ୍କ ଧାନ କିଣା ଯାଉଛି। କୌଣସି ଟୋକନ ଲାପ୍ସ ହେବନି। ମାର୍ଚ୍ଚ ୩୧ ତାରିଖ ▶▶ ୫



### ଲିଙ୍ଗିପୁର ସୁପରମାର୍ଟରେ ଭୟାବହ ଅଗ୍ନିକାଣ୍ଡ

## କୋଟି କୋଟି ଟଙ୍କାର ସାମଗ୍ରୀ ପାଉଁଶ



ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:

ଭୁବନେଶ୍ୱର ଲିଙ୍ଗିପୁର ନିକଟରେ ଥିବା ସୁପରମାର୍ଟରେ ଗତକାଲି ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ସୁପରମାର୍ଟର ତଳ ମହଲାରେ

**ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ**

**୨୦ ଘଣ୍ଟା ପରେ ଆୟତ୍ତ**

ଲାଗିଥିବା ନିଆଁ ଦୀର୍ଘ ୨୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ତାଣ୍ଡବ ରଚିଥିଲା। ୬୦ରୁ ଅଧିକ ଦମକଳ ବାହିନୀ ନିଆଁକୁ ଆୟତ୍ତ ପାଇଁ ଅନବରତ ସଂଘର୍ଷ ଜାରି ରଖିଥିଲେ। ତଥାପି ନିଆଁ ସମ୍ପୂର୍ଣ୍ଣ ଆୟତ୍ତ ନହେବାରୁ ▶▶ ୫

## ପାଚେରୀ ପଡ଼ି ଦୁଇ ବୃଦ୍ଧଙ୍କ ମୃତ୍ୟୁ

ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:

ମଙ୍ଗଳବାର ଭୁବନେଶ୍ୱର ନଗର ନିଗମର ୪୪ ୱାର୍ଡ ଭୋଇସାହିରେ ଡ୍ରେନ୍ ନିର୍ମାଣ ବେଳେ ମାଟି ଅତଡ଼ା ଧସିବାରୁ ଏକ ଅଘଟଣ ଘଟିଛି। ପାଚେରୀ ଭୁଶୁଡ଼ି ପଡ଼ିବାରୁ ଦୁଇଜଣ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ମହିଳା ଆହତ ହୋଇଛନ୍ତି। ସୂଚନା ଅନୁସାରେ ଆଜି ଅପରାହ୍ଣରେ ଭୁବନେଶ୍ୱର ୪୪ ନମ୍ବର ୱାର୍ଡ ▶▶ ୫



### ଲଘୁଚାପ ସହ ଟ୍ରଫ୍‌ଲାଇନ୍, ବଦଳିଲା ପାଗ ମିଜାଜ୍

## ଭୁବନେଶ୍ୱରରେ କାଳବୈଶାଖୀ





ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:

ସକ୍ରିୟ ଲଘୁଚାପ କ୍ଷେତ୍ର, ପୁଣି ତା ସାଙ୍ଗକୁ ଟ୍ରଫଲାଇନ୍। ଏହାର ପ୍ରଭାବରେ ଗତ କାଲିଠାରୁ ରାଜ୍ୟର ପାଣିପାଗରେ ପରିବର୍ତ୍ତନ ଘଟିଛି। ଗତକାଲି ସୁବର୍ଣ୍ଣପୁର, କୋରାପୁଟ ଓ ବରଗଡ଼ ଜିଲ୍ଲାର କିଛି

**ହୋର୍ଡିଂ ଭୁଶୁଡ଼ି ଜଣଙ୍କର ମୃତ୍ୟୁ**

ସ୍ଥାନରେ କୁଆପଥର ମାଡ଼ ସାଙ୍ଗକୁ ଝଡ଼ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଆଜି ଅପରାହ୍ଣରେ ଟୁଇନ୍ ସିଟିରେ ମଧ ପ୍ରବଳ ବର୍ଷା ହୋଇଛି। ଘଡ଼ଘଡ଼ି ସାଙ୍ଗକୁ ଜୋର୍‌ରେ ପବନ ବହିବାରୁ ରାଜଧାନୀର କିଛି କିଛି ସ୍ଥାନରେ ଗଛ ଭାଙ୍ଗିଥିବା ସୂଚନା ମିଳିଛି। ପାତ୍ରପଡ଼ା ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଏକାଧିକ ଦୋକାନ ଘର ମଧ ଭାଙ୍ଗିଯାଇଛି। ▶▶ ୫

## ଖୁବଶୀଘ୍ର ରତ୍ନଭଣ୍ଡାର ରତ୍ନ ଅଳଙ୍କାର ଗଣତି ମଣତି

### ୧୪ ପୃଷ୍ଠାର ଏସ୍‌ଓପିକୁ ମଞ୍ଜୁରୀ, ଗଠନ ହେଲା ଦୁଇଟି ସ୍ୱତନ୍ତ୍ର କମିଟି

ପୁରୀ,୨୪।୨/ଏନ୍‌ଏନ୍‌ଏସ୍:

ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଖୋଲି ଖୁବଶୀଘ୍ର ରତ୍ନ ଅଳଙ୍କାର ମଣତିଗଣତି କରାଯିବ। ଏଥିପାଇଁ ଦୁଇଟି ସ୍ୱତନ୍ତ୍ର କମିଟି ଗଠନ ସହ ୧୪ ପୃଷ୍ଠାର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର)କୁ ଅନୁମୋଦନ ମିଳିଛି। ହାଇକୋର୍ଟଙ୍କ କଠୋର ଆଭିମୁଖ୍ୟ ପରେ ପ୍ରାୟ ୨୮ବର୍ଷ ପରେ ରତ୍ନଭଣ୍ଡାରର ରତ୍ନଅଳଙ୍କାର ମଣତିଗଣତି ହେବା ନେଇ ମାର୍ଗ ପ୍ରଶସ୍ତ ହୋଇଛି ।

ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରତ୍ନଭଣ୍ଡାରର ଅଳଙ୍କାର ଗଣତି ଓ ଏହାର ଠିକ୍ ମୂଲ୍ୟାୟନ ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଦୁଇଟି ପୃଥକ ଦଳ ତଦାରଖ ଏବଂ କାର୍ଯ୍ୟବାହୀ ଦଳ ଗଠନ କରାଯାଇଛି। ତଦାରଖ ଦଳ ସମ୍ପୂର୍ଣ୍ଣ କାର୍ଯ୍ୟର ଅନୁଧ୍ୟାନ କରିବେ।



ତଦାରଖ ଦଳର ସଦସ୍ୟମାନେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରି ଅଳଙ୍କାରଗୁଡ଼ିକର ଗଣତି ଓ ମୂଲ୍ୟାୟନ କାର୍ଯ୍ୟ କରିବେ। ଉଭୟ ଦଳିରେ ମୁଖ୍ୟ ପ୍ରଶାସକ ରହିବେ। ତଦାରଖ ଦଳରେ ଉଚ୍ଚସ୍ତରୀୟ କମିଟିର ଦୁଇଜଣ ଏବଂ ରତ୍ନଭଣ୍ଡାର ସବ୍‌କମିଟିର ଜଣେ ସେବକ ସଦସ୍ୟ ରହିବେ। କାର୍ଯ୍ୟବାହୀ ଦଳରେ ମୁଖ୍ୟ ପ୍ରଶାସକ, ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ, ପରିଚାଳନା କମିଟି ସେବାୟତ ସଦସ୍ୟ, ପାଟଯୋଶୀ ମହାପାତ୍ର, ଦେଉଳକରଣ, ତଢଉକରଣ ଏବଂ ଶ୍ରୀମନ୍ଦିର ବଣିଆ ରହିବେ। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ବଣିଆଙ୍କ ତାଲିକା ମଗାଯିବ। ରତ୍ନଭଣ୍ଡାରରେ ମୋତି ମାଣିକ୍ୟ ରହିଛି। ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଦୁଇଜଣ ଅଧିକାରୀରୁ ▶▶ ୫

## କେରଳର ନୂଆ ନାମ ହେବ 'କେରଳମ୍'

### ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ, ରାଷ୍ଟ୍ରପତିଙ୍କ ସୁପାରିଶକୁ ଅପେକ୍ଷା

ନୂଆଦିଲ୍ଲୀ, ୨୪।୨/ଏଜେନ୍ସି:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ମଙ୍ଗଳବାର 'କେରଳ' ରାଜ୍ୟର ନାମ ପରିବର୍ତ୍ତନ କରି 'କେରଳମ୍' କରିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପରେ, ଭାରତର ରାଷ୍ଟ୍ରପତି ଭାରତୀୟ ସମ୍ବିଧାନର ଧାରା ୩ର ବ୍ୟବସ୍ଥା ଅନୁଯାୟୀ ନିଜର ମତାମତ ପ୍ରକାଶ କରିବା ପାଇଁ କେରଳ (ନାମ ପରିବର୍ତ୍ତନ) ବିଲ୍, ୨୦୨୬ ନାମକ ଏକ ବିଲ୍ କେରଳ ରାଜ୍ୟ ବିଧାନସଭାକୁ ପଠାଇବେ। କେରଳ ରାଜ୍ୟ ବିଧାନସଭାର ମତାମତ ଗ୍ରହଣ ପରେ, ଭାରତ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ଏବଂ ସଂସଦରେ 'କେରଳ' ରାଜ୍ୟର ନାମ ପରିବର୍ତ୍ତନ କରି 'କେରଳମ୍' କରିବା ପାଇଁ କେରଳ (ନାମ




ପରିବର୍ତ୍ତନ) ବିଲ୍, ୨୦୨୬ ଆଗତ କରିବା ପାଇଁ ରାଷ୍ଟ୍ରପତିଙ୍କ ସୁପାରିଶ ଗ୍ରହଣ କରାଯିବ। ପ୍ରକାଶ, କେରଳ ବିଧାନସଭା ଗତ ୨୪.୦୬.୨୦୨୪ରେ 'କେରଳ' ରାଜ୍ୟର ନାମକୁ 'କେରଳମ୍' କରିବା ପାଇଁ ଏକ ପ୍ରସ୍ତାବ ପାରିତ କରିଥିଲା ଏବଂ ସମ୍ବିଧାନର ଧାରା ୩ ଅନୁଯାୟୀ 'କେରଳ' ରାଜ୍ୟର ନାମକୁ 'କେରଳମ' ଭାବରେ ପରିବର୍ତ୍ତନ କରି ▶▶ ୫

## ଲୋକାଭିମୁଖୀ ବଜେଟ୍

# ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଝାରସୁଗୁଡ଼ା, ବଲାଙ୍ଗୀର ଓ ପିପିଲି ଜନସାଧାରଣ

**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ଆଜି ସନ୍ଧ୍ୟାରେ ଭୁବନେଶ୍ୱର ରାଜ୍ୟ ଅତିଥିଭବନ ଠାରେ ଝାରସୁଗୁଡ଼ା, ପୁରୀ ଜିଲ୍ଲାର ପିପିଲି ଏବଂ ବଲାଙ୍ଗୀର ଜିଲ୍ଲାରୁ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଆସି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକାଭିମୁଖୀ ବଜେଟରେ ସେମାନଙ୍କ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ଯୋଜନା କରିଥିବାରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଝାରସୁଗୁଡ଼ା ଜିଲ୍ଲାର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଯୁବସମାଜ ପ୍ରମୁଖ ଆଜି ଭୁବନେଶ୍ୱର ଆସି ବଜେଟରେ ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉଥିବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁର୍ନବିକାଶ ପାଇଁ ପ୍ରସ୍ତାବ ଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରି କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ





କହିଥିଲେ ଯେ, ରାଜ୍ୟର ସର୍ବକନିଷ୍ଠ ଜିଲ୍ଲା ଭାବେ ଝାରସୁଗୁଡ଼ା ଜିଲ୍ଲା ୩୨ ବର୍ଷ ପରେ ପ୍ରଥମ ବିଶ୍ୱବିଦ୍ୟାଳୟ ପାଇଛି । ଝାରସୁଗୁଡ଼ା ବାସୀଙ୍କର ଉଚ୍ଚ ଶିକ୍ଷା ପାଇଁ ଆଶା ଆକାଂକ୍ଷା ପୂରଣ କରିବ ଏହି ବିଶ୍ୱ ବିଦ୍ୟାଳୟ। ସେହିଭଳି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ପିପିଲି ଚାନ୍ଦୁଆ କାରିଗର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରସ୍ତାବିତ ଚାନ୍ଦୁଆ ବଜାର ପାଇଁ କୃତଜ୍ଞତା ଜଣାଇଥିଲେ । ଚାନ୍ଦୁଆ ଶିଳ୍ପର ଅଭିବୃଦ୍ଧି ଏବଂ କାରିଗର ମାନଙ୍କ ରୋଜଗାର ବୃଦ୍ଧି ପାଇଁ ଏହି ବଜାର ଅତ୍ୟନ୍ତ ଉପଯୋଗୀ ହେବ ବୋଲି ସେମାନେ ମତପ୍ରକାଶ କରିଥିଲେ। ବଲାଙ୍ଗୀରରେ ସରକାରୀ ଇଞ୍ଜିନିଅରିଂ କଲେଜ ଓ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା ହୋଇଥିବାରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ଟିଟିଲାଗଡ଼ ବିଧାୟକ ଶ୍ରୀ ନବୀନ କୁମାର ଜୈନଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲାର ନାଗରିକ ସମାଜ ବିପୁଳ ସଂଖ୍ୟାରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରି କୃତଜ୍ଞତା ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ କେବଳ ୨୦୨୬-୨୭ ବଜେଟରେ ନୁହେଁ, ୨୦୨୫-୨୬ ବଜେଟରେ ମଧ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଜିଲ୍ଲାରେ ଗୋଟିଏ ନର୍ସିଂ କଲେଜ ଓ ଗୋଟିଏ ଡେଣ୍ଟାଲ କଲେଜ ଖୋଲିବା ପାଇଁ ପ୍ରାବଧାନ କରିଥିଲେ ।

ଆଜି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବଲାଙ୍ଗୀର ଜିଲ୍ଲାରେ ବିଭିନ୍ନ କ୍ଷେତ୍ରର ବିକାଶ ତ୍ୱରାନ୍ୱିତ ହୋଇଛି। ୨୦୨୬-୨୭ ବର୍ଷର ବଜେଟରେ ଓଡ଼ିଶାର ସମସ୍ତ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିବାରୁ ଉପକୂଳବର୍ତ୍ତୀ ଅଞ୍ଚଳରୁ ଆରମ୍ଭ କରି ପଶ୍ଚିମାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳରୁ ଗତ ତିନିଦିନ ଧରି ଜନସାଧାରଣ ଖୁସିର ସହ ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛନ୍ତି।

# ନିର୍ଦ୍ଧାରିତ ସମୟ ପୂର୍ବରୁ ୨୬୦ କୋଟି ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟ ହାସଲ କଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ପୂର୍ବତଟ ରେଳପଥ ନିର୍ଦ୍ଧାରିତ ସମୟ ପୂର୍ବରୁ ରେଳବାଇ ବୋର୍ଡର ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ସଫଳତାର ସହ ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ୨୦ ଫେବୃଆରୀ ୨୦୨୬ ସୁଦ୍ଧା ପୂର୍ବତଟ ରେଳପଥ ମୋଟ ୨୬୦.୦୨ କୋଟି ସ୍କ୍ରାପ୍ ବିକ୍ରୟ କରି ରେକର୍ଡ କରିଛି, ଯାହା ୪୦ ଦିନ ପୂର୍ବରୁ ଏହି ଲକ୍ଷ୍ୟକୁ ଅତିକ୍ରମ କରିଛି।

ଏହା ୨୦୨୪–୨୫ ମସିହାର ସମାନ ସମୟରେ ଅର୍ଜିତ ୨୦୪.୫୫ କୋଟି ଟଙ୍କା ତୁଳନାରେ ୨୭.୧୨% ଅଧିକ। ଜୋନ୍‌ରେ ୧୯୦ଟି ନିଲାମ ତାରିଖ ସଫଳତାର ସହ ଆୟୋଜନ ଓ ସମନ୍ୱିତ ସାମୁହିକ ପ୍ରୟାସର ଫଳରୂପେ ଏହି ଉଲ୍ଲେଖନୀୟ ସଫଳତା ଲାଭ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା, ସମ୍ପଦର ସଦବ୍ୟବହାର, ଆର୍ଥିକ ସଂଯମ ଏବଂ ସମ୍ପତ୍ତିର ଦକ୍ଷ ପରିଚାଳନା ପ୍ରତି ଏହି ଜୋନର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସୁଚାରୁ ଯୋଜନା, ପାରଦର୍ଶୀ ଇ-ନିଲାମ ପ୍ରକ୍ରିୟା, ସ୍କ୍ରାପ୍ ସାମଗ୍ରୀର ବ୍ୟବସ୍ଥିତ ଚିହ୍ନଟ ଓ ପୃଥକୀକରଣ ଏବଂସମସ୍ତ ବିଭାଗ ଓ ମଣ୍ଡଳମାନଙ୍କର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି ଲକ୍ଷ୍ୟ ଅର୍ଜନ କରାଯାଇଛି। ଏହି ସଫଳତା ସମଗ୍ର ଜୋନ୍‌ରେ ସମନ୍ୱିତ ଦଳଗତ



କାର୍ଯ୍ୟର ପ୍ରତିଫଳନ। ଷ୍ଟୋର୍ସ ବିଭାଗ ଏହି ପଦକ୍ଷେପକୁ ସମର୍ପିତ ଏବଂ ସଠିକତାର ସହିତ ନେତୃତ୍ୱ ନେଇଥିଲା, ଯାହାକୁ ବିଭିନ୍ନ ଡିଭିଜନ ଏବଂ କ୍ଷେତ୍ର ୟୁନିଟ୍ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ କରାଯାଇଥିଲା। ପୁରୁଣା ସାମଗ୍ରୀର ବ୍ୟବସ୍ଥିତ ଅପସାରଣ ଏବଂ ଉନ୍ନତ ସ୍ଥାନ ପରିଚାଳନା ମାଧ୍ୟମରେ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବା ସହିତ ସ୍କ୍ରାପ୍ ନିଷ୍କାସନ ରାଜସ୍ୱକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ। ଏହା ପୁନଃ ପ୍ରକ୍ରିୟାକରଣ ଏବଂ ବୈଜ୍ଞାନିକ ନିଷ୍କାସନ ମାଧ୍ୟମରେ ପରିବେଶଗତ ଦାୟିତ୍ୱକୁ ମଧ ପ୍ରୋତ୍ସାହିତ କରିଥାଏ। ସମୟୋପଯୁକ୍ତ ନିଷ୍କାସନକୁ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳବାଇ ୨୦୧୩ ମସିହାରୁ ଏହାର ସମର୍ପିତ ଭାରତୀୟ ରେଳବାଇ ଇ-ପ୍ରୋକ୍ୟୁରମେଣ୍ଟ୍ ସିଷ୍ଟମ (ଆଇଆରଇପିଏସ୍) ପୋର୍ଟାଲ୍ ମାଧ୍ୟମରେ ଇ-ନିଲାମ ପରିଚାଳନା କରୁଛି। ଏହି ପୋର୍ଟାଲରେ ୮୯୦୦ରୁ ଅଧିକ ପଞ୍ଜୀକୃତ ବିକ୍ରେତା ଥିବାରୁ ନିଲାମ ପ୍ରକ୍ରିୟା ସ୍ୱଚ୍ଛ, ପ୍ରତିସ୍ପର୍ଦ୍ଧୀମୂଳକ ଓ କାର୍ଯ୍ୟକୁଶଳ ଭାବେ ସମ୍ପନ୍ନ ହେଉଛି। ଏହି ସଫଳତା ଭାରତୀୟ ରେଳବାଇର ବ୍ୟାପକ ଉଦ୍ଦେଶ୍ୟ ଏବଂ ଜାତୀୟ ଭିତ୍ତିଭୂମି ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳବାଇର ଉତ୍କର୍ଷତା ଏବଂ ସାମୁହିକ କାର୍ଯ୍ୟ ଦକ୍ଷତା ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ତୋଷାଳି ମେଳାର ଏକାଦଶ ସନ୍ଧ୍ୟା

# ଓଡ଼ିଶା ହେଉଛି କଳା ଓ ହସ୍ତଶିଳ୍ପର ଭଣ୍ଡାର

**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ସ୍ଥାନୀୟ ଜନତା ମୈଦାନଠାରେ ୨୦ତମ ଭବ୍ୟ ତୋଷାଳି ମେଳାର ଏକାଦଶ ସନ୍ଧ୍ୟାରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଉପସ୍ଥିତ ରହି କାରିଗର ଓ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଛନ୍ତି। ମନ୍ତ୍ରୀ ନିଜ ବକ୍ତବ୍ୟ ରେ କହିଥିଲେ ଯେ ଓଡ଼ିଶା ହେଉଛି କଳା, ହସ୍ତଶିଳ୍ପ ଓ ହସ୍ତକଳାର ଭଣ୍ଡାର। କଳା ଓ ସଂସ୍କୃତି ପାଇଁ ଓଡ଼ିଶା ବିଶ୍ୱବିଦିତ। କାରିଗର ଓ ଶିଳ୍ପୀମାନେ ଆମ ଐତିହ୍ୟର ବାର୍ତ୍ତାବାହ। ତେଣୁ ଶିଳ୍ପୀମାନଙ୍କୁ ଅଶେଷ ଧନ୍ୟବାଦ ଦେବା ସହ ଶିଳ୍ପକୁ ବଞ୍ଚାଇ ରଖିବାକୁ ଅନୁରୋଧ କରିଥିଲେ। ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର କଳାଭୂମିଠାରେ ଆୟୋଜିତ ଟେରାକୋଟା କୃତି ପ୍ରତିଯୋଗିତାରେ ରେକର୍ଡ ଭାଙ୍ଗିଥିବା କୃତି ପ୍ରତିଯୋଗୀଙ୍କୁ ଧନ୍ୟବାଦ ଦେବା ସହ ସମସ୍ତ କାରିଗରଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ହସ୍ତତନ୍ତ ହସ୍ତଶିଳ୍ପର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅମୀୟ ଧଳ, ମନ୍ମଥ କୁମାର ପଣ୍ଡା କୌଶଲ, ପ୍ରଦୀପ ନାୟକ, ଉଦୟ ମହାନ୍ତି, ଶରତ ପଧାନ, କେଶବ ମେହେର ଓ ଅନ୍ୟ ଶିଳ୍ପୀ, କାରିଗର ପୁରସ୍କୃତ ହୋଇଥିଲେ। ମଞ୍ଚରେ ଉପସ୍ଥିତ ରହି ପଦ୍ମ ପୁରସ୍କାର ବିଜେତା ଶରତ କୁମାର ପାତ୍ର, ପଦ୍ମଶ୍ରୀ ବିନୋଦ ମହାରଣା ଓ ଗୁଲାଚି ହ୍ୟାଣ୍ଡଲୁମ୍‌ର ପ୍ରତିଷ୍ଠାତା ପିଙ୍କି ମାଝୀ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଧନ୍ୟବାଦ୍ ଦେଇଥିଲେ। ଗାୟିକା ଦୀପ୍ତିରେଖା ପାଢ଼ୀଙ୍କ ସମେତ ଘୁମରା ଓ ସମ୍ବଲପୁରୀ ନୃତ୍ୟ ଶିଳ୍ପୀମାନେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ।

## ରାଜ୍ୟରେ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ଇତିହାସରେ ମାଇଲ୍‌ଷ୍ଟୋନ୍

# ପ୍ରତିଷ୍ଠା ହେବ ଇଞ୍ଜିନିୟରିଂ କଲେଜ, ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ରାଜ୍ୟରେ ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ରାଜ୍ୟ ସରକାର। ଚଳିତ ବଜେଟ୍‌ରେ ୪ଟି ନୂଆ ବିଶ୍ୱବିଦ୍ୟାଳୟ ଏବଂ ୨ଟି ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ନେଇ ଘୋଷଣା କରାଯାଇଛି। ଏହା ରାଜ୍ୟର ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ମୁଖ୍ୟମନ୍ତ୍ରୀଙ୍କ ବଜେଟ୍ ଘୋଷଣା ପରେ ଆକ୍ସନ ମୋଡରେ ରହିଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ସେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟାରୀଙ୍କୁ ଚିଠି ଲେଖି ଏନେଇ ତ୍ୱରିତ ପଦକ୍ଷେପ ନେବାକୁ କହିଛନ୍ତି। ଚଳିତ ବଜେଟରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର। ପାରାଦୀପ ଏବଂ ବଲାଙ୍ଗୀରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରାଯାଇଛି। ଉଭୟ ଜିଲ୍ଲାର ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ପଦାଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ଏହି ଦୁଇଟି ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପ୍ରଶାସନିକ ଏବଂ ବିଧିବଦ୍ଧ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ଏହା ଦ୍ୱାରା ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ। ରାଜ୍ୟ ସରକାରଙ୍କର ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଉଭୟ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ତେଣୁ ସମ୍ପୃକ୍ତ ବିଭାଗ ଏବଂ ପଦାଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଉଭୟ ଜଗତସିଂହପୁର ଏବଂ ବଲାଙ୍ଗୀର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି ମନ୍ତ୍ରୀ ଶ୍ରୀ ସ୍ୱାଇଁ। ସେହିପରି ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟରେ ନୂଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ମଧ ବଜେଟରେ ଘୋଷଣା କରାଯାଇଛି। ଏହା ଜିଲ୍ଲାରେ ଉଚ୍ଚଶିକ୍ଷାର ଭବିଷ୍ୟତକୁ ଏକ ନୂତନ ରୂପ ଦେବା ସହିତ ଯୁବପିଢ଼ିଙ୍କ ପାଇଁ ନୂତନ ସୁଯୋଗ ଓ ମାର୍ଗ ସୃଷ୍ଟି କରିବ, ଯାହା ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ। ତେଣୁ ଜଗତସିଂହପୁରରେ ଗ୍ରୀନଫିଲ୍ଡ ବିଶ୍ୱବିଦ୍ୟାଳୟ ପାଇଁ ଆବଶ୍ୟକୀୟ ପ୍ରଶାସନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସେକ୍ରେଟେରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାସହ ଜଗତସିଂହପୁର ଜିଲ୍ଲାପାଳଙ୍କୁ ମଧ ସମ୍ପୃକ୍ତ ବିଭାଗ ଏବଂ ପଦାଧିକାରୀଙ୍କ ସହିତ ସମନ୍ୱୟ ରକ୍ଷା କରି ତ୍ୱରିତ ପଦକ୍ଷେପ ନେବାକୁ ଚିଠି ଲେଖିଛନ୍ତି। ଦୀର୍ଘ ଦିନ ଧରି ଜଗତସିଂହପୁରରେ ବିଶ୍ୱବିଦ୍ୟାଳୟ ଓ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ଦାବି ହେଇଆସୁଥିଲା। ଏଥର ବଜେଟ୍‌ରେ ଜିଲ୍ଲାକୁ ଦୁଇଟି ଉପହାର ଦେଇଛନ୍ତି ରାଜ୍ୟ ସରକାର। ଅଞ୍ଚଳର ଅନେକ ଦିନର ଦାବିକୁ ସରକାର ସହୃଦୟତାର ସହ ବିଚାର କରି ଏ ଦିଗରେ ପଦକ୍ଷେପ ନେଇଥିବାରୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଜଗତସିଂହପୁରବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଛନ୍ତି। ବୈଷୟିକ ଶିକ୍ଷା ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡିଶା ସ୍ୱପ୍ନ ସାକାର କରିବା ସହ ରାଜ୍ୟରେ ଯୁବପିଢିଙ୍କ ବିକାଶର ବାଟ ଖୋଲିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି।

# ‘ପ୍ରଚାର ପ୍ରସାର ଦ୍ୱାରା ଓଡ଼ିଆ ଜାତିର ଗୌରବ ବୃଦ୍ଧି ଘଟିବ’

**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ବିଶ୍ୱଦରବାରରେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଅଭିବୃଦ୍ଧି ଦ୍ୱାରା ହିଁ ଓଡ଼ିଆ ଜାତିର ଗୌରବ ବୃଦ୍ଧି ହୋଇଥାଏ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ ଆଜି ବିପର୍ଯ୍ୟୟ ଆଡ଼କୁ ଗତି କରୁଛି। ଅତୀତରେ ସଙ୍କଟ ମଧ ଦେଇ ଓଡ଼ିଆ ଭାଷା ଗତିକରି ଆସିଥିଲେ ମଧ ସେ ତାର ସ୍ୱତନ୍ତ୍ରୀୟତାକୁ ହରାଇ ନାହିଁ। ଆଜି ଓଡ଼ିଆ ଭାଷା ବିଶ୍ୱ ଦରବାରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରି ଆସିଛି। ଆଜି ଜାତିସଂଘର ଛାତି ଉପରେ ପ୍ରତି ଫଳିତ ହେଉଛି କବି ଭୀମଭୋଇଙ୍କର କାବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମାତୃଭାଷା ଦିବସ ଅବସରରେ ଚଲାପଥ ପକ୍ଷରୁ ସଭାପତି ବିଜୟଲକ୍ଷ୍ମୀ ମହାନ୍ତିପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ର ଓ କବି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ, ବରିଷ୍ଠ ସାମ୍ବାଦିକ ପାର୍ଥ ସାରଥୀ ଜେନା, ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, କବି ତରୁଣବାଳା ମହାପାତ୍ର ଓ ପ୍ରେମ ପ୍ରକାଶ ସିଂହ ଯୋଗ ଦେଇଥିଲେ। ଚଲାପଥର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ଚଲାପଥର ଆଭିମୁଖ୍ୟ ବର୍ଣ୍ଣନା କରିବା ସହିତ ଆସନ୍ତା ମାର୍ଚ୍ଚ ବାଇଶ ତାରିଖରେ ଭୁବନେଶ୍ୱର ଠାରେ ଚଲାପଥର ଚଉବନ ତମ ମହୋତ୍ସବ ପାଳନ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କବି ଶୁଭଶ୍ରୀ ସିଂହଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ଅତିଥି କବି ଭାବେ ମଧୁସ୍ମିତା ଶା, ଗୀତାଞ୍ଜଳୀ ଦଳାଇ ଯୋଗ ଦେଇଥିଲେ। ଉପସ୍ଥିତ କବିମାନେ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ।



# ରିଲାଏନ୍ସ ଫାଉଣ୍ଡେସନ୍ ସହାୟତାରେ ଢେଙ୍କାନାଳର ସୋରଟ ଗାଁରେ ପୁଣି ଚାଷ ଆରମ୍ଭ

**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ଢେଙ୍କାନାଳର ଏକ ଛୋଟ ଗାଁ ସୋରଟ ଏକ ଅଭୂତପୂର୍ବ ପରିବର୍ତ୍ତନର ସାକ୍ଷୀ ପାଲଟିଛି। ଦୀର୍ଘ ଦିନ ଧରି ସୀମିତ ଜୀବିକା ସୁଯୋଗ ଏବଂ ବନ୍ୟ ପଶୁମାନଙ୍କ ଦ୍ୱାରା ବାରମ୍ବାର ଫସଲ ହାନି ଯୋଗୁଁ ଗ୍ରାମବାସୀମାନେ କାମ ପାଇଁ ସ୍ଥାୟୀ ବାଟ ଖୋଜିବା ନେଇ ସଂଘର୍ଷ କରୁଥିଲେ। ଗତ ଦୁଇ ଦଶନ୍ଧି ଧରି ଗାଁ ଲୋକମାନେ ଚାଷ ପ୍ରାୟ ଛାଡ଼ି ଦେଇଥିଲେ ଏବଂ ପଶୁ ଆକ୍ରମଣ ଯୋଗୁଁ ବାରମ୍ବାର ଫସଲ ହାନି ହେତୁ ଦିନ ମଜୁରିଆ ଭାବରେ କାମ କରିବାକୁ ବାଧ୍ୟ ହେଉଥିଲେ। ସୋରଟ ଗାଁ ଜଙ୍ଗଲର ନିକଟତର ହୋଇଥିବାରୁ ଏହା ଏକ ଗମ୍ଭୀର ସମସ୍ୟା ଭାବରେ ଉଭା ହୋଇଥିଲା। ତେବେ କିଛି ମାସ ପୂର୍ବେ ଏହି ସ୍ଥିତିରେ ଆସିଥିଲା ଏକ ସକାରାତ୍ମକ ପରିବର୍ତ୍ତନ। ରିଲାଏନ୍ସ ଫାଉଣ୍ଡେସନ୍ ପକ୍ଷରୁ ଜ୍ଞାନ ଆହରଣ ଅଧିବେଶନ, ସହାୟତା ଏବଂ ଅଂଶଗ୍ରହଣମୂଳକ କାମ ସହିତ ଏଥିରେ ପରିବର୍ତ୍ତନ ହୋଇଥିଲା। ଅଗଷ୍ଟ ୨୦୨୫ରେ, ୪୦ ବର୍ଷରୁ ଅଧିକ ବୟସର ପ୍ରାୟ ୨୮ ଜଣ ଗ୍ରାମବାସୀ ସୋରଟ ଗାଁରେ ୧୩ ଏକର ଅବ୍ୟବହୃତ ଚାଷଜମିକୁ ପୁନରୁଦ୍ଧାର କରିବାକୁ ଏକାଠି ଆଗେଇ ଆସିଥିଲେ। ସେମାନଙ୍କ





ପ୍ରୟାସର କେନ୍ଦ୍ରରେ ରହିଥିଲା ଏହି ମିଳିତ କ୍ଷେତର ଚାରିପଟେ ସୌରଚାଳିତ ବାଡ଼ ଦେବା ଯାହା ପଶୁମାନଙ୍କୁ ଏକ ମାନବୀୟ ଏବଂ ଦୀର୍ଘ ସ୍ଥାୟୀ ପ୍ରଯୁକ୍ତି ଜରିଆରେ ସୁରକ୍ଷିତ ଭାବରେ ବିରତ କରି କୃଷି କ୍ଷେତ୍ରକୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ଏହା ପଶୁ, ମଣିଷ କିମ୍ବା ଫସଲକୁ କ୍ଷତି ନ ପହଞ୍ଚାଇ ପ୍ରବେଶକୁ ରୋକିଥାଏ ଏବଂ ପରିବେଶ ଅନୁକୂଳ ହେବାସହିତ ପ୍ରାଣଘାତକ ହୋଇନଥାଏ। ପ୍ରତିରୋଧୀ ବାଡ଼ ବ୍ୟବସ୍ଥା ଏବଂ ଉନ୍ନତ ପୁଷ୍ଟିସାର ପାଇଁ ବହୁ-ଫସଲ କୃଷି ଆପଣାଇବା ପାଇଁ ରିଲାଏନ୍ସ ଫାଉଣ୍ଡେସନର ମାର୍ଗଦର୍ଶନ ସହିତ, ଏହି ଚାଷୀ ଗୋଷ୍ଠୀ ସାମୂହିକ କୃଷି ଆରମ୍ଭ କରିଥିଲା ଏବଂ ବିଭିନ୍ନ ପ୍ରକାରର ଫସଲ ଚାଷ ପାଇଁ ଜମିକୁ ପ୍ରସ୍ତୁତ କରିଥିଲା। ଆଜି ଚାଷୀମାନେ କଳା ବୁଟ, ବିରି, କୋଳଥ, ସୋରିଷ, ଫୁଲକୋବି, ବାଇଗଣ, ଗାଜର, ମୂଳା, କାକୁଡି, ବିନ୍ସ, ଲଙ୍କା, ଧନିଆ. ରସୁଣ ପରି ବିଭିନ୍ନ ପନିପରିବା ଚାଷ କରୁଛନ୍ତି। ଅଳ୍ପ ସମୟ ମଧ୍ୟରେ, ତାଜା ସବୁଜ ପନିପରିବା ସ୍ଥାନୀୟ ଲୋକଙ୍କ ନିତିଦିନିଆ ଖାଦ୍ୟରେ ସାମିଲ ହୋଇଛି ଏବଂ ବହୁ ବର୍ଷ ପରେ ଘରୋଇ ଫସଲର ପରମ୍ପରାକୁ ପୁନର୍ଜୀବିତ କରିଛି। ଏହା ସୋରଟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ, ଯାହା ପ୍ରାୟ ଦୁଇ ଦଶନ୍ଧି ଧରି ନିତିଦିନିଆ ପନିପରିବା ପାଇଁ ସମ୍ପୂର୍ଣ୍ଣ ଭାବରେ ବାହ୍ୟ ବଜାର ଉପରେ ନିର୍ଭର କରୁଥିଲା। ଏହି ଅଂଶଗ୍ରହଣକାରୀ ମଡେଲରେ ରିଲାଏନ୍ସ ଫାଉଣ୍ଡେସନର ବୌଦ୍ଧିକ ପରାମର୍ଶ ସହାୟତା ସହିତ ସୌର ବାଡ଼ ପାଇଁ ମୋଟ ଖର୍ଚ୍ଚର ପ୍ରାୟ ୪୨ ପ୍ରତିଶତ ଆର୍ଥିକ ସହାୟତା ପରିବର୍ତ୍ତନକୁ ସମ୍ଭବ କରିଥିଲା, ଯାହା ମିଳିତ ଗୋଷ୍ଠୀଗତ ସମାଧାନକୁ ସୁଲଭ କରିଥିଲା ଏବଂ ଏହି ପ୍ରୟାସକୁ ସ୍ଥାୟୀତ୍ୱ ଆଣିଥିଲା। ଚାଷୀମାନଙ୍କୁ ଭଲ ଭାବେ ବୁଝାଇବା ପାଇଁ ଡେମୋ ପ୍ରଦର୍ଶନ ମାଧ୍ୟମରେ ମଧ ସହାୟତା କରାଯାଇଥିଲା। ଏହି ପ୍ରୟାସର ପ୍ରାରମ୍ଭିକ ସଫଳତା ଅନ୍ୟ ଏକକ ଚାଷୀମାନଙ୍କୁ ସମାନ ସୌର ବାଡ଼ ସମାଧାନରେ ନିବେଶ କରି ନିଜ ଜମିରେ ଚାଷ ପୁନଃ ଆରମ୍ଭ କରିବାକୁ ପ୍ରେରଣା ଦେଇଛି। ଏହି ସାମୁହିକ ପ୍ରୟାସର ଏକ ଅଂଶ ରହିଥିବା ସୋରଟ ଗାଁର ଜଣେ ଚାଷୀ ମଧୁସୂଦନ ଲେଙ୍କା କହିଛନ୍ତି ‘ଆମେ ଚାଷୀ ଘରର ସନ୍ତାନ ଏବଂ ୨୦ ବର୍ଷ ପରେ ଚାଷକୁ ଫେରିବା ଆମର ଏବଂ ଗ୍ରାମବାସୀଙ୍କ ସାମୂହିକ ପ୍ରୟାସ ତଥା ରିଲାଏନ୍ସ ଫାଉଣ୍ଡେସନର ସମର୍ଥନ ଯୋଗୁଁ ସମ୍ଭବ ହୋଇପାରିଛି। ମୁଁ ଆଶା କରୁଛି ଯେ ଆମର ସଫଳତା ଅଧିକ ଲୋକଙ୍କୁ ଚାଷକୁ ଫେରିବାକୁ ଉତ୍ସାହିତ କରିବ’। ରିଲାଏନ୍ସ ଫାଉଣ୍ଡେସନର ଗ୍ରାମୀଣ ବିକାଶ ଓ ପରିବର୍ତ୍ତନ କାର୍ଯ୍ୟକ୍ରମ ଭାରତର ୯୦,୦୦୦ରୁ ଅଧିକ ଗ୍ରାମର ୨.୨୨ କୋଟିରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି।

# ବିଏସ୍ଏନ୍ଏଲ୍ ଓ ଟିଡବ୍ଲ୍ୟୁଡବ୍ଲ୍ୟୁଓ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ରେଡକ୍ରସ କଟକ ସହାୟତାରେ ତଥା ଦୂରସଞ୍ଚାର ମହିଳା କଲ୍ୟାଣ ସଂଗଠନ (ଟିଡବ୍ଲ୍ୟୁଡବ୍ଲ୍ୟୁଓ)ର ମିଳିତ ଆନୁକୂଲ୍ୟରେ ଭାରତ ସଂଚାର ନିଗମ ଲିମିଟେଡ୍ (ବିଏସଏନଏଲ) ଓଡ଼ିଶା ପରିମଣ୍ଡଳ ପକ୍ଷରୁ ଏକ ରକ୍ତଦାନ ଶିବିର ଆଜି ଭୁବନେଶ୍ୱର ଅଶୋକ ନଗରସ୍ଥିତ ବିଏସଏନଏଲ ଭବନଠାରେ ଆୟୋଜିତ ହୋଇଯାଇଛି।



ବିଏସ୍ଏନ୍ଏଲ୍ ଓଡ଼ିଶା ପରିମଣ୍ଡଳ ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ (ଟିଡବ୍ଲ୍ୟୁଡବ୍ଲ୍ୟୁଓ) ଓଡ଼ିଶାର ସଭାପତି ମମତା ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ବେହେରା ସମସ୍ତଙ୍କୁ ଏହି ମହାନ ଉଦ୍ଦେଶ୍ୟ ପାଇଁ ରକ୍ତଦାନ କରିବାକୁ ଆହ୍ୱାନ କରିଥିଲେ ଯାହାଦ୍ୱାରା ମୂଲ୍ୟବାନ ମାନବ ଜୀବନ ରକ୍ଷା ହୋଇପାରିବ। ଏହି କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ଉତ୍ସାହର ସହ ଭାଗ ନେଇଥିଲେ। କଟକ ରେଡକ୍ରସ୍ ରକ୍ତଭଣ୍ଡାର ଦ୍ୱାରା ସଫଳତାର ସହିତ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ପଦକ୍ଷେପ ସମାଜ ସେବା ଏବଂ ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା ପ୍ରତି ବିଏସଏନଏଲ ଏବଂ ଟିଡବ୍ଲ୍ୟୁଡବ୍ଲ୍ୟୁଓ ଓଡ଼ିଶାର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ (ମାନବ ସମ୍ବଳ ଓ ପ୍ରଶାସନ) ଗଜେନ୍ଦ୍ର କୁମାର ଯାଦବ, ଟିଡବ୍ଲ୍ୟୁଡବ୍ଲ୍ୟୁଓ ସଚିବ ଗାୟତ୍ରୀ ମଲ୍ଲିକ ଏବଂ ଟିଡବ୍ଲ୍ୟୁଡବ୍ଲ୍ୟୁଓର ସକ୍ରିୟ ଅଂଶଗ୍ରହଣକାରୀ ଲିଲି ଜେନାମଣିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।



## ବିଧାନସଭା ଖବର

# ବର୍ଷକ ଭିତରେ ଆମ ବସ୍ ଦୁର୍ଘଟଣା: ଟ୍ୱିନ୍‌ସିଟିରେ ଯାଇଛି ୭ ଜୀବନ

**ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:** ବର୍ଷକ ଭିତରେ ଆମ ବସ୍ ଦୁର୍ଘଟଣା। ଟ୍ୱିନ୍ ସିଟିରେ ଯାଇଛି ୭ ଜୀବନ। ରାଜଧାନୀ ଭୁବନେଶ୍ୱରରେ ୬ ଜୀବନ ଯାଇଥିବାବେଳେ କଟକରେ ଯାଇଛି ଜଣଙ୍କର ଜୀବନ। ମଙ୍ଗଳବାର ବିଧାନସଭାରେଏହି ସୂଚନା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର। ସେ କହିଛନ୍ତି ଯେ, ସାତ ଯାତ୍ରୀ ମୃତ୍ୟୁ ବରଣ କରିଥିଲାବେଳେ ଆମ ବସ୍ ଦୁର୍ଘଟଣାରେ ବର୍ଷକ ମଧ୍ୟରେ ୮ ଜଣ ଗୁରୁତର ହୋଇଛନ୍ତି। ଏଥିରୁ ଭୁବନେଶ୍ୱରରେ ସର୍ବାଧିକ ୪ ଜଣ ଗୁରୁତର ହୋଇଥିବା ବେଳେ ପୁରୀ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ଜଣେ ଲେଖାଏଁ ଗୁରୁତର ହୋଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ବହୁବିଧ ପଦକ୍ଷେପ ନେଇଛନ୍ତି। ବର୍ଷକ ମଧ୍ୟରେ ସ୍ପିଡ୍ ଲିମିଟକୁ ଫିକ୍ସ ସହ ୨୮ ହଜାର ୭୦୦ ଥର ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ଇଲେକ୍ଟ୍ରିକ ବସ୍ ଗୁଡ଼ିକର ବେଗ ୩୫ କିମି ମଧ୍ୟରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଡିଜେଲ୍ ଚଳିତ ବର୍ଷର ବେଗ ୪୦ ଓ ରାଜପଥରେ ଚାଲୁଥିବା ଆମ ବସ୍ ଗୁଡ଼ିକର ବେଗ ୫୦ କିମି ଭିତରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।



# ୧୧୨୦ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ

**ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:** ରାଜ୍ୟରେ ଥିବା ୬୮୦୦ଟି ପଞ୍ଚାୟତ ମଧ୍ୟରୁ ୧୧୨୦ ପଞ୍ଚାୟତରେ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ହୋଇଛି। ଲୋକେ ସ୍ୱଚ୍ଛ ପୀନୟ ଜଳ ପାଇପାରୁଛନ୍ତି। ଅବଶିଷ୍ଟ ପଞ୍ଚାୟତଗୁଡ଼ିକରେ ପାନୀୟଜଳ ପ୍ରକଳ୍ପକାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ରହିଛି। ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ। ମନ୍ତ୍ରୀ କହିଛନ୍ତି ଯେ, ନିର୍ମାଣଧିନ ପ୍ରକଳ୍ପଗୁଡିକ ପର୍ଯ୍ୟାୟକ୍ରମେ ୨୦୨୭ ମାର୍ଚ୍ଚ ମାସ ଶେଷ ସୁଦ୍ଧା ସମାପ୍ତ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। କନ୍ଧମାଳ ଜିଲ୍ଲାରେ ମାତ୍ର ଦୁଇଟି ପଞ୍ଚାୟତରେ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ବଲାଙ୍ଗୀର ଓ ରାୟଗଡ଼ା ଜିଲ୍ଲାରେ ୩ଟି କରି, ସମ୍ବଲପୁର ଜିଲ୍ଲାରେ ୪ଟି ଓ ନୟାଗଡ ଜିଲ୍ଲାରେ ୬ଟି ପଞ୍ଚାୟତରେ ଏହା ସମ୍ପୂର୍ଣ୍ଣ ହୋଇଛି । ଝାରସୁଗୁଡ଼ା ଜିଲ୍ଲାରେ ମୋଟ ୭୮ଟି ପଞ୍ଚାୟତ ମଧ୍ୟରୁ ୨୩ଟି ପଞ୍ଚାୟତକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ କରାଯାଇଥିବା ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।



# ପ୍ରେମ ପାଇଁ ରକ୍ତମୁଖା ସାଜିଲା ଝିଅ

## ମା’ ଓ ଭାଇକୁ ବିଭତ୍ସ ହତ୍ୟା ପରେ ଶବକୁ ବସ୍ତାରେ ଭରି କେନାଲ୍‌କୁ ଫିଙ୍ଗିଲା

**ଜୟପୁର,୨୪।୨/ଏନ୍‌ଏନ୍‌ଏସ୍:** ପ୍ରେମ ପାଇଁ ରକ୍ତମୁଖା ସାଜିଲା ଝିଅ। ନିଜ ପ୍ରେମିକ ସହ ମିଶି ଜନ୍ମକଲା ମା’ ଓ ସାଙ୍ଗ ହୋଇ ବଢ଼ିଥିବା ଭାଇକୁ ଅତି ନିର୍ମମ ଭାବେ ହତ୍ୟା କରିବା ଭଳି ଏକ ଚାଞ୍ଚଲ୍ୟକର ଘଟଣା କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳରେ ଦେଖିବାକୁ ମିଳିଛି। ଗତ କିଛି ଦିନ ଧରି ନିଖୋଜ ଥିବା ମା’ ଓ ପୁଅଙ୍କ ରକ୍ତଭିଜା ମୃତଦେହ କେନାଲରୁ ବସ୍ତାବନ୍ଦୀ ଅବସ୍ଥାରେ ଉଦ୍ଧାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସହ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପୁଲିସ ମୁଖ୍ୟ ଅଭିଯୁକ୍ତ ଯୁବତୀ ଓ ତାଙ୍କ ପ୍ରେମିକଙ୍କୁ ଅଟକ ରଖି ଜେରା କରୁଛି।

ସୂଚନା ଅନୁଯାୟୀ, ମୃତକ ହେଲେ ମା’ ଅନୁଷ୍କା ପରିଡ଼ା ଓ ପୁଅ ଏହେମ ପରିଡ଼ା। ଗତ ୧୮ ତାରିଖ ରାତିରୁ ସେମାନେ ନିଖୋଜ ଥିବା ବେଳେ ୨୧ ତାରିଖରେ ପରିବାର ପକ୍ଷରୁ ବୋରିଗୁମ୍ମା ଥାନାରେ ଏକ ନିଖୋଜ ଏତଲା ଦିଆଯାଇଥିଲା। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ସୋମବାର କୋଟପାଡ଼ ଥାନା ଅଞ୍ଚଳର ଏକ କେନାଲରୁ ପ୍ରଥମେ ଭାଇ ଏହେମଙ୍କ ମୃତଦେହ ବସ୍ତା ଭିତରୁ ଜବତ କରାଯାଇଥିଲା। ଏହାର କିଛି ଘଣ୍ଟା ପରେ ଅର୍ଥାତ୍ ମଙ୍ଗଳବାର ସକାଳେ ଜୟନ୍ତଗିରି ନିକଟସ୍ଥ କେନାଲରୁ ମା’ ଅନୁଷ୍କାଙ୍କ ଶବ ମଧ୍ୟ ସମାନ ଅବସ୍ଥାରେ ଉଦ୍ଧାର କରାଯାଇଛି। ଶବଗୁଡ଼ିକ ରକ୍ତାକ୍ତ ଓ କ୍ଷତବିକ୍ଷତ ହୋଇଥିବାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଛି। ପୁଲିସର ପ୍ରାଥମିକ ତଦନ୍ତରୁ ଏକ ହୃଦୟବିଦାରକ ସତ୍ୟ ସାମ୍ନାକୁ ଆସିଛି।





ଯୁବତୀ ଜଣକ ସ୍ଥାନୀୟ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ, ଯାହାକୁ ତାଙ୍କ ମା’ ଓ ଭାଇ ଦୃଢ଼ ବିରୋଧ କରି ଆସୁଥିଲେ। ପ୍ରେମ ପଥରେ କଣ୍ଟା ସାଜିଥିବାରୁ ସେମାନଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବାକୁ ଯୁବତୀ ଜଣକ ନିଜ ପ୍ରେମିକ ଓ ଅନ୍ୟ ଜଣେ ବନ୍ଧୁଙ୍କ ସହାୟତାରେ ଏହି ବିଭତ୍ସ ନକ୍ସା ପ୍ରସ୍ତୁତ କରିଥିଲେ। ଗତ ୧୮ ତାରିଖ ବିଳମ୍ବିତ ରାତିରେ ନିଜ ଘର ଭିତରେ ହିଁ ସେମାନଙ୍କୁ ହତ୍ୟା କରାଯିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଶବକୁ ବସ୍ତାରେ ବାନ୍ଧି ଏକ ସ୍କୁଟି ଯୋଗେ ନେଇ କେନାଲରେ ଫିଙ୍ଗି ଦିଆଯାଇଥିଲା। ଘଟଣାକୁ ଚପାଇବା ପାଇଁ ମିଛ ନିଖୋଜର ନାଟକ ରଚାଯାଇଥିଲେ ହେଁ ପୁଲିସର କଡ଼ା ତଦନ୍ତ ଆଗରେ ଅଭିଯୁକ୍ତମାନେ ହାର ମାନିଛନ୍ତି। ବୋରିଗୁମ୍ମା ଏସଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି ଯେ, ଏହି ମାମଲାରେ ଅଭିଯୁକ୍ତ ଯୁବତୀ, ତାଙ୍କ ପ୍ରେମିକ ଓ ଅନ୍ୟ ଜଣେ ସହଯୋଗୀଙ୍କୁ ଅଟକ ରଖାଯାଇ ପଚରାଉଚରା ଜାରି ରହିଛି। ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳର ଅନୁଧ୍ୟାନ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଖୁବ୍ ଶୀଘ୍ର ଏହି ହତ୍ୟାକାଣ୍ଡରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ପ୍ରମାଣ ଜବତ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଚାଷୀ ମାରଣ ନୀତି ପ୍ରତିବାଦରେ ବିଶାଳ ସମାବେଶ

# ସରକାରଙ୍କ ନିଦ ହଜାଇଦେବ ବିଜେଡି: ନବୀନ

**ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:** କାହାଣୀରେ ଚାଲେନି ସରକାର, କାମ କରିବା ଦରକାର। ଲୋକ ଚାହାଁନ୍ତି ସେବା, ନେତାଙ୍କ ପ୍ରବଚନ ନୁହେଁ। ଏ ସରକାର ସ୍ଲୋଗାନ ଦେଉଛି ଜୟ କିଷାନ। କିନ୍ତୁ କାମରେ କରୁଛି ଭାଗୋ କିଷାନ। ଚାଷୀଙ୍କ ସମସ୍ୟା ସମାଧାନ ନ କଲେ ବିଜେଡି ଏ ସରକାରର କୁମ୍ଭକର୍ଣ୍ଣ ନିଦ ହଜେଇଦେବ। ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ଲୋୟର ପିଏମ୍‌ଜିରେ ବିଶାଳ ବିଜେଡି ଚାଷୀ ସମାବେଶରେ ଯୋଗଦେଇ ଏଭଳି ଭାବେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ଗର୍ଜିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନବୀନ କହିଛନ୍ତି ଯେ ଏ ସରକାର ଦୁଇ ବର୍ଷ ପୂରଣ ହେବାକୁ ଯାଉଛି। ଏ ସରକାର ନା ଠିକ୍ ନିଷ୍ପତ୍ତି ନେଇ ପାରୁଛନ୍ତି। ନା କାର୍ଯ୍ୟକାରୀ କରିପାରୁଛନ୍ତି। ନିର୍ବାଚନ ବେଳେ ବହୁତ ବଡ଼ ବଡ଼ କଥା କହୁଥିଲେ, ଲମ୍ବା ଲମ୍ବା ପ୍ରତିଶ୍ରୁତି ଦେଇଥିଲେ, କିନ୍ତୁ କିଛି କରିପାରୁନାହାନ୍ତି। ସବୁଥିରେ ଫେଲ୍। ନବୀନ କହିଛନ୍ତି ଯେ, ବିଜେଡି ସରକାର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ କରିଥିଲା। କାଳିଆ ଯୋଜନା କରିଥିଲା। ଋଣ ସୁବିଧା କରିଥିଲା। ଜଳସେଚନ ସୁବିଧା କରିଥିଲା। କିନ୍ତୁ ଏ ଡବଲ ଇଂଜିନ ସରକାର କରିଛି କ’ଣ ? ଚାଷୀକୁ ସାର ମିଳିଲାନି। ଧନ୍ୟ ସରକାର! କିଛି ଶୁଣୁନି। କଟନୀଛଟନୀ ବଢ଼ିଚାଲିଛି। ଚାଷୀ ଠିକ୍ ସମୟରେ ପଇସା ପାଉନି। ଅଭିଯୋଗ କଲେ ଚାଷୀ ମିଛ କହୁଛି ବୋଲି ସରକାର କହୁଛନ୍ତି। ଚାଷୀଙ୍କ ସମସ୍ୟା ନେଇ ସରକାରଙ୍କୁ ମୁଁ ଚିଠି ଲେଖିଥିଲି। ନିର୍ବାଚନ ପ୍ରତିଶ୍ରୁତି ଆନ୍ତରିକତା ସହ ପାଳନ କରିବାକୁ ସହିତ କଟନୀଛଟନୀ ବନ୍ଦ ପାଇଁ ସ୍ପେସିଆଲ ସ୍କ୍ୱାଡ଼ କରିବାକୁ ଅନୁରୋଧ କରିଥିଲି। ମିଲର ଓ ସରକାରୀ ଅଫିସରଙ୍କ ନେକ୍ସସ ଭାଙ୍ଗିବାକୁ କହିଥିଲି। ଇନପୁଟ ସୁବସିଡିରୁ ୧୫୦ କ୍ୟୁଣ୍ଟାଲ ଉଠାଇବାକୁ ଅନୁରୋଧ କରିଥିଲି। ୪୮ ଘଣ୍ଟାରେ ଡିବିଟିରେ ଚାଷୀକୁ ପଇସା ଦେବାକୁ ବି ପରାମର୍ଶ ଦେଇଥିଲି। ନବୀନ କହିଛନ୍ତି ଯେ, ପ୍ରଚାରରେ ଶହ ଶହ କୋଟି ଖର୍ଚ୍ଚ କରୁଛନ୍ତି ସରକାର। କିନ୍ତୁ, ଚାଷୀଙ୍କ ପାଇଁ କାହିଁକି ନାହିଁ ? ବୋଲି ପ୍ରଶ୍ନ କରି ନବୀନ କହିଛନ୍ତି ଯେ, ଗତ ଆଠ ଦିନ ହେଲା ଚାଷୀଙ୍କ ସମସ୍ୟା ପାଇଁ ବିଜେଡି ବିଧାନସଭାରେ ଲଢୁଛି। ହେଲେ ଏ ସରକାରର ଚାଷୀ ପ୍ରତି ଖାତିର ହିଁ ନାହିଁ। ସ୍ଲୋଗାନରେ ଜୟ କିଷାନ, କିନ୍ତୁ କାମରେ ଭାଗୋ କିଷାନ। ଚାଷୀ ତାର ହକ୍ ପାଉନି। ଆଇନ ଶୃଙ୍ଖଳା କଥା ନ କହିବା ଭଲ। ଏ ରାଜ୍ୟରେ କେହିବି ନିରାପଦ ନୁହନ୍ତି। ମା’ ମାନଙ୍କୁ ସୁରକ୍ଷା ମିଳୁନି। ଯୁବ ସମାଜକୁ ରୋଜଗାର ମିଳୁନି। ସାଧାରଣ ଲୋକର ଦୁଃଖ ସରୁନି। ତେଣୁ ବିଜେଡି ଲୋକଙ୍କ ପାଇଁ ଲଢ଼େଇ କରିଚାଲିବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।



ଅନ୍ୟପକ୍ଷରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ଧାନ ସଂଗ୍ରହ ପାଇଁ ପଞ୍ଜିକରଣ, ଟୋକନ ବିତରଣ, ମଣ୍ଡିରେ ଧାନ ସଂଗ୍ରହ ବ୍ୟବସ୍ଥା, କଟନୀ ଛଟନୀ ଇତ୍ୟାଦି ରାଜ୍ୟର ଚାଷୀ ମାନଙ୍କୁ ନାହିଁ ନଥିବା ଅସୁବିଧାରେ ପକାଇଛି। ରାଜ୍ୟର ପ୍ରତିଟି ବ୍ଲକରେ ଓ ଜିଲ୍ଲାରେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି । କିନ୍ତୁ ରାଜ୍ୟ ସରକାର ଚାଷୀମାନଙ୍କ ସମସ୍ୟାକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନାହାନ୍ତି। ଧାନ ସଂଗ୍ରହ କାର୍ଯ୍ୟ ସୁରୁଖୁରୁରେ ଚାଲିଛି ବୋଲି କହି ସରକାର ନିଜ ପିଠି ନିଜେ ଥାପୁଡ଼େଉଛନ୍ତି। କିନ୍ତୁ ସରକାରୀ ତଥ୍ୟ ରାଜ୍ୟ ସରକାରଙ୍କ ଦାବିକୁ ତାହା ମିଛ ବୋଲି ପ୍ରମାଣିତ କରୁଛି। ସେହିପରି ଦଳର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା କହିଛନ୍ତି, ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ବିରୋଧରେ ବିଜୁ ଜନତା ଦଳ ତରଫରୁ ଏକ ବିଶାଳ ବିକ୍ଷୋଭ ଆୟୋଜନ କରାଯାଇଛି। ଜନସମୁଦ୍ର ପାଲଟିଛି ଲୋୟର ପିଏମଜି। ରାଜ୍ୟର ଚାଷୀ ସମୁଦାୟକୁ ବିଭିନ୍ନ ପ୍ରତିଶ୍ରୁତିର ଅବିର ବୁଣି ଭୋଟ ହାତେଇବା ପରେ ଏବେ ଚାଷୀ ମାରଣ ନୀତି ଆପଣେଇଛନ୍ତି ସରକାର। ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ସେ କଡ଼ା ଭାଷାରେ କହିଛନ୍ତି। ଏମତି ବିଜେଡିର ବହୁ ନେତା ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧଦିବସ

# ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାସୁମନ ଅର୍ପଣ



**ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:** କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ କାନ୍ତକବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚନାରେ ଦେଶ ଓ ଜାତିପ୍ରେମର ଝଲକ ଦେଖିବାକୁ ମିଳିଥାଏ। ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ସହ ଓଡ଼ିଆଙ୍କ ହୃଦୟରେ ଜାତିପ୍ରୀତି ଜାଗ୍ରତ କରିବାରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। କାନ୍ତକବିଙ୍କ ଶ୍ରାଦ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢ଼ୀ, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ-ବାଚସ୍ପତି ଭବାନୀଶଙ୍କର ଭୋଇ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ବରିଷ୍ଠ ସାମ୍ବାଦିକ ଗୁରୁ କଲ୍ୟାଣ ମହାପାତ୍ର, ବୁଦ୍ଧିଜୀବୀ, ସମାଜସେବୀ ପ୍ରମୁଖ ଉପସ୍ଥିତ ରହି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କାନ୍ତକବିଙ୍କ ସ୍ମୃତିଚାରଣ କରିଛନ୍ତି।

## ରାଜ୍ୟରେ ଧାନ ସଂଗ୍ରହ ଜାରି

# ଅର୍ଦ୍ଧାଧିକ ଜିଲ୍ଲାରେ ୯୦ ପ୍ରତିଶତରୁ ଅଧିକ ଧାନ ସଂଗ୍ରହ

**ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:** ଖରିଫ ଋତୁ ୨୦୨୫-୨୬ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଧାର୍ଯ୍ୟ ଲକ୍ଷ୍ୟର ୮୦% ପ୍ରତିଶତ ଧାନ ସଂଗ୍ରହ କରାଯାଇଥିବା ବେଳେ ୧୩ରୁ ଅଧିକ ଜିଲ୍ଲା ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟର ୯୦% ଅତିକ୍ରମ କରିସାରିଛନ୍ତି। ଏଥିମଧ୍ୟରୁ ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ନୂଆପଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଭଳି ୭ଟି ଜିଲ୍ଲାରେ ୯୫% ରୁ ଅଧିକ ଧାନ କ୍ରୟ ହାସଲ କରାଯାଇଛି। ସୁବର୍ଣ୍ଣପୁର ୩,୭୬,୫୫୬ କ୍ୱିଣ୍ଟାଲ ଧାନ ସଂଗ୍ରହ ସହିତ ନିଜର ୯୮% ଧାନ ସଂଗ୍ରହ କରି ରାଜ୍ୟରେ ଆଗରେ ରହିଛି। ବୌଦ୍ଧ, ଦେବଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା ଏବଂ ରାୟଗଡ଼ା ଜିଲ୍ଲା ସଫଳତାର ସହ ୯୦% କ୍ରୟ ଲକ୍ଷ୍ୟ ଅତିକ୍ରମ କରିଛନ୍ତି। ସେହିଭଳି ଅନୁଗୁଳ, ବଲାଙ୍ଗିର, ବୌଦ୍ଧ, କଟକ, ଦେବଗଡ଼, ଗଜପତି, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ନୂଆପଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ଜିଲ୍ଲାଗୁଡ଼ିକରେ ପୂର୍ବ ଖରିଫ ଋତୁ ତୁଳନାରେ ଧାନ ସଂଗ୍ରହ ପରିମାଣରେ ଯଥେଷ୍ଟ ବୃଦ୍ଧି ପାଇଛି। ଏହା ବ୍ୟତୀତ, ଅନୁଗୁଳ, ବରଗଡ଼, ବଲାଙ୍ଗୀର, ବୌଦ୍ଧ, କଟକ, ଦେବଗଡ଼, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର ଏବଂ ସୁବର୍ଣ୍ଣପୁର ସମେତ ଅନେକ ଜିଲ୍ଲାରେ ଧାନ ସଂଗ୍ରହରେ ଅଂଶଗ୍ରହଣ କରୁଥିବା ଚାଷୀଙ୍କ ସଂଖ୍ୟାରେ ବୃଦ୍ଧି ପାଇଛି। ଯାହାଦ୍ୱାରା କ୍ରୟ ବ୍ୟବସ୍ଥା ପ୍ରତି ବଢୁଥିବା ବିଶ୍ୱାସକୁ ପ୍ରତିଫଳିତ କରେ। ଆଜି ସୁଦ୍ଧା, ଗତ ବର୍ଷ ତୁଳନାରେ ପ୍ରାୟ ୬୫,୦୦୦ ଅଧିକ ଚାଷୀ ମଣ୍ଡିରେ ସେମାନଙ୍କର ଧାନ ବିକ୍ରୟ କରିଛନ୍ତି। ଆଜି ସୁଦ୍ଧା, ସରକାର ଏମଏସପି ଏବଂ ଇନପୁଟ୍ ସହାୟତା ବାବଦରେ ୧୩୦୪୯୩୮ ଚାଷୀଙ୍କୁ ୧୭୨୧୨.୯ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଚାଷୀମାନଙ୍କ ସହଯୋଗ ପାଇଁ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୬୭ ଜାରି କରାଯାଇଛି। ଏହା ମାଧ୍ୟମରେ ଚାଷୀ ମାନେ ଯୋଗାଯୋଗ କରି ଅଧିକ ସୂଚନା ପାଇପାରିବେ।

# ଓଏଏସ୍‌ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୪।୨ /ଏନ୍‌ଏନ୍‌ଏସ୍:** ବୁଧବାର ଓଏଏସ୍‌ସ୍ତରରେ ଏକ ଛୋଟ ଅଦଳବଦଳ ହୋଇଛି। ଏନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ, କଟକ ତିଗିରିଆର ପୂର୍ବତନ ତହସିଲଦାର ଅକ୍ଷୟ କୁମାର ପରିଡାଙ୍କୁ କଟକ ନିଆଳି ବିଡିଓ ଭାବେ ନିଯୁକ୍ତି ମିଳିଛି। ପୁରୀ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ଯାଜପୁର ବିଞ୍ଝାରପୁର ବିଡିଓ ଭାବେ ନିଯୁକ୍ତି ମିଳିଛି। ସେହିପରି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଧ ଏକ ବିଜ୍ଞପ୍ତି ଆଜି ଜାରି ହୋଇଛି। ଯେଉଁଥିରେ ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପୁରୀ ଜିଲ୍ଲା ପରିଷଦର ସିଡିଓ କମ୍ ଇଓ ଭାବେ କାର୍ଯ୍ୟକରୁଥିବା ବେଳେ ତାଙ୍କୁ ଏସ୍‌ଜେଟିଏର ଆଡମିନିଷ୍ଟ୍ରେଟର(ନୀତି) ଭାବେ ନିଯୁକ୍ତ କରାଯାଇଛି।

# ଇଏସ୍‌ଆଇସି ଭୁବନେଶ୍ୱର ୭୫ତମ ଫାଉଣ୍ଡେସନ୍ ଦିବସ



**ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:** କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି), ଆଞ୍ଚଳିକ କାର୍ଯ୍ୟାଳୟ, ଓଡ଼ିଶା ଏହାର ୭୫ତମ ପ୍ରତିଷ୍ଠା ଦିବସ (ପ୍ଲାଟିନମ୍ ଜୟନ୍ତୀ) ପାଳିତ ହୋଇଯାଇଛି। ଯାହା ବୀମାଭୁକ୍ତ ବ୍ୟକ୍ତି ଏବଂ ସେମାନଙ୍କ ପରିବାରକୁ ସାମାଜିକ ସୁରକ୍ଷା ତଥା ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଏକ ମହତ୍ ମାଇଲଖୁଣ୍ଟ ପାଲଟିଛି। ମଙ୍ଗଳବାର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଡ଼ା. ବିଜୟ କୁମାର ସୁନ୍ଦରାୟ, ପ୍ରଫେସର ଏବଂ ବିଭାଗମୁଖ୍ୟ, ପିଏମ୍ ଏବଂ ଆଇଆର୍ ଉତ୍କଳ ବିଶ୍ୱବିଦ୍ୟାଳୟ, ଡ଼ା. ଆର୍. କେ. ପାଢ଼ୀ, ପୂର୍ବତନ ଏସ୍‌ଏମ୍‌ସି, ଇଏସଆଇସି, ମଦନ ମୋହନ ଧଳ, ଅଧ୍ୟକ୍ଷ, ନାଲକୋ, ମନୋଜ ବସନ୍ତରାଇ, ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ନିର୍ମାଣ ମଜଦୁର ମହାସଂଘ, ଜେଜେ ପତି, ସଂଯୁକ୍ତ ନିର୍ଦ୍ଦେଶକ, ଇଏସଆଇ ସ୍କିମ୍‌ର ଏବଂ ଅନ୍ୟାନ୍ୟ ହିତାଧିକାରୀମାନେ ଉପସ୍ଥିତ ରହିଥିଲେ।

ଇଏସ୍‌ଆଇ ନିଗମର ଆଞ୍ଚଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ୍ତ, ଆଞ୍ଚଳିକ କାର୍ଯ୍ୟାଳୟ, ଓଡିଶା, ଇଏସ୍‌ଆଇସି ର ପ୍ରମୁଖ ଲାଭ ବିଷୟରେ ସୂଚନା ଦେଇଛନ୍ତି। ସେ ଆରମ୍ଭରୁ ଇଏସ୍‌ଆଇସିର ଉଲ୍ଲେଖନୀୟ ଯାତ୍ରା ଏବଂ ଶ୍ରମିକ ଏବଂ ସେମାନଙ୍କ ପରିବାର ମଧ୍ୟରେ ସାମାଜିକ ସୁରକ୍ଷାକୁ ଶକ୍ତିଶାଳୀ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମଧ ଆଲୋକପାତ କରିଥିଲେ। ଏହି ବିଶେଷ ଅବସରରେ ସ୍ଥାୟୀ ଅକ୍ଷମତା ଲାଭ ପ୍ରାପ୍ତକର୍ତ୍ତା, ନିର୍ଭରଶୀଳ ଲାଭ ପ୍ରାପ୍ତକର୍ତ୍ତା, ବୀମାଭୁକ୍ତ ବ୍ୟକ୍ତି, ପ୍ରମୁଖ ନିଯୁକ୍ତିଦାତା ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। ହିତାଧିକାରୀମାନେ ଓ ପ୍ରମୁଖ ନିଯୁକ୍ତିଦାତା ମାନେ ଇଏସ୍‌ଆଇସି ଦ୍ୱାରା ପ୍ରଦାନ କରାଯାଇଥିବା ସେବାପ୍ରତି ନିଜ ସନ୍ତୋଷ ପ୍ରକାଶ କରିଥିଲେ। ପ୍ଲାଟିନମ୍ ଜୁବିଲି ଉତ୍ସବର ଅଂଶ ଭାବେ ଆସନ୍ତା ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ଏକ ବିଶେଷ ସେବା ପକ୍ଷ ପାଳନ କରାଯିବ। ଏହାର ଅନ୍ତର୍ଗତ ସେମିନାର/ଜାଗୃତି ଶିବିର, ସ୍ୱଚ୍ଛତା ଅଭିଯାନ, କର୍ମଚାରୀ/ନିର୍ଭରଶୀଳ ଓ ନିଯୋଜକମାନଙ୍କ ପାଇଁ ସୁବିଧା ସମାଗମ, ପ୍ରତିରୋଧକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ଯୋଗ ଓ ଆୟୁଷ ଶିବିର ଇତ୍ୟାଦି ଆୟୋଜିତ ହେବ। ପ୍ରକାଶଥାଉ କି, କର୍ମଚାରୀଙ୍କ ରାଜ୍ୟ ବୀମା ନିଗମ ଭାରତ ସରକାରଙ୍କ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା। ଏହା ଭାରତରେ ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଚିକିତ୍ସା ସେବା, ଅସୁସ୍ଥତା ସୁବିଧା, ମାତୃତ୍ୱ ସୁବିଧା ଏବଂ ବେକାରୀ ଭତ୍ତା ସହିତ ସାମାଜିକ ସୁରକ୍ଷା ସୁବିଧା ଯୋଗାଇଥାଏ। ବର୍ତ୍ତମାନ, ଇଏସ୍‌ଆଇସି ୩.୮୪ କୋଟି ଆଇପି ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ସମୁଦାୟ ୧୫ କୋଟି ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରୁଛି।

## ଓଡ଼ିଶାରେ ସାହସିକ ପର୍ଯ୍ୟଟନର ନୂଆ ଅଧ୍ୟାୟ

# ‘ଗୋ-ଆଡ୍‌ଭେଞ୍ଚର୍’ପୋର୍ଟାଲର ଶୁଭାରମ୍ଭ

## ସୁରକ୍ଷା ସର୍ବୋପରି: ଉପମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୨୪।୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ହେବ ପୂର୍ବ ଭାରତର ପ୍ରମୁଖ ସାହସିକ ପର୍ଯ୍ୟଟନ କେନ୍ଦ୍ର। ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଲୋକ ସେବା ଭବନରେ ‘ଗୋ-ଆଡ୍‌ଭେଞ୍ଚର୍’ପୋର୍ଟାଲର ଶୁଭାରମ୍ଭ କରିବା ସହ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନ ଏବଂ ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶାରେ ସାହସିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି। ଆଧ୍ୟାତ୍ମିକ ପର୍ଯ୍ୟଟନରେ ସୀମିତ ନରହି, ଏହାକୁ କିଭଳି ଅନୁଭୂତିଭିତ୍ତିକ ପର୍ଯ୍ୟଟନ ସହ ଯୋଡ଼ାଯାଇପାରିବ, ସେଥିପାଇଁ ସରକାର ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସାହସିକ ପର୍ଯ୍ୟଟନର ପ୍ରଚଳନ ଯୁବ ଉଦ୍ୟୋଗୀମାନଙ୍କୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶ କରିବାକୁ ଆକର୍ଷିତ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଓଡ଼ିଶାର ପର୍ଯ୍ୟଟନ ପରିଦୃଶ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ପାଇଁ ପର୍ଯ୍ୟଟନ, କ୍ରୀଡ଼ା ଏବଂ ଗୃହ ବିଭାଗ ମିଳିତ ଭାବେ କାର୍ଯ୍ୟ କରୁଥିବାରୁ ସେ ଏହି ସହଯୋଗୀ ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏଥିସହ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ପାଇଁ ସେ ସମସ୍ତ ବିଭାଗକୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ ‘ରାଜ୍ୟ ସରକାର ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ରଖି ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି’। ସମ୍ପୃକ୍ତ ସମସ୍ତ ବିଭାଗ, ନିଜ ବିଭାଗ ସହିତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କ’ଣ କରାଯାଇ ପାରିବ, ସେଥିପ୍ରତି ଧ୍ୟାନ ଦେବା ସହିତ ସାମୂହିକ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାହସିକ ପର୍ଯ୍ୟଟନ ସ୍ଥାନୀୟ ଅର୍ଥନୀତି ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଓଡ଼ିଶା ପର୍ଯ୍ୟଟନର ନୂଆ ଦିଗ ଉପସ୍ଥାପନ କରି ସେ ‘ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା’ ମନ୍ତ୍ରକୁ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ‘ଗୋ-ଆଡଭେଞ୍ଚର୍’ ପୋର୍ଟାଲ ସାହସିକ ପର୍ଯ୍ୟଟନ ପ୍ରକଳ୍ପଗୁଡ଼ିକର ପଞ୍ଜିକରଣ, ଯାଞ୍ଚ ଏବଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ସରଳ କରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ମତ ପ୍ରକାଶ କରିଛନ୍ତି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନ ସହ ଚୁକ୍ତି ଦ୍ୱାରା ଟ୍ରେକିଂ ଏବଂ ରକ୍ କ୍ଲାଇମ୍ବିଂ ଭଳି ସ୍ଥଳଭାଗରେ କରାଯାଉଥିବା ସାହସିକ କାର୍ଯ୍ୟକଳାପର ସୁରକ୍ଷା ଯାଞ୍ଚ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଇପାରିବ। ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ସହ ଭାଗିଦାରୀତା, ପାରାଗ୍ଲାଇଡିଂ ଏବଂ ପାରାମୋଟରିଂ ଭଳି ଆକାଶମାର୍ଗର ସାହସିକ କ୍ରୀଡ଼ାକୁ ନିୟମିତ କରିବା ସହ ଜାତୀୟ ବିମାନ ଚଳାଚଳ ସୁରକ୍ଷା ନିୟମ ଅନୁଯାୟୀ ଏହାର ସମ୍ପ୍ରସାରଣ କରାଯିବ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଏରୋ କ୍ଲବ୍ ଅଫ୍ ଇଣ୍ଡିଆର ସଭାପତି ରାଜୀବ ପ୍ରତାପ ରୁଡି ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର୍ ସ୍ପୋର୍ଟସ୍ ଗୋଆରୁ ଡ. ପୱନ ଗୁପ୍ତା ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଅଗ୍ନିଶମ ଓ ଜରୁରୀକାଳୀନ ସେବାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଏହି ସମାରୋହରେ ଉପସ୍ଥିତ ଥିଲେ। ଏଥିସହିତ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂହ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସାହସିକ ପର୍ଯ୍ୟଟନ କ୍ଷେତ୍ରର ବୈଷୟିକ ସହଯୋଗ ପାଇଁ ଏରୋ କ୍ଲବ୍ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଅରବିନ୍ଦ ବଦୋନି ଏବଂ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନର ଅନରାରୀ ସମ୍ପାଦକ କୀର୍ତ୍ତି ପାଇସା ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥାକୁ ନେଇ ଓଡ଼ିଶା ପୁଲିସର ଆଇଜି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଉମାଶଙ୍କର ଦାଶ ମଧ୍ୟ ଏହି ଅବସରରେ ଯୋଗ ଦେଇଥିଲେ।

# ହାଇକୋର୍ଟ ସମେତ ରାଜ୍ୟର ୭ କୋର୍ଟକୁ ବୋମା ଧମକ

**କୋଲକାତା, ୨୪।୨/ଏଜେନ୍ସି:** ଦେଶରେ ଏବେ ନିୟମିତ ଭାବେ ବୋମା ଧମକ ମିଳିବାରେ ଲାଗିଛି। ମଙ୍ଗଳବାର ମଧ୍ୟ ଏପ୍ରକାର ଇ-ମେଲ୍ ଯୋଗେ କୋଲକାତା ହାଇକୋର୍ଟ ସମେତ ରାଜ୍ୟର ୭ଟି କୋର୍ଟକୁ ବୋମା ଧମକ ମିଳିଛି। ଧମକପୂର୍ଣ୍ଣ ଇ-ମେଲ୍ ପାଇବା ପରେ କୋର୍ଟ ପରିସରରେ ଆତଙ୍କିତ ପରିବେଶ ସୃଷ୍ଟି ହୋଇଛି। ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ଅଛନ୍ତି। ଏବଂ ସମସ୍ତ ସ୍ଥାନରେ ତଲାସୀ ଅଭିଯାନ ଚାଲିଛି। କେବଳ



ପଶ୍ଚିମବଙ୍ଗର ରାଜଧାନୀ କୋଲକାତା, ଆସାନସୋଲରେ ନୁହେଁ, ବରଂ ରାଜ୍ୟର ପାଞ୍ଚଟି ଜିଲ୍ଲାରେ ହାଇ ଆଲର୍ଟ ଜାରି କରାଯାଇଛି। ସୂଚନା ଅନୁଯାୟୀ, କୋଲକାତା ହାଇକୋର୍ଟ ବ୍ୟତୀତ ଆସାନସୋଲ, ଦୁର୍ଗାପୁର, ବହରମପୁର, ସିଉଡି, ରାମପୁରହାଟ ଏବଂ ଆଲିପୁର କୋର୍ଟକୁ ଧମକପୂର୍ଣ୍ଣ ଇମେଲ୍ ମିଳିଥିଲା। ଅନ୍ୟପକ୍ଷେ ଏପ୍ରକାର ସୂଚନା ପାଇବା ମାତ୍ରେ, ରାଜ୍ୟ ପୁଲିସ୍ କମିଶନରଙ୍କ ପକ୍ଷରୁ ସମସ୍ତ ଇ-ମେଲ୍ ମିଳିଥିବା କୋର୍ଟ ପରିସରରେ ବଡ଼ ଧରଣର ଯାଞ୍ଚ ପ୍ରକ୍ରିୟା କରାଯାଇଥିଲା। ଏସବୁ ସ୍ଥାନରେ ପୁଲିସ ଫୋର୍ସ ପହଞ୍ଚି ସମଗ୍ର କୋର୍ଟ ପରିସରକୁ ଘେରାବନ୍ଦୀ କରିଥିଲେ। ସାଧାରଣ ଲୋକଙ୍କ ପ୍ରବେଶକୁ ତୁରନ୍ତ ନିଷେଧ କରାଯାଇଥିଲା। ବମ୍ ସ୍କ୍ୱାଡ୍ ଏବଂ ଡଗ୍ ସ୍କ୍ୱାଡ୍ ଦଳକୁ ଡାକି କୋର୍ଟ ପରିସରର ସମ୍ପୂର୍ଣ୍ଣ ତଲାସୀ କରାଯାଇଥିଲା। ତେବେ ବ୍ୟାପକ ଖାନ୍ ତଲାସୀ ପରେ ମଧ୍ୟ କୌଣସି ସନ୍ଦିଗ୍ଧ ବସ୍ତୁ କିମ୍ବା ବିସ୍ଫୋରକ ସାମଗ୍ରୀ ଠାବ କରାଯାଇନାହିଁ।

### ଏଆଇ ସମ୍ମିଳନୀରେ ଟପ୍‌ଲେସ୍ ପ୍ରଦର୍ଶନ ଘଟଣା

# ଯୁବ କଂଗ୍ରେସ ଅଧକ୍ଷ ଗିରଫ

**ନୂଆଦିଲ୍ଲୀ,୨୪।୨/ଏଜେନ୍ସି:** ରାଜଧାନୀ ନୂଆଦିଲ୍ଲୀ ଠାରେ ଏଆଇ ସମ୍ମିଳନୀ ଆୟୋଜନ ହେଉଥିବା ସମୟରେ ଭାରତ ମଣ୍ଡପମ୍‌ରେ ହୋଇଥିବା ସାର୍ଟଲେସ୍ ପ୍ରତିବାଦରେ ଗିରଫଦାରୀ ଜାରି ରହିଛି। ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ଅଧକ୍ଷ (ଆଇଓ୍ୱାଇସି) ଉଦୟ ଭାନୁ ଚିବଙ୍କୁ ଦିଲ୍ଲୀ ପୁଲିସ୍ ମଙ୍ଗଳବାର ସକାଳୁ ଗିରଫ କରିଛି। ତାଙ୍କୁ ମିଶାଇ ଏପର୍ଯ୍ୟନ୍ତ ମୋଟ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଦିଲ୍ଲୀ



ପୁଲିସ୍ ସୂଚନା ଦେଇଛି। ଅନ୍ୟପକ୍ଷେ ଗିରଫ କରିବା ପରେ ପରେ ଦିଲ୍ଲୀ ପୁଲିସ୍ ଉଦୟ ଭାନୁ ଚିବଙ୍କୁ କୋର୍ଟରେ ହାଜର କରିଛି। ଏହି ସମୟରେ ପଟିଆଲା ହାଉସ କୋର୍ଟ ଭିତରେ ଏବଂ ବାହାରେ ଅର୍ଦ୍ଧସାମରିକ ବାହିନୀ ମୁତୟନ ପୂର୍ବକ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରାଯାଇଥିଲା। ଏସବୁ ମଧ୍ୟରେ କୋର୍ଟ ବାହାରେ ବହୁ ସଂଖ୍ୟକ କଂଗ୍ରେସ କର୍ମୀ ଏକାଠି ହୋଇ ନାରାବାଜି କରିବା ଦେଖିବାକୁ ମିଳିଥିଲା। ଉଦୟ ଭାନୁ ଚିବଙ୍କ ଗିରଫଦାରୀ ଉପରେ କଂଗ୍ରେସ ଦଳ ପ୍ରତିକ୍ରିୟା ପ୍ରକାଶ କରିଛି। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ କଂଗ୍ରେସ ଲେଖିଛନ୍ତି, ଆଇଓ୍ୱାଇସି ରାଷ୍ଟ୍ରୀୟ ଅଧକ୍ଷ ଉଦୟ ଭାନୁ ଚିବଙ୍କ ଗିରଫଦାରୀ ସମ୍ପୂର୍ଣ୍ଣ ଅସାମ୍ବିଧାନିକ। ଭାରତର ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ପ୍ରତିବାଦ କରିବାର ଅଧିକାର ଗ୍ୟାରେଣ୍ଟି ଦିଏ। ଆମେ ଏହି କୌଶଳ ଦ୍ୱାରା ଭୟଭୀତ ହେବୁ ନାହିଁ। ଆମେ ଲୋକଙ୍କ ସ୍ୱର ଉଠାଇବା ଏବଂ ସେମାନଙ୍କ ପାଇଁ ଲଢ଼ିବା ଜାରି ରଖିବୁ।

# ଗଠନ ହେଲା ସଂସଦୀୟ ବନ୍ଧୁତା ଗୋଷ୍ଠୀ

**ନୂଆଦିଲ୍ଲୀ, ୨୪।୨/ଏଜେନ୍ସି:** ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ଦିନ ୬୪ଟି ଦେଶକୁ ନେଇ ସଂସଦୀୟ ବନ୍ଧୁତା ଗୋଷ୍ଠୀ (ପିଏଫ୍‌ଜି) ଗଠନ କରିଛନ୍ତି। ଏହି ଗୋଷ୍ଠୀଗୁଡ଼ିକର ଲକ୍ଷ୍ୟ ହେଉଛି ଅନ୍ୟ ଦେଶ ସହିତ ସଂସଦୀୟ କୂଟନୀତିକୁ ମଜବୁତ କରିବା ଏବଂ ବିଶ୍ୱ ମଞ୍ଚରେ ଭାରତର ସଂସଦର ଏକତା ଗଣତାନ୍ତ୍ରିକ ସ୍ୱରକୁ ଉପସ୍ଥାପନ କରିବା। କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ଏସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି ଯେ, ଅପରେସନ୍ ସିନ୍ଦୁରର ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ଏବଂ ଅନ୍ୟ ଦେଶ ମଧ୍ୟରେ ଆଲୋଚନା ବୃଦ୍ଧି କରିବା ପାଇଁ ପିଏଫ୍‌ଜି ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ। ଲୋକସଭା ବାଚସ୍ପତି ଏବେ ଏଦିଗରେ କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବକ ଏପ୍ରକାର ଏକ ସଂଗଠନ ଗଠନ କରିଛନ୍ତି।

- ୬୪ ଦେଶ ସହ ସଂସଦୀୟ କୂଟନୀତିକୁ ମଜବୁତ୍ କରିବା ମୁଖ୍ୟ ଲକ୍ଷ୍ୟ
- ଲୋକସଭା ବାଚସ୍ପତିଙ୍କ ଅଧକ୍ଷତାରେ ଗଠିତ ହୋଇଛି ପିଏଫ୍‌ଜି
- ୬୪ଟି ଗୋଷ୍ଠୀରେ ଲୋକ-ସଭା ଏବଂ ରାଜ୍ୟସଭାର ମୋଟ୍ ୭୦୪ ଜଣ ସାଂସଦ
- ଫ୍ରାନ୍ସରେ ନେତୃତ୍ୱ ନେବେ ଥରୁର୍, ଜାପାନ୍‌ରେ ଅଖିଳେଶ ଯାଦବ

୬୪ଟି ଗୋଷ୍ଠୀରେ ଲୋକସଭା ଏବଂ ରାଜ୍ୟସଭାର ମୋଟ୍ ୭୦୪ ଜଣ ସଂସଦ ଅଛନ୍ତି। ପ୍ରତ୍ୟେକ ଗୋଷ୍ଠୀରେ ଜଣେ ନେତା ଏବଂ ୧୦ ଜଣ ସଦସ୍ୟ ଅଛନ୍ତି। ବିଜେପିରେ ସର୍ବାଧିକ ସଂଖ୍ୟକ ଗୋଷ୍ଠୀ ନେତା ଅଛନ୍ତି, ଯାହାଙ୍କ ସଂଖ୍ୟା ୩୦। କଂଗ୍ରେସ ଦଳର ୧୦ଜଣ, ସମାଜବାଦୀ ପାର୍ଟିର ୩ ଜଣ, ଦ୍ରାବିଡ଼ ମୁନେତ୍ର କାଝଗମ (ଡିଏମ୍‌କେ) ଏବଂ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୩ ସାଂସଦଙ୍କୁ ଗୋଷ୍ଠୀ ନେତା ଭାବରେ ନିଯୁକ୍ତ କରାଯାଇଛି। ବିଜେପିର ଗୋଷ୍ଠୀ ନେତାଙ୍କ ମଧ୍ୟରେ ହେମା ମାଳିନୀ, ମନୋଜ ତିଓ୍ୱାରୀ ଏବଂ ନିଶିକାନ୍ତ ଦୁବେଙ୍କ ଭଳି ପ୍ରମୁଖ ବ୍ୟକ୍ତିତ୍ୱ ଅନ୍ତର୍ଭୁକ୍ତ ରହିଥିବା ବେଳେ କଂଗ୍ରେସ ଦଳରୁ ଶଶି ଥରୁର, ଟିଏମସିରୁ ଅଭିଷେକ ବାନାର୍ଜୀ ଏବଂ ଇଓଗଓଗ ମୁଖ୍ୟ ଅସାଦୁଦ୍ଦିନ




ଓଓ୍ୱେସୀଙ୍କୁ ମଧ୍ୟ ଗୋଷ୍ଠୀ ନେତା ଭାବରେ ନିଯୁକ୍ତ କରାଯାଇଛି। ତେବେ ପିଏଫ୍‌ଜି ସଦସ୍ୟମାନେ କିପରି କାର୍ଯ୍ୟ କରିବେ ସେ ବିଷୟରେ ଆନୁଷ୍ଠାନିକ ବିବରଣୀ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ। କିନ୍ତୁ ଏସବୁ ପ୍ରତିନିଧିମାନେ ଶ୍ରୀଲଙ୍କା, କାଜାକସ୍ତାନ, ଜର୍ମାନୀ, ନ୍ୟୁଜିଲାଣ୍ଡ, ସ୍ୱିଜରଲାଣ୍ଡ, ଆର୍ଜେଣ୍ଟିନା, ଦକ୍ଷିଣ ଆଫ୍ରିକା, ଭୁଟାନ୍,ଫିଜି, ସାଉଦିଆରବ, ଇସ୍ରାଏଲ୍, ମାଳଦ୍ୱୀପ, ଆମେରିକା, କୁଏତ୍, ଥାଇଲାଣ୍ଡ, ରୁଷ୍, ମରିସସ୍, ଇଥିଓପିଆ, ୟୁରୋପୀୟ ସଂସଦ, ଇରାନ୍, ୟୁକ୍ରେନ୍, ମେକ୍ସିକୋ, ଭିଏତନାମ୍, ନେପାଳ, ବ୍ରାଜିଲ ଆଦି ୬୪ ଦେଶକୁ ଗସ୍ତ କରିବେ ଏବଂ ସେଠାକାର ସାଂସଦମାନଙ୍କ ସହ ଦ୍ୱିପାକ୍ଷିକ ବନ୍ଧୁତା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ କାମ କରିବେ।

ସୂଚନାଯୋଗ୍ୟ ସେପ୍ଟେମ୍ବର ୧୭, ୨୦୨୫ରେ, କେନ୍ଦ୍ର ସରକାର ଅପରେସନ ସିନ୍ଦୂର ପରେ ବିଶ୍ୱ ସ୍ତରରେ ଭାରତର ସ୍ଥିତି ପ୍ରତିନିଧିତ୍ୱ କରିବା ପାଇଁ ୫୯ ସଦସ୍ୟ ବିଶିଷ୍ଟ ପ୍ରତିନିଧି ଦଳ ଘୋଷଣା କରିଥିଲେ। ଏହି ପ୍ରତିନିଧି ଦଳରେ ୫୧ ନେତା ଏବଂ ୮ ଜଣ ରାଷ୍ଟ୍ରଦୂତ ଥିଲେ। ଏହି ପ୍ରତିନିଧି ଦଳରେ ଏନ୍‌ଡିଏର ୩୧ ନେତା ଏବଂ ଅନ୍ୟ ଦଳର ୨୦ ଜଣ, ଯେଉଁଥିରେ ୩ ଜଣ କଂଗ୍ରେସ ନେତା ମଧ୍ୟ ସାମିଲ ଥିଲେ। ଏହି ପ୍ରତିନିଧି ଦଳ ୩୩ଟି ଦେଶ, ମୁଖ୍ୟତଃ ଜାତିସଂଘ ସୁରକ୍ଷା ପରିଷଦ (ୟୁନ୍‌ଏସ୍‌ସି) ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିଥିଲେ ଏବଂ ଅପରେସନ ସିନ୍ଦୂର ଏବଂ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଉପରେ ଭାରତର ସ୍ଥିତି ଉପସ୍ଥାପନ କରିଥିଲେ। ସେତେବେଳେ ଏହି ପ୍ରତିନିଧି ଦଳକୁ ୭ଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା, ପ୍ରତ୍ୟେକ ଗୋଷ୍ଠୀର ନେତା ଭାବରେ ଜଣେ ସାଂସଦ ଥିଲେ। ପ୍ରତ୍ୟେକ ଗୋଷ୍ଠୀରେ ୮ରୁ ୯ ସଦସ୍ୟ ଥିଲେ, ଯେଉଁଥିରେ ୬ରୁ ୭ଜଣ ଜଣ ସାଂସଦ, ବରିଷ୍ଠ ନେତା (ପୂର୍ବ ମନ୍ତ୍ରୀ) ଏବଂ ରାଷ୍ଟ୍ରଦୂତ ସାମିଲ ଥିଲେ। ଏହି ୭ଟି ପ୍ରତିନିଧି ଦଳ ବିଶ୍ୱକୁ ୫ଟି ବାର୍ତ୍ତା ପ୍ରଦାନ କରିଥିଲେ। ଏହି ୫ ବାର୍ତ୍ତା ଥିଲା ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା, ପାକିସ୍ତାନ ଆତଙ୍କବାଦର ସମର୍ଥକ, ଭାରତ ଜବାବ ଦେବାକୁ ସକ୍ଷମ ସହ ଏବଂ ସଂଯମତା ରକ୍ଷାକାରୀ, ଆତଙ୍କବାଦ ବିରୁଦ୍ଧରେ ବିଶ୍ୱ ଏକଜୁଟ୍ ହେବା ଏବଂ ପାକିସ୍ତାନ ଉପରେ ଭାରତୀୟ ନୀତି। ତେବେ ଏହି ପ୍ରତିନିଧି ଦଳ ଯେତେବେଳେ ସେମାନଙ୍କ କାର୍ଯ୍ୟ ସମ୍ପନ୍ନ କରି ଭାରତ ଫେରିଥିଲେ ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତ ପ୍ରତିନିଧିମାନଙ୍କୁ ଏକ ନୈଶ୍ୟ ଭୋଜିକୁ ଆମନ୍ତ୍ରଣ କରିବା ସହ ସାକ୍ଷାତ କରିଥିଲେ।

### ଝୋଟ ଚାଷୀଙ୍କ ପାଇଁ ବଡ଼ ଉପହାର: କ୍ୱିଣ୍ଟାଲ୍ ପିଛା ବଢ଼ିଲା ୨୭୫ ଟଙ୍କା

# କଞ୍ଚା ଝୋଟର ଏମ୍‌ଏସ୍‌ପି ବୃଦ୍ଧିକୁ କ୍ୟାବିନେଟ୍ ଅନୁମୋଦନ

**ନୂଆଦିଲ୍ଲୀ, ୨୪।୨/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ମଙ୍ଗଳବାର ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ୨୦୨୬-୨୭ ମାର୍କେଟିଂ ସିଜିନ୍ ପାଇଁ କଞ୍ଚା ଝୋଟ ପାଇଁ ସଂଶୋଧିତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)କୁ ଅନୁମୋଦନ କରିଛି। ୨୦୨୬-୨୭ ଋତୁ ପାଇଁ କଞ୍ଚା ଝୋଟ (ଟିଡି-୩ ଗ୍ରେଡ୍)ର ଏମ୍‌ଏସ୍‌ପି ପ୍ରତି କ୍ୱିଣ୍ଟାଲ ୫,୯୨୫ ଟଙ୍କା ସ୍ଥିର କରାଯାଇଛି। ଏହା ସର୍ବଭାରତୀୟ ଓ୍ୱେଟେଡ୍ ହାରାହାରି ଉତ୍ପାଦନ ଖର୍ଚ୍ଚ ତୁଳନାରେ ୬୧.୮% ରିଟର୍ଣ୍ଣ ସୁନିଶ୍ଚିତ କରିବ। ୨୦୨୬-୨୭ ବଜାର ଋତୁ ପାଇଁ କଞ୍ଚା ଝୋଟ ପାଇଁ ଘୋଷିତ ଏମ୍‌ଏସ୍‌ପି ୨୦୧୮-୧୯ ବଜେଟରେ ସରକାରଙ୍କ ଦ୍ୱାରା ଘୋଷିତ ସର୍ବଭାରତୀୟ ଓ୍ୱେଟେଡ୍ ହାରାହାରି ଉତ୍ପାଦନ ଖର୍ଚ୍ଚର ଅତି



କମରେ ୧.୫ ଗୁଣ ସ୍ତରରେ କଞ୍ଚା ଝୋଟ ସ୍ଥିର କରିବାର ନୀତି ସହିତ ସଙ୍ଗତ। ୨୦୨୬-୨୭ ମାର୍କେଟିଂ ସିଜିନ୍ ପାଇଁ କଞ୍ଚା ଝୋଟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଗତ ୨୦୨୫-୨୬ ମାର୍କେଟିଂ ସିଜିନ୍ ତୁଳନାରେ ପ୍ରତି କ୍ୱିଣ୍ଟାଲ୍ ୨୭୫ ଟଙ୍କା ବୃଦ୍ଧି ପାଇଛି। ସରକାର ୨୦୧୪-୧୫ରେ ପ୍ରତି କ୍ୱିଣ୍ଟାଲ୍ ୨୪୦୦ ଟଙ୍କାରୁ ୫,୯୨୫ ଟଙ୍କାକୁ ବୃଦ୍ଧି କରିଛନ୍ତି, ଯାହା ଦ୍ୱାରା ପ୍ରତି କ୍ୱିଣ୍ଟାଲ୍ ୩,୫୨୫ ଟଙ୍କା (୨.୫ ଗୁଣ) ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୨୫-୨୬ ସମୟ ମଧ୍ୟରେ ଝୋଟ ଚାଷ କରୁଥିବା ଚାଷୀମାନଙ୍କୁ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୧୩୪୨ କୋଟି ଟଙ୍କା ଥିଲା, ଯେତେବେଳେ ୨୦୦୪-୦୫ ରୁ ୨୦୧୩-୧୪ ସମୟ ମଧ୍ୟରେ ଦିଆଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ ୪୪୧ କୋଟି ଟଙ୍କା ଥିଲା। ଭାରତୀୟ ଝୋଟ ନିଗମ ମୂଲ୍ୟ ସହାୟକ କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ନୋଡାଲ୍ ଏଜେନ୍ସି ଭାବରେ ଜାରି ରହିବ ଏବଂ ଏପରି କାର୍ଯ୍ୟରେ ହୋଇଥିବା କ୍ଷତି, ଯଦି କୌଣସି ଥାଏ, ତେବେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବରେ ଭରଣା କରିବେ। ଝୋଟ ହେଉଛି ଆମ ଦେଶର ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ବ୍ୟାଗ, ରଶି ଏବଂ କାର୍ପେଟ ପରି ସାମଗ୍ରୀ ତିଆରି ପାଇଁ ଏହା ବ୍ୟବହୃତ ହୁଏ। ଏମ୍‌ଏସ୍‌ପିବୃଦ୍ଧି ପାଇବା ଦ୍ୱାରା ଚାଷୀମାନେ ଝୋଟ ଚାଷ ପାଇଁ ଅଧିକ ଉତ୍ସାହିତ ହେବେ, ଯାହା ଦ୍ୱାରା ଉତ୍ପାଦନ ଏବଂ ଗୁଣବତ୍ତା ଉଭୟରେ ଉନ୍ନତି ଆସିବ। ଏହି ପଦକ୍ଷେପ ଭାରତକୁ ଝୋଟ ଶିଳ୍ପରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବ।

### ନିର୍ବାଚନ ଆୟୋଗଙ୍କ କଡ଼ା ନିର୍ଦ୍ଦେଶ

# ଆଦର୍ଶ ଆଚରଣ ସଂହିତା ଲାଗୁ ପୂର୍ବରୁ ମୁତୟନ ହେବେ ସିଏପିଏଫ୍ ଫୋର୍ସ

**ନୂଆଦିଲ୍ଲୀ,୨୪।୨/ଏଜେନ୍ସି:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ ଆୟୋଗ (ଇସି) ରାଜ୍ୟ ପୁଲିସକୁ ଯଥାଶୀଘ୍ର ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇସି କହିଛନ୍ତି ଯେ, ରାଜ୍ୟରେ



ନିର୍ବାଚନ ଆଦର୍ଶ ଆଚରଣ ସଂହିତା ଲାଗୁ ହେବା ପୂର୍ବରୁ ସିଏପିଏଫ୍ ଫୋର୍ସ ମୁତୟନ କରିବାକୁ ରାଜ୍ୟ ପୁଲିସ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟରେ ମୋଟ୍ ୪୮୦ କମ୍ପାନୀ ସିଏପିଏଫ୍ ଫୋର୍ସ ମୁତୟନ କରିବାକୁ ଇସି କହିଛନ୍ତି। ଅନ୍ୟପକ୍ଷେ ମାର୍ଚ୍ଚ ୧ ତାରିଖରେ ୨୪୦ କମ୍ପାନୀ ଫୋର୍ସ ଏବଂ ମାର୍ଚ୍ଚ ୧୦ରେ ୨୪୦ କମ୍ପାନୀ ଫୋର୍ସ ପଠାଯିବ ବୋଲି ନିର୍ବାଚନ କମିଶନ ପକ୍ଷରୁ ଅବଗତ କରାଯାଇଛି। କମିଶନ କହିଛନ୍ତି, ଏହି କାମ ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ସୁଦ୍ଧା ସମାପ୍ତ କରିବାକୁ କୁହାଯାଇଛି। ଅଞ୍ଚଳଗୁଡ଼ିକର ଚିହ୍ନଟ ଆଧାରରେ, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ନିୟୋଜିତ କରାଯିବ। ଅନ୍ୟପକ୍ଷେ ନିର୍ବାଚନ ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।



**ଲକ୍ଷ୍ନୌ:** ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। କୌଣସି ପ୍ରକାଶ ଗଣ୍ଡଗୋଳ ତଥା ହିଂସାକୁ ଏଡାଇବା ପାଇଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି। ଏହାସତ୍ତ୍ୱେ ଆଜି ଦିନରେ ହିନ୍ଦୁ ସଂଗଠନ ପକ୍ଷରୁ ଏଠାରେ ହନୁମାନ ଚାଳିଶା ପାଠ କରାଯାଇଛି। ଗତକାଲି ଏକ ନିର୍ଦ୍ଦିଷ୍ଟ ଧର୍ମର ଛାତ୍ରମାନେ ସାମୂହିକ ବିଶ୍ୱବିଦ୍ୟାଳୟ ପରିସରରେ ନମାଜ ପାଠ କରିଥିବା ବେଳେ ଏହାର ବିରୋଧରେ ଆଜି ହନୁମାନ ଚାଳିଶା ପାଠ କରାଯାଇଥିବା କୁହାଯାଉଛି। ଉଭୟ ସମ୍ପ୍ରଦାୟର ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ ଏକାଠି ହୋଇ ନାରାବାଜି ଜାରି ରଖିଛନ୍ତି। ପୁଲିସ୍ ଅନେକ ଛାତ୍ରଙ୍କୁ ଅଟକ ରଖିଛି। ପ୍ରକାଶ, ଲାଲ ବରାଦାରୀରେ ନମାଜ ପାଠ କରିଥିବା ୧୩ ଜଣ ଛାତ୍ରଙ୍କୁ ନୋଟିସ ଜାରି କରାଯାଇଛି। ଶାନ୍ତି ଭଙ୍ଗ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ସେମାନଙ୍କ ଉପରେ ୫୦,୦୦୦ ଟଙ୍କା ଲେଖାଏଁ ଜରିମାନା ମଧ୍ୟ ଲାଗୁ କରାଯାଇଛି। ଅନ୍ୟ ଛାତ୍ରମାନଙ୍କୁ ବୁଝାଇବା ପାଇଁ ପ୍ରୟାସ ଚାଲିଛି, କିନ୍ତୁ ବିକ୍ଷୋଭକାରୀମାନେ ଫାଟକ ଖୋଲିବା ପାଇଁ ଦାବିରେ ଅଟଳ ରହିଛନ୍ତି।

# ପୋଖରାନ୍‌ରେ ଭାରତୀୟ ସେନାର 'ଅଗ୍ନି ବର୍ଷା'

ସାମରିକ ଅଭ୍ୟାସରେ ସମନ୍ୱିତ ଅଗ୍ନିଶକ୍ତି ପ୍ରଦର୍ଶନ




**ପୋଖରାନ୍, ୨୪।୨/ଏଜେନ୍ସି:** ଭାରତୀୟ ସେନାର ଦକ୍ଷିଣ କମାଣ୍ଡ ରାଜସ୍ଥାନର ପୋଖରାନ୍ ଫିଲ୍ଡ ଫାୟାରିଂ ରେଞ୍ଜ୍‌ରେ ସାମରିକ ଅଭ୍ୟାସ କରିଛି। ଏହି ସାମରିକ ଅଭ୍ୟାସର ନାମ 'ଅଗ୍ନି ବର୍ଷା' ରଖାଯାଇଛି। ତେବେ ଏହି ସାମରିକ ଅଭ୍ୟାସ କ୍ରମେ ଭାରତୀୟ ସେନା ମରୁଭୂମିରେ ସମନ୍ୱିତ ଯୁଦ୍ଧ ଶକ୍ତି ପ୍ରଦର୍ଶନ କରିଥିଲା। ଏହି ଅଭ୍ୟାସରେ ମିଳିତ ଅସ୍ତ୍ରଶସ୍ତ୍ର ଅପରେସନ, ସଠିକତା ଦୂରଗାମୀ ଗୁଳିଚାଳନା ଏବଂ ନେଟଓ୍ୱାର୍କ-ସକ୍ଷମ କମାଣ୍ଡ ସିଷ୍ଟମକୁ ବୈଧ କରାଯାଇଥିଲା। ପ୍ରମୁଖ ସମ୍ପତ୍ତି ମଧ୍ୟରେ ଟି-୯୦ ଟ୍ୟାଙ୍କ, କେ-୯ ବଜ୍ର ହାଓ୍ୱିଜର୍ସ, ବୋଫୋର୍ସ ତୋପ, ଏଏଲ୍‌ଏଚ୍ ଏବଂ ଅପାଚି ହେଲିକପ୍ଟର, ଏବଂ ନିରୀକ୍ଷଣ ଏବଂ ଷ୍ଟ୍ରାଇକ୍ ଡ୍ରୋନ୍ ଅନ୍ତର୍ଭୁକ୍ତ ଥିଲା। ୨୫ ଟି ଦେଶର ପ୍ରତିରକ୍ଷା ସାମ୍ବାଦିକମାନେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ, ଯାହା ମରୁଭୂମିରେ ଦ୍ରୁତ, ସମନ୍ୱିତ ଅପରେସନ ପାଇଁ ଭାରତର ପ୍ରସ୍ତୁତିକୁ ଆହୁରି ମଜବୁତ କରିଥିଲା। "ଅଗ୍ନି ବର୍ଷା" ଅଭ୍ୟାସରେ ମାନବହୀନ ଯୁଦ୍ଧ ବିମାନ(ଡ୍ରୋନ), ପ୍ରତିପକ୍ଷ ଡ୍ରୋନ୍ ଧ୍ୱଂସ କରିବା, ସଠିକତା ରକେଟ୍ ଷ୍ଟ୍ରାଇକ୍, ଆଧୁନିକ ତୋପ ପ୍ଲାଟଫର୍ମ ଏବଂ ନେଟଓ୍ୱାର୍କ ନିରୀକ୍ଷଣ ମେସିନ ସମେତ ଯୁଦ୍ଧକ୍ଷେତ୍ର ପ୍ରଯୁକ୍ତିବିଦ୍ୟାର ଏକ ବିସ୍ତୃତ ସ୍ପେକ୍ଟ୍ରମ୍ ଅନ୍ତର୍ଭୁକ୍ତ ଥିଲା। ଏହି ଅଭ୍ୟାସ ଭାରତୀୟ ସେନାର ପ୍ରଯୁକ୍ତିବିଦ୍ୟା ଆଭିମୁଖ୍ୟ, ସ୍ୱଦେଶୀକରଣ ଏବଂ କ୍ଷମତା ବିକାଶ ଉପରେ ନିରନ୍ତର ଗୁରୁତ୍ୱକୁ ଗୁରୁତ୍ୱାରୋପ କରେ। ଜାତୀୟ ସୁରକ୍ଷା ପ୍ରାଥମିକତା ଅନୁଯାୟୀ ଦ୍ରୁତ, ସମନ୍ୱିତ ଏବଂ ନିର୍ଣ୍ଣାୟକ ଅପରେସନ୍ କରିବା ପାଇଁ ଏହାର ପ୍ରସ୍ତୁତିକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

### ଡାକ୍ତର କରିବାକୁ ଚାହୁଁଥିଲେ ବାପା

# ଜୀବନରୁ ହିଁ ମାରିଦେଲା ପୁଅ





**ଲକ୍ଷ୍ନୌ, ୨୪।୨/ଏଜେନ୍ସି:** ଲକ୍ଷ୍ନୌର ଏକ ପାଥୋଲୋଜି ଲ୍ୟାବ୍‌ର ମାନବେନ୍ଦ୍ର ସିଂହ ନାମକ ଜଣେ ବ୍ୟକ୍ତି (ମାଲିକ)ଙ୍କୁ ତାଙ୍କର ଏକମାତ୍ର ୨୧ ବର୍ଷୀୟ ପୁଅ ଅକ୍ଷତ ପ୍ରତାପ ସିଂହ ଗୁଳିକରି ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି। ଅକ୍ଷତ ନିଜ ବାପାଙ୍କୁ କେବଳ ହତ୍ୟା କରିନି ବରଂ ହତ୍ୟା କରିବା ପରେ ମୃତଦେହକୁ ଏକ କରତ ସାହାଯ୍ୟରେ ଛୋଟ ଛୋଟ ଖଣ୍ଡରେ କାଟି ସେଗୁଡିକୁ ଏକ ନୀଳ ଡ୍ରମ୍‌ରେ ଭର୍ତ୍ତି କରି ରଖିଥିବା ମଧ୍ୟ ଜଣାପଡିଛି। ଅକ୍ଷତ ଏସବୁକୁ ଟାରପିନ୍ ସହାୟତାରେ ପୋଡି ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ସୁଯୋଗ ପାଇନଥିଲା। ଅନ୍ୟପକ୍ଷେ ମୃତଦେହରୁ ମୁଣ୍ଡକୁ କାଟି ଅଲଗା କରିବା ପରେ ସେ କାର୍ ଚଳାଇ ଘର ଠାରୁ ପ୍ରାୟ ୨୧ କିମି ଦୂରରେ ଥିବା ଏକ ଜନଶୂନ୍ୟ ଅଞ୍ଚଳରେ ଫିଙ୍ଗିଦେଇ ଆସିଥିଲା ବୋଲି ମଧ୍ୟ ପୁଲିସ୍ ନିକଟରେ ସ୍ୱୀକାର କରିଛି। ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରରୁ ଏଭଳି ଏକ ବିଭତ୍ସ ତଥା ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି।

ରିପୋର୍ଟ ଅନୁସାରେ ଅକ୍ଷତ ପ୍ରଥମେ ବାପା ମାନବେନ୍ଦ୍ରଙ୍କୁ ହତ୍ୟା କରିଥିଲା ଏବଂ ହତ୍ୟାର ୩ ଦିନ ପରେ ପୁଲିସ୍ ଷ୍ଟେସନ୍ ଯାଇ ବାପାଙ୍କ ନିଖୋଜ ସମ୍ପର୍କୀତ ମାମଲା ରୁଜୁ କରାଇଥିଲା। ତେବେ ପୁଲିସ୍ ଯେତେବେଳେ ଅକ୍ଷତକୁ ଜୋର କରି ଜେରା କରିବା ଆରମ୍ଭ କରିଥିଲା ସେତେବେଳେ ଅକ୍ଷତ ସବୁ ସତ ମାନିଯାଇଥିଲା। ପୁଲିସ୍ ଅକ୍ଷତକୁ ନେଇ ଘଟଣାସ୍ଥଳକୁ ଯାଇ ସିନ୍ ରିକ୍ରିଏସନ୍ କରିବା ସହ ପଲିଥିନ୍ ତଥା ଡ୍ରମ୍‌ରେ ଭର୍ତ୍ତି ମାନବେନ୍ଦ୍ରଙ୍କ କଟା ମୃତଦେହକୁ ଜବତ କରିଛି। ପ୍ରକାଶ, ମାନବେନ୍ଦ୍ର ନିଜ ପୁଅ ଅକ୍ଷତକୁ ଡାକ୍ତର କରିବାକୁ ଚାହୁଁଥିବା ବେଳେ ଅକ୍ଷତ କିନ୍ତୁ ହୋଟେଲ୍ ଖୋଲିବାକୁ ଚାହୁଁଥିଲେ। ଏହି କାରଣରୁ ଉଭୟ ବାପା-ପୁଅ ମଧ୍ୟରେ ସବୁବେଳେ ପାଟିତୁଣ୍ଡ ତଥା ମନୋମାଳିନ୍ୟ ଜାରି ରହୁଥିଲା। ଅକ୍ଷତ ନିଜ ଇଚ୍ଛା ମୁତାବକ ବିକମ୍ ଡିଗ୍ରୀ ମଧ୍ୟ କରୁଥିବାରୁ ମାନବେନ୍ଦ୍ର ସବୁବେଳେ ତାଙ୍କୁ ଗାଳିଗୁଲଜ କରୁଥିଲେ। ତେବେ ଅକ୍ଷତ ନିଜ ଭଉଣୀ ସମ୍ମୁଖରେ ହିଁ ଏଭଳି ଧର୍ତ୍ତବ୍ୟ ଅପରାଧ କରିଥିବା ଏବଂ ଯଦି ସେ କାହାକୁ କୁହନ୍ତି ତେବେ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲା ବୋଲି ଜଣାପଡିଛି। ଏସବୁ ମଧ୍ୟରେ ଅକ୍ଷତଙ୍କ ମା'ଙ୍କର ବହୁ ପୂର୍ବରୁ ହିଁ ମୃତ୍ୟୁ ହୋଇସାରିଥିବା ସ୍ଥାନୀୟ ଲୋକେ ପୁଲିସ୍‌କୁ ସୂଚନା ଦେଇଛନ୍ତି।

# କିଷାନ ମହାଚୌପାଳରେ ଗର୍ଜିଲେ ରାହୁଲ

- ଆମେରିକା ସହ ଟ୍ରେଡ୍ ଡିଲ୍ ଭାରତୀୟ ଚାଷୀଙ୍କୁ କ୍ଷତିଗ୍ରସ୍ତ କରିବ
- ମୋଦୀଙ୍କ ଉପରେ ଏପ୍‌ଷ୍ଟାଇନ୍ ଫାଇଲ୍ ଓ ଅଦାନୀ ଦୁର୍ନୀତି ଜନିତ ଚାପ
- ଭୟରେ ଆମେରିକା ସହ ଟ୍ରେଡ୍ ଡିଲ୍ କରାଯାଇଛି



**ଭୋପାଳ, ୨୪।୨/ଏଜେନ୍ସି:** ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପୁଣିଥରେ ଭାରତ-ଆମେରିକା ଟ୍ରେଡ୍ ଡିଲ୍ ପ୍ରସଙ୍ଗ ଉଠାଇବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ କହିଛନ୍ତି, ମୋଦୀ ଦେଶକୁ ବିକ୍ରି କରିଦେବା ପାଇଁ ଆମେରିକା ସହିତ ଚୁକ୍ତି କରିଛନ୍ତି। ଯୌନ ଅପରାଧୀ ଏପ୍‌ଷ୍ଟାଇନ୍‌ଙ୍କ ଫାଇଲ୍‌ରେ ତାଙ୍କ ନାମ ଆସିବା ଏବଂ ଅଦାନୀ ମାମଲା ଯୋଗୁଁ ମୋଦୀ ଚାପରେ ଅଛନ୍ତି। ଏହି କାରଣରୁ ସେ ଭାରତ ଏବଂ ଚାଷୀଙ୍କ ତଥ୍ୟ ଆମେରିକାକୁ ବିକ୍ରି କରିଛନ୍ତି। ରାହୁଲ୍‌ଙ୍କ କହିବାନୁସାରେ ମୋଦୀ କ୍ୟାବିନେଟ୍ ସହିତ ପରାମର୍ଶ ନକରି ଆମେରିକା ସହିତ ଚୁକ୍ତି କରିବାକୁ ସହମତ ହୋଇଯାଇଥିଲେ। ଲୋକସଭା ଛାଡିବା ମାତ୍ରେ ଟ୍ରମ୍ପଙ୍କୁ ଫୋନ୍ କରି ମୋଦୀ ଚୁକ୍ତି ପାଇଁ ପ୍ରସ୍ତୁତ ଥିବା ଘୋଷଣା କରିଥିଲେ। ମୋଦୀଙ୍କ ଆମେରିକା ସହ ବାଣିଜ୍ୟ ଚୁକ୍ତିଜନିତ ନିଷ୍ପତ୍ତି ଦେଶର କୋଟି କୋଟି କୃଷକ ଏବଂ ଦେଶର ସ୍ୱାର୍ଥ ସହିତ ବୁଝାମଣା ବୋଲି କହିଲେ ଅତ୍ୟୁକ୍ତି ହେବନି। ସରକାର ଆମେରିକୀୟ କମ୍ପାନୀଗୁଡ଼ିକୁ ଭାରତରେ ସୋୟା, କପା ଏବଂ ମକା ବିକ୍ରୟ କରିବାକୁ ଅନୁମତି ଦେବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ଭାରତୀୟ ଚାଷୀମାନଙ୍କୁ କ୍ଷତି ପହଞ୍ଚାଇବ। ଆମେରିକା ସହ ବାଣିଜ୍ୟ ଚୁକ୍ତି ଯୋଗୁ ଭାରତର କୌଣସି ଲାଭ ହେବନାହିଁ, ବରଂ ଦେଶର କୃଷକମାନେ କ୍ଷତି ସହିବେ। ଭାରତକୁ ପ୍ରତିବର୍ଷ ଅଧିକ ଟିକସ ଦେବାକୁ ପଡିବ ଏବଂ ଆମେରିକାରୁ ବହୁ ପରିମାଣର ସାମଗ୍ରୀ କିଣିବାକୁ ପଡିବ। ଯଦି କପା ଏବଂ ଅନ୍ୟାନ୍ୟ ସାମଗ୍ରୀ ଆମେରିକାରୁ ଶସ୍ତାରେ ଆସିବ, ତେବେ ଭାରତର ବୟନ ଶିଳ୍ପ ଏବଂ ସ୍ଥାନୀୟ ଶିଳ୍ପ ଦୁର୍ବଳ ହୋଇଯିବ ବୋଲି ରାହୁଲ କହିଛନ୍ତି।

ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିକୁ ବିରୋଧ କରିବା ପୂର୍ବକ କଂଗ୍ରେସ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳ ଠାରେ ଏକ କିଷାନ ମହାଚୌପାଳ ଆୟୋଜନ କରିଥିଲା। ଲୋକସଭା ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖର୍ଗେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ତେବେ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ରାହୁଲ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଏତଦ୍‌ବ୍ୟତୀତ ରାହୁଲ କହିଛନ୍ତି ଯେ, ବଜେଟ୍ ଅଧିବେଶନ ସମୟରେ ସେ ଯେତେବେଳେ ସଂସଦରେ ଚୀନ୍ ଅନୁପ୍ରବେଶ ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ। ପୂର୍ବତନ ସେନାଧକ୍ଷ ଜେନେରାଲ୍ ଏମ୍‌ଏମ୍ ନରଭାଣେ ନିଜ ଆତ୍ମଜୀବନୀ ଉପରେ ଲିଖିତ ପୁସ୍ତକ ' ଦି ଫୋର୍ ଷ୍ଟାରସ୍ ଅଫ୍ ଡେଷ୍ଟିନି'ରେ ଲେଖିଛନ୍ତି ଯେ ଚୀନ୍ ଅନୁପ୍ରବେଶ ଘଟିବା ସମୟରେ ଭାରତ ସରକାର ତାଙ୍କୁ ପରିତ୍ୟାଗ କରିଥିଲେ। ସେ (ରାହୁଲ ନିଜେ) ଏସମ୍ପର୍କରେ ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ଚାହୁଁଥିଲେ କିନ୍ତୁ ସରକାର ତାଙ୍କୁ ଗୃହରେ କହିବାକୁ ସୁଯୋଗ ଦେଇନଥିଲେ। ସେହିପରି ଖର୍ଗେ କହିଛନ୍ତି, ନରେନ୍ଦ୍ର ମୋଦୀ କେବଳ ଦେଶବାସୀଙ୍କ ସମ୍ମୁଖରେ ନିଜକୁ ଜଣେ ଟାଣୁଆ ନେତା ଭାବେ ପ୍ରଦର୍ଶିତ କରିବାକୁ ଏକ ଅଭିଯାନ ଚଳାଇଛନ୍ତି। କିନ୍ତୁ ବାସ୍ତବରେ ସେ ଜଣେ ଆତ୍ମସମର୍ପଣକାରୀ। ସେ ଦେଶକୁ ବିକ୍ରି କରିଛନ୍ତି। ସେ ଚାଷୀମାନଙ୍କୁ ଠକିଛନ୍ତି। ମୋଦୀ କେବଳ ନାମ ପରିବର୍ତ୍ତନ କରିବା ରାଜନୀତି ହିଁ ଜାଣିଛନ୍ତି। ଟ୍ରମ୍ପଙ୍କ ବିରୋଧରେ କହିବାର ସାହସ ତାଙ୍କ ପାଖରେ ନାହିଁ।

# ଜନପ୍ରତିନିଧିଙ୍କ ଅହୋରାତ୍ର ଧାରଣା ୭ମ ଦିନରେ

**କଣ୍ଟାପଡ଼ା,୨୪।୨/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକରେ ଜନପ୍ରତିନିଧିଙ୍କୁ ଅଣଦେଖୀ ଓ ମୁଖ୍ୟ ଫାଟକରେ ତାଲା ପକାଇବା ଘଟଣାରେ ଜନପ୍ରତିନିଧିଙ୍କ ତରଫରୁ ଅହୋରାତ୍ର ଧାରଣା ୭ମ ଦିନରେ ପହଞ୍ଚିଥିଲା ବେଳେ ଧାରଣା ସ୍ଥଳକୁ ବିଭିନ୍ନ ଦଳର ରାଜନେତାଙ୍କ ସମର୍ଥନର ସୁଅ ଛୁଟିଛି । ଆଜି ନିଆଳୀର ପ୍ରାକ୍ତନ ବିଧାୟକ ରବୀନ୍ଦ୍ର କୁମାର ମଲିକ ତାଙ୍କର ବହୁ ସମର୍ଥକଙ୍କ ସହ ଧାରଣା ସ୍ଥଳରେ ପହଞ୍ଚି ଧାରଣାକୁ ଖୋଲାଖୋଲି ସମର୍ଥନ କରୁଥିବାବେଳେ ନିଆଳୀ ବ୍ଲକ ଅଧକ୍ଷ ଉମେଶ ଚନ୍ଦ୍ର ବେହେରା, ପ୍ରାକ୍ତନ ନିଆଳୀ ବ୍ଲକ ଅଧକ୍ଷ ନ୍ୟାୟ ବ୍ରତ ରାଉତରାୟ, ଯୁବସଂଗ୍ରାମୀ ନେତା ଅଭିମନ୍ୟୁମଲିକ ପ୍ରାକ୍ତନ କୃଷି ନିର୍ଦ୍ଦେଶକ ତଥା ନିଆଳୀ ନିର୍ବାଚନ ମଣ୍ଡଳୀରୁ ବିଧାୟିକ ପ୍ରାର୍ଥୀ ହୋଇଥିବା ପ୍ରମୋଦ ମଲ୍ଲିକ୍ଙ୍କ ସମେତ ବହୁ ସଂଖ୍ୟାର ୱାର୍ଡସଭ୍ୟ ଓ ସାଧାରଣଲୋକସାମିଲ ହୋଇଥିଲେ । ଲଘୁଚାପଜନିତ ବର୍ଷାରେ ଖୋଲା ଆକାଶ ତଳେ ବସିଥିବା ଜନପ୍ରତିନିଧିମାନେ ଭିଜିଥିବାବେଳେ ପ୍ରଶାସନର କିନ୍ତୁ ଦେଖାଦର୍ଶନ ମିଳି ନଥିଲା । ଏହାକୁ ନେଇ ଧାରଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଥିଲା । ଅନ୍ୟପଟେ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଗ୍ରାମପଞ୍ଚାୟତସ୍ତରୀୟ ଅନୁଦାନ ଓ ଖର୍ଚ୍ଚ, ବଳକା ଅର୍ଥ ରାଶିକୁ ନେଇ ଚିହିଁକି ଉଠିଥିଲେ ଗୋବିନ୍ଦପୁର ଗ୍ରାମପଞ୍ଚାୟତର ଜନପ୍ରତିନିଧି ଓ ଗ୍ରାମବାସୀମାନେ । ତାଙ୍କର କହିବା କଥା ସମସ୍ତ ତାଲିକା ସଂପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା ଓ ବିଭ୍ରାନ୍ତିକର ହୋଇଛି । ଏଭଳି କୌଣସି ସ୍ଥାନରେ ଏତେ ପରିମାଣର ଅର୍ଥ ଖର୍ଚ୍ଚ ହୋଇନାହିଁ ବୋଲି ସେହି ପଞ୍ଚାୟତର ସଂଗ୍ରାମୀ ଯୁବନେତା ଅଭିମନ୍ୟୁମଲିକ, କବିପ୍ରସାଦ ସ୍ୱାଇଁଙ୍କ ସମେତ ପଞ୍ଚାୟତର ଅନେକ ଲୋକ ଗଣମାଧ୍ୟମକୁ କହିଛନ୍ତି । ତେଣୁ କିଏ ସତ କହୁଛି ତ କିଏ ମିଛ କହୁଛି ପ୍ରଶାସନିକ ତାଲିକା ଆସିଲେ ସମସ୍ତ ତଥ୍ୟର ସତ୍ୟାସତ୍ୟ ସାମ୍ନାକୁ ଆସିବ ।

# ପାଇକ ଆଖଡ଼ା ଗୁରୁଙ୍କ ସ୍ମୃତିଚାରଣ ସଭା



**ବୋଲଗଡ଼,୨୪।୨/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ କଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ ନାଉପଡ଼ା ଗ୍ରାମରେ ଶିକ୍ଷାବିତ, ଗାଁ ମୁରବି ତଥା ପଂଚାୟତ ବିଜେଡି ସଭାପତି ପଞ୍ଚୁ ଭାରିମଲ୍ଲଙ୍କ ସଭାପତିତ୍ୱରେ ଦୁଇ ପାଇକ ଆଖଡ଼ା ଗୁରୁ ପ୍ରତିଭାଙ୍କ ସ୍ମୃତି ଚାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଶେଷ ସୂଚନା ଯୋଗ୍ୟ ସମ୍ପୃକ୍ତ ଗ୍ରାମର ଲୋକନାଥ ନିଶଙ୍କ ଓ ସଂସୀରୀ ନିଶଙ୍କ ଦୁଇଜଣ ପାଇକ ଆଖଡାର ଗୁରୁ ଭାବେ ଅଞ୍ଚଳରେ ଉତ୍ତମ ସୁନାମ ରହି ଆସିଥିଲା ଓ ଏହି ଗୁରୁଦୋୟ ଜୀବନ ଦଶା ମଧ୍ୟରେ ଅନେକ ପଟଶିଷ୍ୟ ଛାଡି ଚାଲି ଯାଇଛନ୍ତି ।ଏହି ପ୍ରତିଭା ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗଦେଇ ଅଞ୍ଚଳର ପାଇକ ଆଖଡା ଦୁଇ ଗୁରୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ବିଶେଷ ଆଲୋକ ପାତ କରିଥିଲେ । ସେହିପରି ମୁଖ୍ୟବକ୍ତା ଭାବରେ ଶିକ୍ଷକ ନେତା ପ୍ରସନ୍ନ କୁମାର ଶ୍ରୀଚନ୍ଦନ ଯୋଗ ଦେଇଥିଲେ ଓ ସଂମ୍ମାନୀତ ଅତିଥି ଭାବେ ସମାଜସେବୀ ପ୍ରମୋଦ କୁମାର ପ୍ରଧାନ, ମହେଶ୍ୱର ପ୍ରଧାନ, ପ୍ରଭାତ କୁମାର ଶ୍ରୀଚନ୍ଦନ ଓ ଆନନ୍ଦ ଚନ୍ଦ୍ର ଦାସ ଯୋଗଦେଇ ପାଇକଗୁରୁ ମାନଙ୍କର ପାଇକ ଆଖଡାର ଅମୂଲ୍ୟ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟତମ ସଂମ୍ମାନୀତ ଅତିଥି ଭାବେ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଯୋଗଦେଇଥିଲେ । ପରେ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନିକଟସ୍ଥ ଫିରିପିରା ପାଇକ ଆଖଡ଼ା ଦଳକୁ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ବିପିନ ବିହାରୀ ନିଶଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ନାଗରିକଙ୍କ ଦର୍ଶନୀୟ ସ୍ଥାନ ପରିଭ୍ରମଣ



**ଓଡ଼ଗାଁ,୨୪।୨/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦର ସଭ୍ୟସଭ୍ୟା ତଥା ବରିଷ୍ଠ ନାଗରିକଙ୍କୁ ନେଇ ରାଜ୍ୟର ପ୍ରମୁଖ ଦର୍ଶନୀୟ ସ୍ଥାନ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ରାମେଶ୍ୱର ପଣ୍ଡାଙ୍କ ତତ୍ତ୍ୱାବଧାନରେ ୪୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ସେମାନଙ୍କ ପରିବାର ମଙ୍ଗଳବାର ଭୋରୁ ରଣପୁର ଜଗନ୍ନାଥ ମନ୍ଦିର, ମା'ମଣିନାଗ, ଭୂଷଣ୍ଡପୁର୍ ସ୍ଥିତ ମା' ଉଗ୍ରତାରା, ବୀରମହାରାଜପୁର, ସାକ୍ଷୀଗୋପାଳ, ସୁଆଣ୍ଡୋ, ରଘୁରାଜପୁର ଓ ଶେଷରେ ଶ୍ରୀକ୍ଷେତ୍ରପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ସହିତ ସନ୍ଧ୍ୟାରେ ସମୁଦ୍ରକୂଳର ମନୋରମ ଦୃଶ୍ୟକୁ ଉପଭୋଗ କରିଥିଲେ । ପରେ ସମୁଦ୍ରକୂଳ ନିକଟ ଓଁକାରେଶ୍ୱର ମହାଦେବଙ୍କ ପୀଠରେ ଥିବା ୧୦୮ ଶିବଲିଙ୍ଗ ଦର୍ଶନ କରିଥିଲେ । ଏହି ପରିଭ୍ରମଣ କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ ମନୋଜ କୁମାର ନାୟକଙ୍କ ସମେତ ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ଚୌଧୁରୀ, ବାଞ୍ଛାନିଧି ଜେନା, ରାମକୃଷ୍ଣ ଦାସ,ରାମଚନ୍ଦ୍ର ପ୍ରଧାନ, ଶିବପ୍ରସାଦ ଖଟେଇ, ନିରଞ୍ଜନ ପ୍ରଧାନ, ନିରଞ୍ଜନ ମହାପାତ୍ର ପ୍ରମୁଖ ପରିଚାଳନା କରିଥିବାବେଳେ ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିବା ଜଣାପଡ଼ିଛି ।

### ଆକ୍ସନ ମୋଡ଼ରେ ଗୋପ୍ ତହସିଲଦାର୍

# 'ମିଶନ ଇଟାଭାଟି'ରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଇଟା ନଷ୍ଟ

**ଗୋପ,୨୪।୨/ଏନ୍ଏନ୍ଏସ୍:** ଗୋପ ତଥା ଆଖପାଖ ଅଞ୍ଚଳରେ ମାତ୍ରାଧିକ ଇଟାଭାଟି ପୋଡାହେବା କାରଣରୁ ପରିବେଶ ଦୂଷିତ ହେବାରେ ଲାଗିଛି । ସେହିପରି ଉତାପ ମଧ୍ୟ ବୃଦ୍ଧି ପାଉଛି । ଏ ନେଇ ବିଭିନ୍ନ ଅଭିଯୋଗ ପାଇବା ପରେ ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାସ ଆରମ୍ଭ କରିଛନ୍ତି ମିଶନ ଇଟାଭାଟି । ଏହି 'ମିଶନ ଇଟାଭାଟି'

### ମାଟି ମାଫିଆଙ୍କ ମଧ୍ୟରେ କୋକୁଆ ଭୟ



ଜରିଆରେ ତହସିଲଦାର ଶ୍ରୀ ଦାସ ବିଭିନ୍ନ ସ୍ଥାନରେ ଥିବା ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଇଟାକୁ ନଷ୍ଟ କରିଥିବା ବେଳେ ବିଭିନ୍ନ ସ୍ଥାନରେ ଇଟା ପୋଡା ଯାଉଥିବା ଭାଟିକୁ ମଧ ଦମକଳ ବାହିନୀ ସହାୟତାରେ ନିଆଁକୁ ଲିଭାଯାଇ ନଷ୍ଟ କରାଯାଇଥିବା ଦେଖିବାକୁ ମିଳିଛି । ସେହିପରି ସରକାରୀ ଜମିରୁ ବେଆଇନ ମାଟି ଚାଲାଣ କାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଯୋଗୁଁ ମାଟି ମାଫିଆଙ୍କ ମଧ୍ୟରେ କକୁଆଭୟ ସୃଷ୍ଟି ହୋଇଛି । ସୂଚନା ମୁତାବକ ଗୋପ ତହସିଲ ଅଞ୍ଚଳରେ ବ୍ୟାପକ ପରିମାଣରେ ଚୋରା ମାଟି ଓ ବାଲି କାରବାର ହେଉଥିବା ବେଳେ ଦିନକୁଦିନ ବେଆଇନ ଇଟାଭାଟି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିଲା । ଗୋପ ତହସିଲ ଅଧିନ ଗୋପ, ନାଗପୁର, ମଦରଙ୍ଗ, ଯଉଁଳିପୋଖରୀ, ଛଇତନା, ବାଲିଗୁରୁଡ଼ି, ସମେତ ଆଉ କେତେକ ସ୍ଥାନରେ ବେଆଇନ ଭାବେ ମାଟି ଇଟା ପକାଯାଇ ପୋଡା ଚାଲୁଥିବା ଅଭିଯୋଗ ହେବାପରେ ତହସିଲଦାର ଜେସିବି ମେସିନ ଓ ପାଣି ସାହାଯ୍ୟରେ ଇଟାଭାଟି ଗୁଡିକ ନଷ୍ଟ କରିଥିବା ବେଳେ ମଙ୍ଗଳବାର କୁଣେଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧିନ ବଡ଼ତରା ନିକଟ ବାଲିଗୁରୁଡ଼ି ସମେତ ଆଉ କେତେକ ସ୍ଥାନରୁ ଲକ୍ଷାଧିକ ଇଟା ନଷ୍ଟ କରାଯାଇଥିବା ଜଣାପଡିଛି । ସେହିପରି ଗୋପ,ଡଭାର,ଶିସୋ, ନାଗପୁର, ମଦରଙ୍ଗ, ସାରଡ଼ା, କୁଦୁରା, ବନାଖଣ୍ଡି, ଅଚୁତପୁର, ବଡ଼ତରା ଆଦି ସ୍ଥାନରେ ବେଆଇନ ଭାବେ ସରକାରୀ ଜାଗାରୁ ମାଟି ଓ ବାଲି ଚାଲାଣ କରାଯାଉଥିବା ଯୋଗୁଁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ତେବେ ଏନେଇ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶିତ ହେବାପରେ । ସରକାରୀ କାର୍ଯ୍ୟରେ ନିୟୋଜିତ ଥିବା ୩ ଟି ଟ୍ରାକ୍ଟରକୁ ତହସିଲଦାର ଜବତ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ବେଆଇନ ଭାବେ ସରକାରୀ ଜାଗାରୁ ମାଟି ବିକ୍ରି କରୁଥିବା ମାଫିଆଙ୍କୁ ଧରିବାରେ ପ୍ରଶାସନ ଅସଫଳ ହୋଇଛି । ଗାଡି ଜବତ ପରେମଧ ରାଜରାସ୍ତା ଉପରେ ରାସ୍ତା ପାର୍ଶ୍ୱରେ ଘରୋଇ ଜାଗାରେ ମାଟି ପକାଯାଇ ପୋତା ଯାଉଥିବା ଦେଖିବାକୁ ମିଳିଛି । ଚଢ଼ାଉ ପୂର୍ବରୁ କେତେକ ତଳିଆ କର୍ମଚାରୀ ମାଟିମାଫିଆମାନଙ୍କୁ ସିଧାସଳଖ ଖବର ଦେଉଥିବାରୁ ଚଢ଼ାଉ ସଫଳ ହେଇ ପାରୁନାହିଁ । ବିନା ସୁଚନାଁରେ ଅଚାନକ ଚଢ଼ାଉ କରାଗଲେ ବେଆଇନ ମାଟି ବାଲି ଚାଲାଣ ଉପରେ ରୋକ ଲଗାଯାଇ ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରାଯାଇ ପାରିବ ବୋଲି ବୁଦ୍ଧିଯିବି ମାନେ ମତବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ଗୋପ ତହସିଲଦାର ସୂର୍ଯ୍ୟ ସଙ୍କର ଦାସଙ୍କୁ ପଚାରିବାରେ ସେ କୁହନ୍ତି ଆଗାମୀ ଦିନରେ ଚଢ଼ାଉକୁ ଜୋରଦାର କରାଯିବ ।

### ଡେପୁଟେସନ୍‌ରେ ବୁଲୁଛନ୍ତି ଶିକ୍ଷକ

# ୮ ଶ୍ରେଣୀକୁ ୩ ଶିକ୍ଷକରେ ଚାଲିଛି ପାଠପଢ଼ା

**ନୟାଗଡ଼,୨୩।୨/ଏନ୍ଏନ୍ଏସ୍:** ନୟାଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ କେଶରପୁର ଗ୍ରାମର ଏନ.କେ ସରକାରୀ ହାଇସ୍କୁଲ ଶିଶୁ ବଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଚାଲୁଅଛି । ଏହି ବିଦ୍ୟାଳୟର ପ୍ରାଥମିକ ବିଭାଗ ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ପର୍ଯ୍ୟନ୍ତ ୯ଟି ଶ୍ରେଣୀ ପାଇଁ ମାତ୍ର ୩ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି । ଅନ୍ୟ ଜଣେ ଶିକ୍ଷକ ଡେପୁଟେସନରେ ଯାଇ ବେଗୁନିଆ ପାଟଣା ପ୍ରାଥମିକ ସ୍କୁଲରେ କାର୍ଯ୍ୟ କରୁଛନ୍ତି । ଫଳରେ ଏହି ବିଦ୍ୟାଳୟରେ ପାଠପଢା କାର୍ଯ୍ୟ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି ।

ଏନେଇ ଗ୍ରାମବାସୀ, ଅଭିଭାବକ ମାନେ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଏହି ଘଟଣା ସମ୍ପର୍କରେ ଅବଗତ କରେଇବା ସହିତ ଡେପୁଟେସନରେ ଯାଇଥିବା ଶିକ୍ଷକ ବୀରେନ୍ଦ୍ର କୁମାର ସ୍ୱାଇଁଙ୍କୁ ତୁରନ୍ତ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଦାବି ଜଣାଇଛନ୍ତି । ସୂଚନା ଯୋଗ୍ୟ ଯେ ଶିକ୍ଷକ ବୀରେନ୍ଦ୍ର ସ୍ୱାଇଁ ୨୦୨୨ ମସିହାରେ ପ୍ରମୋସନ ପାଇ ଏହି ବିଦ୍ୟାଳୟରେ ଯୋଗଦାନ କରିଥିଲେ । ତେବେ ୨୦୨୪ ମସିହାରେ ନୟାଗଡ଼ ବିଇଓ ଶ୍ରୀ ସ୍ୱାଇଁଙ୍କୁ ଡେପୁଟେସନରେ ବେଗୁନିଆପାଟଣା ପ୍ରାଥମିକ ବିଦ୍ୟାଳୟକୁ ପଠେଇ ଦେଇଥିଲେ । ମାତ୍ର ବେଗୁନିଆପାଟଣା ସ୍କୁଲରେ ୨୨ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୩ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି । ଏହାର ସୁଯୋଗ ନେଇ ଡେପୁଟେସନରେ ଯାଇଥିବା ଶିକ୍ଷକ ଶ୍ରୀ ସ୍ୱାଇଁ ବିଦ୍ୟାଳୟ ନଆସି ଅଫିସରେ କାମ ଥିବାର ବାହାନା ଦେଖାଇ ଏହି ବିଦ୍ୟାଳୟ ଦୁଆର ମାଡୁ ନାହାନ୍ତି । ସୂଚନା ଯୋଗ୍ୟ ଯେ ପ୍ରଥମ ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବନିମ୍ନ ୨ ଜଣ ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀ ପାଇଁ ୨ଜଣ ଏବଂ ବାଲ ବାଟିକା ପାଇଁ ଜଣେ ଏହିପରି ସର୍ବନିମ୍ନ ମୋଟ ୫ ଜଣ ଶିକ୍ଷକ ରହିବା ସ୍ଥାନରେ ମାତ୍ର ୩ ଜଣ ଶିକ୍ଷକରେ ବିଦ୍ୟାଳୟ ଚାଲିଛି । ଅନ୍ୟ ପକ୍ଷରେ ହାଇସ୍କୁଲରେ ନିଯୁକ୍ତ ଶିକ୍ଷକ ମାନେ ପ୍ରାଥମିକ ପିଲା ମାନଙ୍କୁ ପାଠ ପଢାଇବାକୁ କୁଣ୍ଠା ପ୍ରକାଶ କରୁଛନ୍ତି । ଫଳରେ ପ୍ରାଥମିକ ସ୍ତରରେ ପଢୁଥିବା ଛାତ୍ରଛାତ୍ରୀ ମାନେ ଶିକ୍ଷାଦାନ କ୍ଷେତ୍ରରେ ଘୋର ଅବହେଳାର ଶିକାର ହେଉଛନ୍ତି । ଏ ନେଇ କେଶରପୁର ଗ୍ରାମର ଉପ ସଭାପତି ପ୍ରତାପ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ମଧୁମିତା ରଥଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ବିଷୟରେ ଲିଖିତ ଭାବେ ସବିସ୍ତୃତ ଜଣାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଥିଲେ । ଜିଲ୍ଲାପାଳ ସମସ୍ତ ବିଷୟ ହୃଦୟଙ୍ଗମ କରିବା ସହିତ ବର୍ତ୍ତମାନ ପରୀକ୍ଷା ସମୟ ହୋଇଥିବାରୁ ମାର୍ଚ୍ଚ ମାସ ପରେ ଶିକ୍ଷକ ଶ୍ରୀ ସ୍ୱାଇଁଙ୍କ ଡେପୁଟେସନ ବାତିଲ କରି ମୂଳ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଗ୍ରାମବାସୀ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

# ମେଳା ଶେଷ, ହେଲେ ପଡ଼ିଆ ଦୁର୍ଗନ୍ଧମୟ

### ଅପରିଷ୍କାର ନେଇ ପର୍ଯ୍ୟଟକଙ୍କ ଅସନ୍ତୋଷ



**କଣ୍ଟିଲୋ,୨୪।୨/ଏନ୍ଏନ୍ଏସ୍:** ମହାପ୍ରଭୁ ଶ୍ରୀ ନୀଳମାଧବଙ୍କ ପବିତ୍ର ମାଘମେଳା ମାଘ ମାସରେ ନ ହୋଇ ଫଗୁଣ ମାସରେ ହେଲେ ମଧ ଆଜକୁ ପ୍ରାୟ ୧୦ ଦିନରୁ ଉର୍ଦ୍ଧ୍ୱ ଦିନ ହେବ ବ୍ୟବସାୟୀ ମାନେ ନିଜ ନିଜର ଦୋକାନ ଭାଙ୍ଗି ଅନ୍ୟତ୍ର ମେଳାରେ ଦୋକାନ ବଜାର ଖୋଲିବା ପାଇଁ ଚାଲିଯାଇଥିଲେ ହେଁ, ମେଳା ପଡ଼ିଆକୁ ଅପରିଷ୍କାର ଓ ଦୁର୍ଗନ୍ଧମୟ କରିଦେଇ ଚାଲିଯାଇଥିବା ଦେଖିବାକୁ ମିଳିଛି । ମେଳାପଡ଼ିଆ ସାରା ବହୁ ଅନାବଶ୍ୟକ ବର୍ଯ୍ୟବସ୍ତୁ ଯଥା ଛିଣ୍ଡା କାଗଜ, ପେଟି, ପ୍ଲାଷ୍ଟିକ ଡବା,ଦୁର୍ଗନ୍ଧ ମୟ ପଲିଥିନ, ସୋଲ ଠୁଙ୍ଗା, ଅଇଣ୍ଠା ଖଲି ପତ୍ର, ପ୍ଲାଷ୍ଟିକ ପାଣି ବୋତଲ, ମଦ ବୋତଲ, ଏପରିକି ଝାଡା ଯାଇ ଶୌଚ ନ ହୋଇ କପଡ଼ା ଓ ପିଲାମାନଙ୍କ ପ୍ୟାଣ୍ଟ୍‌ସାର୍ଟରେ ପୋଛି ପକେଇଥିବା ଯୋଗୁ ମେଳା ପଡ଼ିଆର ପରିବେଶ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇ ଦୁର୍ଗନ୍ଧମୟ ପାଲଟିଯାଇଛି । ଫଳରେ ଏଠାକୁ ଅହରହ ଆସୁଥିବା ପର୍ଯ୍ୟଟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଉକ୍ତ ପଡିଆରେ ବାହାରୁ ଆସୁଥିବା ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ଗାଡି ସେହି ଜାଗାରେ ପାର୍କିଂ କରିବା ସହିତ ଭୋଜିଭାତ କରିଥାନ୍ତି । ଏଭଳି ଅପରିଷ୍କାର ପରିବେଶରେ ଖାଦ୍ୟ ରାନ୍ଧି ଖାଇବା ପାଇଁ ପର୍ଯ୍ୟଟକମାନେ ଉଚିତ୍ ମନେ କରୁନାହାନ୍ତି । ସୂଚନାରୁ ପ୍ରକାଶ ଯେ, ଦେବୋତ୍ତର ବିଭାଗ ଚଳିତ ବର୍ଷ ଏହି ମେଳାରେ ଦୋକାନ ବଜାର ପକାଇଥିବା ବ୍ୟବସାୟୀ ମାନଙ୍କ ଠାରୁ ପ୍ରାୟ ୪ ଲକ୍ଷ୍ୟ ରୁ ଉର୍ଦ୍ଧ ରାଜସ୍ୱ ଆଦାୟ କରିଥିବା ବେଳେ, ପାର୍କିଂ ନିଲାମ ଧାରୀ ପ୍ରତିଦିନ ଗାଡି ପାର୍କିଂ ଓ ରୋଷେଇ କରୁଥିବା ବ୍ୟକ୍ତି ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ସଂଗ୍ରହ କରୁଥିଲେ ହେଁ, ଏହି ସ୍ଥାନର ସ୍ୱଚ୍ଛତା ପାଇଁ ଆଦୌ ଧ୍ୟାନ ଦେଉନଥିବାରୁ ଏପରି ପରିବେଶ ନଷ୍ଟ ହେବା ସହ ଦୁର୍ଗନ୍ଧମୟ ହେଉଛି ବୋଲି ବୁଦ୍ଧିଜୀବୀ ମହଲ ଅଭିଯୋଗ କରିଛନ୍ତି । ତେଣୁ ଯଥାଶୀଘ୍ର ପାର୍କିଂ ସ୍ଥାନରେ ପଡ଼ି ରହିଥିବା ଅନାବଶ୍ୟକ ବର୍ଜ୍ୟବସ୍ତୁକୁ ସଫା କରି ଦୁର୍ଗନ୍ଧମୟ ପରିବେଶକୁ ଦୂରକରି ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସର୍ବସାଧାରଣଙ୍କୁ ସୁସ୍ଥ ପରିବେଶ ଯୋଗାଇଦେବାକୁ ଦେବୋତ୍ତର ବିଭାଗ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିସ୍ତୃତ ତ୍ରିପାଠୀଙ୍କ ନିକଟରେ ଅଞ୍ଚଳବାସୀ ଦାବି କରିବା ସହ ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ନିବେଦନ କରିଛନ୍ତି ।

# ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ରାସ୍ତାରେ ଅଳିଆ ଆବର୍ଜନା



**ଚାରିଛକ,୨୪।୨/ଏନ୍ଏନ୍ଏସ୍:** ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା କଲୋନୀ ବାସୀଙ୍କ ରାସ୍ତା ଉପରେ ଜମାହୋଇ ରହିଛି ଅଳିଆ ଆବର୍ଜନା ପାଣି । ପ୍ରକାଶ ଯେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୌଚାଳୟର ଟାଙ୍କି ଭରିଯାଇ ଥିବାରୁ କଲୋନୀ ରାସ୍ତା ଉପରେ ଅଳିଆ ଆବର୍ଜନା ପାଣି ଜମା ହେବା ଫଳରେ ମାଛି ମଶାଙ୍କ ଉପଦ୍ରବ ବଢିବା ସହ କଲୋନୀବାସୀ ଓ ସ୍ଥାନୀୟ ବାସିନ୍ଦା ଯାତାୟାତ କରିବାରେ ନାନା ପ୍ରକାର ଅସୁବିଧା ସୃଷ୍ଟି ହେଉଛି । ରାସ୍ତାରେ ପାଣି ଜମାହେବା ଫଳରେ ସେଥିରୁ ଦୁର୍ଗନ୍ଧ ବାହାରି ଚାରିଆଡ଼େ ଅପରିସ୍କାର ହେବା ସହ ପରିବେଶ ପ୍ରଦ୍ୟୁଷଣ କରୁଥିବା ନେଇ ଅଭିଯୋଗ କରିଛନ୍ତି । ଖାଲି ସେତିକି ନୁହେଁ ଏହି ଦୂଷିତ ପାଣି ନିକଟରେ ଥିବା ବୋରଓ୍ୱେଲ ପାନୀୟ ଜଳ ସହିତ ମିଶିଯାଉଛି । ତୁରନ୍ତ ଏହା ଉପରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଦୃଷ୍ଟିଦେବାକୁ ସ୍ଥାନୀୟ ବାସିନ୍ଦା ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିବେଦନ କରିଛନ୍ତି ।

# ନିର୍ଗୁଣ୍ଡି ଡବଲ୍‌ମର୍ଡର୍ ଘଟଣାରେ ଆଉ ଜଣେ କୋର୍ଟଚାଲାଣ

**ଟାଙ୍ଗୀ,୨୪।୨/ଏନ୍ଏନ୍ଏସ୍:** ଟାଙ୍ଗୀ ଥାନା ୧୬ନଂ ଜାତୀୟ ରାଜପଥ ନିର୍ଗୁଣ୍ଡି ନିକଟରେ ଗତ ବର୍ଷ ଡ଼ିସେମ୍ବର ୩୦ ତାରିଖ ହୋଇଥିବା ଡବଲ ମଡର୍ ଘଟଣା କଟକ ଜିଲ୍ଲାରେ ଚାଞ୍ଚଲ୍ୟ ଖେଳେଇ ଦେଇଥିବା ବେଳେ ଟାଙ୍ଗୀ ପୁଲିସ ଉକ୍ତ ଘଟଣାରେ ୫ ଜଣ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ତେବେ ଆଜି ଅନ୍ୟ ଜଣେ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ । ଅଭିଯୁକ୍ତ ଜଣଙ୍କ ହେଉଛି ଭଦ୍ରକ ଜିଲ୍ଲା,ଚାନ୍ଦବାଲି ଥାନା, ପୁରୁଷୋତ୍ତମପୁର ଗ୍ରାମ ର ବିଶ୍ୱନାଥ ଘଡ଼େଇ ବୋଲି ଜଣାପଡ଼ିଛି । ଅଭିଯୁକ୍ତ ଜଣକ ଉକ୍ତ ଡବଲ ମଡର ଘଟଣାରେ ସଂପୃକ୍ତ ଥିବା ବେଳେ ଫେରାର ହୋଇଯାଇ ଥିଲା ଯାହାକୁ ନେଇ ଟାଙ୍ଗୀ ଥାନା ଅଧିକାରୀ ଡ଼ ବିକାଶ କୁମାର ସେଠୀ ତଦନ୍ତ ଜାରି ରଖିଥିବା ବେଳେ ଅଭିଯୁକ୍ତ ସଂଖ୍ୟା ୬କୁ ବୃଦ୍ଧି ପାଇବା ସହ ତରନ୍ତ ଅନ୍ୟ ସହଯୋଗୀ ମାନଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରକାଶ କରିଛନ୍ତି ।

### ଗିରଫ ସଂଖ୍ୟା ୬କୁ ବୃଦ୍ଧି

# କାହ୍ନୁ ଲେଙ୍କାଙ୍କ ସ୍ମୃତିଚାରଣ



**ବାଲିଅନ୍ତା,୨୪।୨/ଏନ୍ଏନ୍ଏସ୍:** ଅଗ୍ରଣୀ ପୂଜ୍ୟପୂଜା ଓ ସାମାଜିକ ସଂଗଠନ ସହଯୋଗ ଓଡ଼ିଶା ଆନୁକୂଲ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ମନ୍ତ୍ରୀ କାହ୍ନୁଚରଣ ଲେଙ୍କାଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ପାହାଳ ଥାନା ନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଗଣେଶପ୍ରସାଦ ଦାଶ ଏଥିରେ ଅଧକ୍ଷତା କରି କାହ୍ନୁ ବାବୁଙ୍କୁ ଜଣେ ଯୋଗଜନ୍ମା ପୁରୁଷବୋଲି ଅଭିହିତ କରିଥିଲେ । ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସାମ୍ବାଦିକା ଅନୁପମା ଦାଶ, ମୁରବି ବଂଶୀଧର ଭୋଳ, କଟକ ସଦର ପ୍ରେସ କ୍ଲବ ସଭାପତି ସୁରେନ୍ଦ୍ର ମହାପାତ୍ର, କେଦାରନାଥ ଜେନା, ବିଚିତ୍ରାନନ୍ଦ ଦଳାଇ, ଗନ୍ଧର୍ବ ଗିରି, ବ୍ରହ୍ମାନନ୍ଦ ସାହୁ, କିଶୋରଚନ୍ଦ୍ର ବରାଳ, ସୁଧାକର ସ୍ୱାଇଁ, ଲକ୍ଷ୍ମୀଧର ମହାନ୍ତି, କୃଷ୍ଣଚନ୍ଦ୍ର ଭୋଇ ପ୍ରମୁଖ ଯୋଗଦେଇ କାହ୍ନୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ହୋଇଥିଲା । ରମେଶଚନ୍ଦ୍ର ପ୍ରଧାନ, କାନନବିହାରୀ ନାୟକ, ରାଜକିଶୋର ବେହେରା, ଅଜୟ ଦାଶ, ଆଦିତ୍ୟ ଛୋଟରାୟ, ଲୁକେଶକୁମାର ସାହୁ, ଅଜୟକୁମାର ପାତ୍ର, ପୀତବାସ ଦାଶ ଓ ପ୍ରତାପକେଶରୀ ପାତ୍ରଙ୍କ ସମେତ ସହଯୋଗ ଓଡ଼ିଶାର ସଦସ୍ୟମାନେ ଉପସ୍ଥିତ ଥିଲେ ।

# କଞ୍ଚନବିଲି ଅବଧୂତ ଆଶ୍ରମରେ ଭାଗବତ ଯଜ୍ଞ

**ନୟାଗଡ଼,୨୪।୨/ଏନ୍ଏନ୍ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ କ୍ରିଦାଶପୁର ପଞ୍ଚାୟତର କଞ୍ଚନବିଲି ଅବଧୂତ ଆଶ୍ରମ ଠାରେ ଭାଗବତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗ୍ରାମକମିଟି ସଭାପତି ଶହଦେବ ପ୍ରଧାନଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳରୁ ଅବଧୂତ ବାବା ଯୋଗଦେଇ ଭାଗବତ ପାଠ ସହ ହୋମଯଜ୍ଞ କାର୍ଯ୍ୟ ସମ୍ପନ୍ନ କରିଥିଲା ବେଳେ ଏଥିରେ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ । ସ୍ଥାନୀୟ ଅଞ୍ଚଳର ଭକ୍ତମାନେ ଉପସ୍ଥିତ ହୋଇ ବିଭୁ କୃପା ଲାଭ କରିବା ସହିତ ଅନ୍ନପ୍ରସାଦ ସେବନ କରିଥିଲେ । ଗ୍ରାମ୍ୟ କମିଟିର ଦୁତିବାମନ ବେହେରା, ବିଶ୍ୱନାଥ ମୁଦୁଲି, ଚନ୍ଦ୍ରମଣି ବେହେରା, ବଳଭଦ୍ର ସାହୁ, ଦାଶରଥି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# ପ୍ରଧାନଶିକ୍ଷକ ନିଲମ୍ବିତ ଘଟଣା: ମୁଖ୍ୟ ଫାଟକରେ ପଡ଼ିଲା ତାଲା



**ମାହାଙ୍ଗା,୨୪।୨/ଏନ୍ଏନ୍ଏସ୍:** ମାହାଙ୍ଗା ଯଶୁଆପୁର ସ୍ଥିତ ଗୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ଦେହୁରୀଙ୍କୁ ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରିଣୀ ମୋନାଲିସା ସରକାର ମଧ୍ୟାହ୍ନଭୋଜନ ବ୍ୟତିକ୍ରମକୁ ଆଳ କରି ନିଲମ୍ବନ କରିବା ଘଟଣାକୁ ଘୋର ବିରୋଧ କରିଛନ୍ତି ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ଅଭିଭାବିକା ଓ ଗ୍ରାମବାସୀମାନେ । ଜିଦରେ ଅଟଳ ରହିଛନ୍ତି ସମସ୍ତ ଛାତ୍ରଛାତ୍ରୀ । ଛାତ୍ରଛାତ୍ରୀଙ୍କ ପ୍ରିୟ ପ୍ରଧାନଶିକ୍ଷକ ଶ୍ରୀ ଦେହୁରୀ ଯେଉଁ ପର୍ଯ୍ୟନ୍ତ ଏହି ବିଦ୍ୟାଳୟକୁ ନ ଫେରିଛନ୍ତି ସେ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବେ ନାହିଁ ବୋଲି ରୋକଠୋକ ମଣ୍ଡଳ ଶିକ୍ଷା ଅଧିକାରିଣୀଙ୍କୁ ଶୁଣାଇଛନ୍ତି । ଶ୍ରୀ ଦେହୁରୀଙ୍କ ସ୍ଥାନରେ ଆଜି ଜଣେ ନୂତନ ଶିକ୍ଷକ ମହେନ୍ଦ୍ର ବେହେରା ବିଦ୍ୟାଳୟରେ ଯୋଗଦେଇଥିବାବେଳେ ଏହାକୁ ବିରୋଧ କରି ବିଦ୍ୟାଳୟକୁ କୌଣସି ଛାତ୍ରଛାତ୍ରୀ ଆସି ନଥିଲେ । ଆସନ୍ତା ମାସ ମାର୍ଚ୍ଚ ୯ ତାରିଖରେ ବାର୍ଷିକ ପରୀକ୍ଷା ହେବାକୁ ଥିବା ବେଳେ ପିଲାଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳୁଛନ୍ତି ମାହାଙ୍ଗା ବ୍ଲକ ଶିକ୍ଷା ଅଧିକାରିଣୀ । ଗୋଟିଏ ପଟରେ ନିଜ ଜିଦରେ ବିଇଓ ଥିବା ବେଳେ ଅନ୍ୟ ପଟେ ଜିଦରେ ଅଟଳ ରହିଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ ଓ ଅଭିଭାବକ । ଏହି ବିବାଦ ଦିନକୁ ଦିନ ବଢି ଚାଲିଥିବାବେଳେ ଥମିବାର ନା ନେଉନାହିଁ । ଯେଉଁ ପ୍ରଧାନଶିକ୍ଷକ ଦୀର୍ଘ ୩ ବର୍ଷ ଧରି ବିଦ୍ୟାଳୟରେ ଉତମ ପରିବେଶ ସୃଷ୍ଟି କରିବା ସହ ପିତାମାତାଙ୍କ ଭଳି ଛାତ୍ରଛାତ୍ରୀଙ୍କୁ ସ୍ନେହ ଶ୍ରଦ୍ଧା ଦେଇ ମେଧାବୀ ଛାତ୍ରଛାତ୍ରୀ ସୃଷ୍ଟି କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସେହିପରି ଜଣେ ଆଦର୍ଶ ଶିକ୍ଷକଙ୍କୁ ବିଇଓ କାହା ପ୍ରରୋଚନାରେ ନିଲମ୍ବନ କଲେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଛାତ୍ରଛାତ୍ରୀ ନିବେଦନ କରିଛନ୍ତି । ବର୍ତ୍ତମାନ ପରିସ୍ଥିତିରେ ଶିକ୍ଷାଦାନ କ୍ଷେତ୍ରରେ ଯେଉଁ ଭଳି ସମସ୍ୟା ଉପୁଜୁଛି ଏହାକୁ ସମାଧାନ କରିବା ବ୍ଲକ ମଣ୍ଡଳ ଶିକ୍ଷା ବିଭାଗ ଫେଲ ମାରିଛି । ଚତୁର୍ଥ ଦିନରେ ବିଦ୍ୟାଳୟ ଫାଟକରେ ତାଲା ପଡ଼ିବା ଓ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନ ଆସିବା ଘଟଣାକୁ ନେଇ ସମଗ୍ର ମାହାଙ୍ଗାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ଏ ନେଇ ବିଇଓଙ୍କୁ ପଚାରିବାରୁ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ ।

**ନିତି ଭାରତୀ**

ଯେପରି ଗୋଟିଏ ଜଳୁଥିବା ମହମବତୀରୁ ଶହ ଶହ ମହମବତୀ ଲଗାଇ ଜଳାଗଲେ ମଧ୍ୟ ପ୍ରଥମ ମହମବତୀର ଆୟୁଷ ଶେଷ ହୁଏନାହିଁ, ସେହିପରି ସୁଖକୁ ବାଣ୍ଟିଲେ ତାହା ବାଣ୍ଟୁଥିବା ଲୋକଠାରୁ ସରିଯାଏ ନାହିଁ। - **ଗୌତମ ବୁଦ୍ଧ**

ନିତିଦିନ NITIDIN
ବୁଧବାର, ୨୫ ଫେବୃଆରୀ ୨୦୨୬

# ଧର୍ମ, ଶିକ୍ଷା ଓ ବିବାହ: ଭାରତୀୟ ଅର୍ଥନୀତିର ଅନ୍ତଃକାହାଣୀ



ଅନ୍ତର୍ଜିତା ନାୟକ

ଭାରତୀୟ ଅର୍ଥ ବ୍ୟବସ୍ଥାକୁ ସଠିକ୍ ଭାବରେ ବୁଝିବାକୁ ହେଲେ କେବଳ ମୋଟ ଘରୋଇ ଉତ୍ପାଦ, ମୁଦ୍ରାସ୍ଫୀତି କିମ୍ବା ନୀତିଗତ ଘୋଷଣା ପର୍ଯ୍ୟାପ୍ତ ନୁହେଁ। ଏହା ପାଇଁ ଆବଶ୍ୟକ ଭାରତୀୟ ପରିବାରକୁ ପ୍ରବେଶ କରିବା, ଯେଉଁଠାରେ ଦୈନନ୍ଦିନ ଜୀବନର ସାଧାରଣ ନିଷ୍ପତ୍ତି ମାଧ୍ୟମରେ ଗଭୀର ଆର୍ଥିକ ଯୁକ୍ତି ଉନ୍ମୋଚିତ ହୁଏ। କେଉଁ ଜିନିଷ ପାଇଁ ସଞ୍ଚୟ କରିବା ଉଚିତ, କେବେ ଋଣ ନେବା ଯୁକ୍ତିସଙ୍ଗତ, କେଉଁ ଉତ୍ସବ ପାଳନ ଅନିବାର୍ଯ୍ୟ, ଏହି ସମସ୍ତ ନିଷ୍ପତ୍ତି ଭାରତୀୟ ଅର୍ଥନୈତିକ ଢାଞ୍ଚାର ଏକ ଆଇନା। ଆଜିକା ପରିଦୃଶ୍ୟରେ ଯଦି ଭାରତୀୟ ପରିବାରମାନଙ୍କର ଘରୋଇ ଖର୍ଚ୍ଚର ଉଦ୍ଦେଶ୍ୟ ଓ ଲକ୍ଷ୍ୟକୁ ତର୍ଜମା କରିବା, ତେବେ ତିନୋଟି କ୍ଷେତ୍ର, ଯାହା ସବୁଠୁ ବେଶୀ ଧ୍ୟାନ ଆକର୍ଷଣ କରେ, ତାହା ହେଉଛି ଧାର୍ମିକ ଅଭ୍ୟାସ, ପିଲାମାନଙ୍କ ଶିକ୍ଷା ଏବଂ ବିବାହ। ଭାରତରେ ଧର୍ମ କେବଳ ସାମୟିକ ଭୋଗ କିମ୍ବା ବ୍ୟକ୍ତିଗତ ଆସ୍ଥାର ପ୍ରକାଶ ନୁହେଁ; ଏହା ଘରୋଇ ଖର୍ଚ୍ଚର ଏକ ନିୟମିତ ଅଂଶ। ଜାତୀୟ ନମୁନା ସର୍ବେକ୍ଷଣ (ଏନ୍‌ଏସ୍‌ଏସ୍) ଏହା ସ୍ପଷ୍ଟ କରେ ଯେ ଭାରତୀୟ ପରିବାରଗୁଡ଼ିକ ତାଙ୍କର ଅଣ–ଖାଦ୍ୟ ଖର୍ଚ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଧାର୍ମିକ ଓ ଆନୁଷ୍ଠାନିକ କାର୍ଯ୍ୟକଳାପ ପାଇଁ ନିୟୋଜିତ କରିଥାନ୍ତି। ଅନେକ କ୍ଷେତ୍ରରେ ଏହି ଖର୍ଚ୍ଚ ମନୋରଞ୍ଜନ, ବ୍ୟକ୍ତିଗତ ସେବା, ଏବଂ କେତେକ ସ୍ଥାନରେ ମୌଳିକ ପରିମଳ ସମ୍ପର୍କୀୟ ଖର୍ଚ୍ଚକୁ ମଧ୍ୟ ଅତିକ୍ରମ କରିଥାଏ। ଏହି ଖର୍ଚ୍ଚର ପରିସର ଦୈନିକ ନୈବେଦ୍ୟ, ସାପ୍ତାହିକ ମନ୍ଦିର ଦର୍ଶନ ଭଳି ଛୋଟ ଆୟୋଜନରୁ ଆରମ୍ଭ କରି ପର୍ବପର୍ବାଣି, ଦାନ ଦକ୍ଷିଣା, ତୀର୍ଥଯାତ୍ରା, ଯଜ୍ଞ-କୀର୍ତ୍ତନ, ଜନ୍ମ, ବିବାହ, ମୃତ୍ୟୁ ଓ ପୈତୃକ ପୂଜାପାଠ, ରୀତିନୀତି ପର୍ଯ୍ୟନ୍ତ ବିସ୍ତୃତ। ଘରୋଇ ସ୍ତରରେ ଧାର୍ମିକ ଖର୍ଚ୍ଚ ଅନେକ ରୂପ ନେଇଥାଏ। ପରିବାରଗୁଡ଼ିକ ନିୟମିତ ଭାବରେ ପୂଜା ସାମଗ୍ରୀ, ଦୀପ, ଫୁଲ, ପ୍ରସାଦ ଏବଂ ନୈବେଦ୍ୟ ପାଇଁ ଅର୍ଥ ଅଲଗା କରନ୍ତି, ପ୍ରମୁଖ ପର୍ବପର୍ବାଣି ସମୟରେ ଋତୁକାଳୀନ ଖର୍ଚ୍ଚ ବହନ କରନ୍ତି, ମନ୍ଦିର ପାଣ୍ଠି କିମ୍ବା ଧାର୍ମିକ ଟ୍ରଷ୍ଟରେ ଯୋଗଦାନ କରନ୍ତି ଏବଂ ତୀର୍ଥଯାତ୍ରା କରନ୍ତି, ଯେଉଁଥିରେ ଯାତ୍ରା, ରହଣି ଓ ଦାନ ଭଳି ବହୁମୁଖୀ ଖର୍ଚ୍ଚ ଅନ୍ତର୍ଭୁକ୍ତ ଥାଏ। ବ୍ୟକ୍ତିଗତ ଭାବେ ଏହି ଖର୍ଚ୍ଚଗୁଡ଼ିକ ଛୋଟ ଲାଗିପାରେ, କିନ୍ତୁ ସଞ୍ଚୟ ଦୃଷ୍ଟିରୁ ଦେଖିଲେ, ବିଶେଷକରି ନିମ୍ନ ଓ ମଧ୍ୟମ ଆୟ ବର୍ଗର ପରିବାରଗୁଡ଼ିକ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅଂଶ ନିର୍ବାହ କରିଥାଏ। ଯେଉଁ ବର୍ଷଗୁଡ଼ିକରେ ଏକାଧିକ ସମାରୋହ ସାମିଲ ଥାଏ, ସେଥିରେ ଧାର୍ମିକ ଖର୍ଚ୍ଚ ପରିବାରର ଆର୍ଥିକ ସଞ୍ଚୟକୁ କ୍ଷୟ କରିପାରେ, ସ୍ୱାସ୍ଥ୍ୟ କିମ୍ବା ପୁଷ୍ଟି ଉପରେ ଖର୍ଚ୍ଚକୁ ସୀମିତ କରିପାରେ କିମ୍ବା ଅନୌପଚାରିକ ଋଣ ଉପରେ ନିର୍ଭରତା ବୃଦ୍ଧି କରିପାରେ। ଏହି ଅର୍ଥରେ ଧାର୍ମିକ ଖର୍ଚ୍ଚ କେତେକ ସମୟରେ ଯୋଜନାର ଫଳ ନୁହେଁ, ବରଂ ସାମାଜିକ ଆଶା ଏବଂ ସଂସ୍କୃତିଗତ ବାଧ୍ୟବାଧକତା ଦ୍ୱାରା ସୃଷ୍ଟ ଏକ ଆର୍ଥିକ ବୋଝ ଭାବେ ପ୍ରତୀତ ହୁଏ। ପାରମ୍ପରିକ ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ, ଏପରି ଖର୍ଚ୍ଚକୁ ଅଦକ୍ଷ କିମ୍ବା ଅଣ–ଉତ୍ପାଦକ ଭାବରେ ବ୍ୟାଖ୍ୟା କରାଯାଇପାରେ। କିନ୍ତୁ ବ୍ୟବହାରିକ ଓ ବିକାଶ ଅର୍ଥନୀତି ଏହାକୁ ଅଧିକ ସୂକ୍ଷ୍ମ ଭାବରେ ବୁଝାଇ ଥାଏ। ଭାରତ ପରିପ୍ରେକ୍ଷୀରେ ଧାର୍ମିକ ଖର୍ଚ୍ଚ ପ୍ରାୟତଃ ସାମାଜିକ ଏବଂ ନୈତିକ 'ବୀମା' ଭାବରେ କାର୍ଯ୍ୟ କରେ, ଯାହାକୁ ଅର୍ଥନୀତିଜ୍ଞମାନେ ଅଣ-ବସ୍ତୁଗତ ଉପଯୋଗିତା ବୋଲି କୁହନ୍ତି। ମନ୍ଦିର, ପର୍ବପର୍ବାଣି ଏବଂ ଧାର୍ମିକ ସମାବେଶଗୁଡ଼ିକ ଅନୌପଚାରିକ ସଂସ୍ଥା ଭାବରେ କାର୍ଯ୍ୟ କରେ, ଯେଉଁଠାରେ ସୂଚନା ବିନିମୟ ହୁଏ, ସମର୍ଥନ ସଂଗଠିତ ହୁଏ ଏବଂ ସାମ୍ପ୍ରଦାୟିକ ବନ୍ଧନ ଦୃଢ଼ ହୁଏ। ଏହି ପ୍ରସଙ୍ଗରେ ଧାର୍ମିକ ଖର୍ଚ୍ଚ ସାମାଜିକ ସ୍ଥିରତା ଏବଂ ସାମୁହିକ ନମନୀୟତା ପାଇଁ ଏକ ଅନୌପଚାରିକ ନିବେଶ। ଏହା ସହିତ ଏହି କ୍ଷେତ୍ର ଏକ ବୃହତ୍ ମାକ୍ରୋ-ଅର୍ଥନୈତିକ ମାନକୁ ମଧ୍ୟ ଧାରଣ କରେ। ଭାରତର ଧାର୍ମିକ ଅର୍ଥନୀତି ମନ୍ଦିର, ତୀର୍ଥଯାତ୍ରା, ପର୍ବପର୍ବାଣି, ଧାର୍ମିକ ପର୍ଯ୍ୟଟନ, ହସ୍ତଶିଳ୍ପ, ଆତିଥ୍ୟ, ପରିବହନ ଏବଂ ବିଭିନ୍ନ ଅନୌପଚାରିକ ସେବାକୁ ଅନ୍ତର୍ଭୁକ୍ତ କରି ନିଯୁକ୍ତି ସୃଷ୍ଟି ଏବଂ ସ୍ଥାନୀୟ ଅର୍ଥନୈତିକ କ୍ରିୟାକଳାପରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ରଖେ। ପ୍ରମୁଖ ତୀର୍ଥସ୍ଥଳଗୁଡ଼ିକ ଋତୁକାଳୀନ ଆୟ ପ୍ରବାହ ସୃଷ୍ଟି କରି କ୍ଷୁଦ୍ର ବ୍ୟବସାୟକୁ ଧାରଣ କରନ୍ତି ଏବଂ ଲକ୍ଷାଧିକ ଜୀବିକାକୁ ସମର୍ଥନ କରନ୍ତି। ଯଦିଓ ଏହି ଯୋଗଦାନ ସବୁବେଳେ ଜାତୀୟ ହିସାବରେ ସଂପୂର୍ଣ୍ଣ ଭାବେ ପ୍ରତିବିମ୍ବିତ ହୁଏ ନାହିଁ, ଧାର୍ମିକ କାର୍ଯ୍ୟକଳାପ ଭାରତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଗଠନ କରେ। ତେଣୁ ଏହି କ୍ଷେତ୍ରକୁ ଅଣଦେଖା କରି ଭାରତୀୟ ଅର୍ଥନୈତିକ ପ୍ରଦର୍ଶନର ମୂଲ୍ୟାଙ୍କନ କଲେ ସେହି ଚିତ୍ର ନିଶ୍ଚିତ ଭାବେ ଅସମ୍ପୂର୍ଣ୍ଣ ରହିଯିବ।



ଅନ୍ୟ ପଟେ, ଭାରତୀୟ ଘରୋଇ ଖର୍ଚ୍ଚ ଗଠନରେ ଶିକ୍ଷା ଦିନକୁ ଦିନ ଏକ ଅଧିକ ଦାବିପୂର୍ଣ୍ଣ ସ୍ଥାନ ଅଧିକାର କରୁଛି। ସାମାଜିକ ଧାରଣାରେ ଶିକ୍ଷାକୁ ଉପରମୁଖୀ ଗତିଶୀଳତା, ଆର୍ଥିକ ସୁରକ୍ଷା ଏବଂ ସାମାଜିକ ମର୍ଯ୍ୟାଦା ପ୍ରାପ୍ତିର ସବୁଠାରୁ ବୈଧ ଏବଂ ଭରସାଯୋଗ୍ୟ ମାର୍ଗ ଭାବେ ଦେଖା ଯାଉଛି। ଏହି କାରଣରୁ ଶିକ୍ଷା ଆଜି ଏକ ଉଚ୍ଚ-ବ୍ୟୟବହୁଳ, ଉଚ୍ଚ-ପ୍ରତିଦ୍ୱନ୍ଦ୍ୱିତାମୂଳକ ଏବଂ ଦୀର୍ଘକାଳୀନ ନିବେଶର ଆକାର ନେଇଛି। ଗତ ଦୁଇ ଦଶକରେ ଘରୋଇ ବିଦ୍ୟାଳୟ, ଇଂରାଜୀ ମାଧ୍ୟମ ଶିକ୍ଷା, କୋଚିଂ ଶିଳ୍ପ, ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି, ଏବଂ ବୃତ୍ତିଗତ ଓ ବୈଷୟିକ ଡିଗ୍ରୀର ବ୍ୟାପକ ସମ୍ପ୍ରସାରଣ ଦ୍ୱାରା ଶିକ୍ଷା ଉପରେ ଘରୋଇ ଖର୍ଚ୍ଚ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ବର୍ତ୍ତମାନ ଶିକ୍ଷା ଖର୍ଚ୍ଚ କେବଳ ଟ୍ୟୁସନରେ ସୀମିତ ନୁହେଁ, ବରଂ ଏଥିରେ ପରିବହନ, ଡିଜିଟାଲ ଉପକରଣ, ଅନଲାଇନ୍ ଉପକରଣ, ଛାତ୍ରାବାସ ଦେୟ ଏବଂ ଅନ୍ୟାନ୍ୟ ସହଯୋଗୀ ଖର୍ଚ୍ଚ ସମ୍ମିଳିତ। ଭାରତରେ ସହର ଓ ଉପ-ସହରରେ ଅନେକ ପରିବାର ପାଇଁ 'ଗୁଣାତ୍ମକ ଶିକ୍ଷା' ସୁନିଶ୍ଚିତ କରିବାର ଅର୍ଥ ହେଉଛି, ଖର୍ଚ୍ଚଯୋଗ୍ୟ ଆୟର ଏକ ବୃହତ୍ ଅଂଶ ଆବଣ୍ଟନ କରିବା କିମ୍ବା ଦୀର୍ଘକାଳୀନ ଋଣ ଭାର ବହନ କରିବା। ଏହି ପରିବେଶରେ ଭାରତୀୟ ପରିବାରମାନେ ଶିକ୍ଷାକୁ ତତ୍କାଳିକ ଉପଭୋଗ ଭାବେ ନୁହେଁ, ବରଂ ଭବିଷ୍ୟତର ଲାଭ ପାଇଁ ବର୍ତ୍ତମାନର ଆର୍ଥିକ ଚାପକୁ ସ୍ୱଇଚ୍ଛାରେ ଗ୍ରହଣ କରି ଗଢ଼ା ଯାଉଥିବା ଏକ ଦୀର୍ଘକାଳୀନ ମାନବ ପୁଞ୍ଜିନିବେଶ ଭାବେ ଦେଖନ୍ତି। ଇଞ୍ଜିନିୟରିଂ, ମେଡିକାଲ, ମ୍ୟାନେଜମେଣ୍ଟ ଓ ବିଦେଶୀ ଶିକ୍ଷା ମାର୍ଗରେ ଭାରି ପୁଞ୍ଜି ବିନିଯୋଗ କରିବାର ଆଗ୍ରହ ଏହି ମନୋଭାବକୁ ସ୍ପଷ୍ଟ କରେ। ଏହା ସହିତ ଜଡ଼ିତ ଆଉ ଏକ ଆକାଂକ୍ଷା ହେଉଛି, ପିଲାମାନଙ୍କୁ ଭାରତରେ ଶିକ୍ଷିତ କରି ସେମାନଙ୍କୁ ବିଶ୍ୱ ବଜାରରେ ନିଯୁକ୍ତ ଦେଖିବା। ଏହି ଧାରଣା ଆନ୍ତର୍ଜାତିକ ପରୀକ୍ଷା ପ୍ରସ୍ତୁତି, ବିଦେଶୀ ବିଶ୍ୱବିଦ୍ୟାଳୟରେ ନାମଲେଖା, ଶିକ୍ଷା ଋଣ ଏବଂ ସ୍ଥାନାନ୍ତରଣ ସମ୍ବନ୍ଧୀୟ ଖର୍ଚ୍ଚକୁ ଦ୍ରୁତ ଭାବେ ବଢ଼ାଉଛି। ବୃହତ୍ ଅର୍ଥନୈତିକ ସ୍ତରରେ ଏହି ଧାରା ଅନେକ ଗମ୍ଭୀର ପ୍ରଶ୍ନ ମଧ୍ୟ ଉଠାଉଛି, ଯେମିତିକି ଯେତେବେଳେ ଶିକ୍ଷାରେ ସରକାରୀ ଓ ବେସରକାରୀ ସମ୍ବଳ ନିବେଶ କରା ଯାଉଥିବା ବେଳେ ଉଚ୍ଚ ତାଲିମପ୍ରାପ୍ତ ମାନବ ଶକ୍ତିର ଏକ ଦୃଶ୍ୟମାନ ଅଂଶ ବିଦେଶୀ ଅର୍ଥ ବ୍ୟବସ୍ଥାକୁ ଉତ୍ପାଦନମୂଳକ ସେବା ଦେଉଛି ଓ ଦେଶ ମାନବ ପୁଞ୍ଜିନିବେଶରୁ କେବଳ ଆଂଶିକ ଫଳ ପାଉଛି। ଏହାର ଆର୍ଥିକ ପ୍ରଭାବ ଘରୋଇ ସୀମାକୁ ଅତିକ୍ରମ କରି ଜାତୀୟ ଅର୍ଥନୀତି ଗଠନ ପର୍ଯ୍ୟନ୍ତ ବ୍ୟାପକ, ଯାହାର ଚାପ ପ୍ରଥମେ ପରିବାର ଉପରେ ପଡ଼େ ଓ ପରବର୍ତ୍ତୀ ଦୀର୍ଘକାଳୀନ ଚାପ ଦେଶର ଅର୍ଥନୀତି ଉପରେ ପଡ଼େ।

ଭାରତୀୟ ସାମାଜିକ-ଅର୍ଥନୈତିକ ବ୍ୟବସ୍ଥାରେ ସବୁଠାରୁ ନାଟକୀୟ ଅଭିବ୍ୟକ୍ତି ହେଉଛି ବିବାହ ଅର୍ଥ ବ୍ୟବସ୍ଥା। ବାର୍ଷିକ ପ୍ରାୟ ୧୩୦ ବିଲିୟନ ଆମେରିକୀୟ ଡଲାର, ଆନୁମାନିକ ୧୦ ଲକ୍ଷ କୋଟି ଟଙ୍କା, ଭାରତୀୟ ବିବାହ କ୍ଷେତ୍ରରେ ଖର୍ଚ୍ଚ ହେଉଛି। ଭାରତରେ ପ୍ରତି ବର୍ଷ ଆନୁମାନିକ ୮-୧୦ ମିଲିୟନ ବିବାହ ସଂପନ୍ନ ହେଉଛି, ଯେଉଁଠି ଗୋଟିଏ ବିବାହ ପ୍ରତି ହାରାହାରି ଖର୍ଚ୍ଚ ୧୨-୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହୁଛି। ଏହି ରାଶି ଏକ ସାଧାରଣ ପରିବାରର ବାର୍ଷିକ ଆୟର ଦୁଇରୁ ତିନି ଗୁଣ ଏବଂ ଭାରତର ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦର ପ୍ରାୟ ପାଞ୍ଚ ଗୁଣ ସମାନ। ଏହି କାରଣରୁ ବିବାହଗୁଡ଼ିକ ପ୍ରାୟତଃ ଦୀର୍ଘକାଳୀନ ସଞ୍ଚୟ, ଅନୌପଚାରିକରଣ, ସୁନା ରୂପାର ମୂଲ୍ୟ ବୃଦ୍ଧି ମାଧ୍ୟମରେ ଦେଖିବାକୁ ମିଳୁଛି। ଏପରି ବ୍ୟୟ ଅଯୁକ୍ତିସଂଗତ। ତଥାପି ଭାରତର ସାମାଜିକ-ଅର୍ଥନୈତିକ ଢାଞ୍ଚାରେ ବିବାହ ଖର୍ଚ୍ଚ ଏକ ଭିନ୍ନ ପ୍ରକାରର ଆର୍ଥିକ ତର୍କ ଅନୁସରଣ କରୁଛି। ବିବାହ ଏଠାରେ କେବଳ ଏକ ବ୍ୟକ୍ତିଗତ ପାରିବାରିକ ଅନୁଷ୍ଠାନ ନୁହେଁ; ଏହା ଏକ ସାର୍ବଜନୀନ ଆର୍ଥିକ ସଙ୍କେତ। ଏହା ପାରିବାରିକ ପ୍ରତିଷ୍ଠା ଏବଂ ସାମାଜିକ ସ୍ଥିତିର ସଂକେତ, ଯାହା ଫଳରେ ଆଜିକାଲି ବିବାହ ଉତ୍ସବରେ ଲୋକେ ପାଣି ଭଳିଆ ପଇସା ଖର୍ଚ୍ଚ କରୁଛନ୍ତି। ଅବଶ୍ୟ ଏହି ଖର୍ଚ୍ଚର ଚାପ ତଳେ ଏକ ବିଶାଳ ଅନୌପଚାରିକ ଅର୍ଥନୈତିକ ପରିସଂସ୍ଥା ସୃଷ୍ଟି ହୁଏ, ଯେଉଁଠି ଅଳଙ୍କାର ଶିଳ୍ପୀ, ବୁଣାକାର, ଖାଦ୍ୟ ଯୋଗାଣକାରୀ, ସଜ୍ଜାକାର, ପରିବହନ ଶ୍ରମିକ, ସଙ୍ଗୀତଜ୍ଞ, ଫଟୋଗ୍ରାଫର ଏବଂ କ୍ଷୁଦ୍ର ବିକ୍ରେତାମାନଙ୍କୁ ଋତୁକାଳୀନ ନିଯୁକ୍ତି ଏବଂ ସ୍ଥାନୀୟ ଅର୍ଥନୈତିକ ଗୁଣକ ସୃଷ୍ଟି ହୁଏ। ଏହି ଅର୍ଥରେ ବିବାହ ଖର୍ଚ୍ଚ ଆର୍ଥିକ ପୁଞ୍ଜିକୁ ସାମାଜିକ ବୈଧତା ଏବଂ ଅନୌପଚାରିକ ବୀମାରେ ପରିଣତ କରେ ଏବଂ ଏହି କାରଣରୁ ଖର୍ଚ୍ଚ ବୃଦ୍ଧି ସତ୍ତ୍ୱେ ପରିବାରମାନେ ବ୍ୟୟ ବହୁଳ ବିବାହକୁ ପ୍ରାଥମିକତା ଦେଇ ଚାଲିଛନ୍ତି। ସାମ୍ପ୍ରତିକ ସର୍ବେକ୍ଷଣଗୁଡ଼ିକରେ ଅନେକ ଭାରତୀୟ ନିଜେ ଏହି ଚାପକୁ ସ୍ୱୀକାର କରିଛନ୍ତି ଯେ ବିବାହ ଖର୍ଚ୍ଚ ଅତ୍ୟଧିକ ଏବଂ କ୍ରମେ ସାମାଜିକ ଚାପରେ ପରିଣତ ହେଉଛି। ହେଲେ ଏଇ ଖର୍ଚ୍ଚ ଅଭ୍ୟାସଗୁଡ଼ିକ ଆଜି ଆଉ କେବଳ ବ୍ୟକ୍ତିଗତ ପସନ୍ଦ ନୁହେଁ, ବରଂ ସେଗୁଡ଼ିକ ପିଢ଼ି ପରେ ପିଢ଼ି ସୁଦୃଢ଼ ହୋଇ ଚାଲୁଥିବା ସାମୂହିକ ନିୟମ ଭାବେ ପ୍ରତିଫଳିତ ହେଉଛି।

ଧର୍ମ, ଶିକ୍ଷା ଏବଂ ବିବାହ ଉପରେ ଭାରତୀୟ ପରିବାରମାନଙ୍କର ଖର୍ଚ୍ଚ ଏକ ସୁସଂଗତ ଆର୍ଥିକ–ସାମାଜିକ ଢାଞ୍ଚାକୁ ପ୍ରକାଶ କରେ। ବୃହତ୍ ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଆଚରଣ ବ୍ୟାଖ୍ୟା କରେ କାହିଁକି ଘରୋଇ ଉପଭୋଗ ଭାରତର ଜିଡିପିର ମେରୁଦଣ୍ଡ ହୋଇ ରହିଛି, ଯେଉଁଠି ମୋଟ ଅର୍ଥନୈତିକ ଉତ୍ପାଦନ ଏହାର ପ୍ରାୟ ୫୫-୬୦ ପ୍ରତିଶତ ଅଂଶ ଗଠନ କରେ। ସାଂସ୍କୃତିକ ବ୍ୟୟକୁ କେବଳ ବିକାଶର ଏକ ଉପ-ଫଳ ଭାବେ ଦେଖିବା ଭ୍ରମାତ୍ମକ। ଏହା ବିକାଶର ଏକ କ୍ରିୟାଶୀଳ ଇଞ୍ଜିନ। ପରିଶେଷରେ, ଭାରତୀୟ ଖର୍ଚ୍ଚ ଢାଞ୍ଚା କେବଳ ଉପଭୋଗ ପରିସଂଖ୍ୟାନର କାହାଣୀ କୁହେନାହିଁ, ବରଂ ଏହା ଏକ ଅଧିକ ସମୃଦ୍ଧ ଅର୍ଥନୈତିକ ତର୍କକୁ ପ୍ରକାଶ କରେ, ଯେଉଁଠି ଧର୍ମ ଅନୌପଚାରିକ ବୀମାର ଭୂମିକା ନିର୍ବାହ କରେ ତ ଶିକ୍ଷା ଉତ୍ତରାଧିକାର ସୃଷ୍ଟିର ଏକ କୌଶଳ ହୋଇ ଉଠେ ଏବଂ ବିବାହ ସାମାଜିକ ଚୁକ୍ତିର ଏକ ପ୍ରତିଷ୍ଠିତ ମାଧ୍ୟମ ଭାବେ କାର୍ଯ୍ୟ କରେ।■

ମୋ: ୬୩୭୦୯୦୫୯୪୭

# ଭୁବନେଶ୍ୱର ଆଉ କେତେ ଦୂର



ସୀତାକାନ୍ତ ତ୍ରିପାଠୀ

ଭୁବନେଶ୍ୱରକୁ ଯିବା ପାଇଁ ବିଭିନ୍ନ ଦିଗରୁ, ବିଭିନ୍ନ ଅଞ୍ଚଳରୁ ମୁଖ୍ୟ ରାସ୍ତା କିମ୍ବା ସଂଯୋଗୀକରଣ ରାସ୍ତା ରହିଛି। ଯିଏ ଯେଉଁ ଦିଗରୁ ଆସନ୍ତି, ସିଏ ସେହି ଦିଗରୁ ଭୁବନେଶ୍ୱରର ଅବସ୍ଥିତି ଏବଂ ଦୂରତାକୁ ମାପି ଥାଆନ୍ତି। ତେବେ ପ୍ରକୃତରେ ଭୁବନେଶ୍ୱରର ଅବସ୍ଥିତି କେଉଁଠି ? ଆମେ ଯେଉଁ ସ୍ଥାନକୁ ନିର୍ଦ୍ଧାରଣ କରି ଏହାର ଦୂରତା ମାପି ଥାଆନ୍ତି, ତାହା କ'ଣ ସତରେ ଭୁବନେଶ୍ୱର ? କାରଣ ଉକ୍ତ ସ୍ଥାନର ନାମ କିଛି ଅଲଗା ଥାଏ। ଉଦାହରଣ ସ୍ୱରୂପ, ଉତ୍ତରରୁ ଆସୁଥିବା ଲୋକମାନେ ପଳାଶୁଣି କିମ୍ବା ନନ୍ଦନକାନନ, ଦକ୍ଷିଣରୁ ଆସୁଥିବା ଲୋକ ଲିଙ୍ଗିପୁର କିମ୍ବା ଖଣ୍ଡଗିରି ଅଞ୍ଚଳକୁ ଭୁବନେଶ୍ୱର ବୋଲି ଅଭିହିତ କରିବାର ନଜିର ଅଛି। ତେବେ କେଉଁଠି ଏଇ ପ୍ରକୃତ ଭୁବନେଶ୍ୱର ? ଏବେ ପୁଣି ଭୁବନେଶ୍ୱରର ପରିସୀମା ବା କଳେବର ବଢ଼ିବା ସହିତ ପ୍ରକୃତ ଭୁବନେଶ୍ୱର କେଉଁଠି, ତାହା ଆହୁରି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସୃଷ୍ଟି କରୁଛି। କାହା ପାଇଁ ବିଧାନସଭା, ସଚିବାଳୟ, ରାଜଭବନ ଆଦି ସ୍ଥାନଗୁଡ଼ିକୁ ଭୁବନେଶ୍ୱରର ମୂଳପିଣ୍ଡ ବୋଲି ଅଭିହିତ ହେଉଥିବା ବେଳେ ଆଉ କାହା ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟ, ଡାକ୍ତରଖାନା ବିମାନଘାଟି, ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ କିମ୍ବା କଳକାରଖାନାକୁ ଆଧାର କରି ଭୁବନେଶ୍ୱରର ପ୍ରକୃତ ସ୍ଥିତି ଓ ଗୁରୁତ୍ୱ ବହନ କରେ। ଏସବୁକୁ ଆଧାର କରି ବିଭିନ୍ନ ଜମିଜମା କିଣାବିକା ଚାଲିଥାଏ। ମୋଟ ଉପରେ ନିଜର ସୁବିଧା ସୁଯୋଗ, ଟଙ୍କା, ପଇସା, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ, ସର୍ବୋପରି ସାମାଜିକ ଗଣମାଧ୍ୟମ ଏବଂ ବିଭିନ୍ନ ଲୋକଙ୍କ ପ୍ରଭାବରେ ଭୁବନେଶ୍ୱରର ଅବସ୍ଥିତି ଏବଂ ଗୁରୁତ୍ୱ ନିର୍ଣ୍ଣୟ କରାଯାଇଥାଏ। କାରଣ ପୋଷ୍ଟ ଅଫିସର ପିନ୍‌କୋଡ୍ ଅନୁଯାୟୀ ଭୁବନେଶ୍ୱର-୧ଠାରୁ ଆରମ୍ଭ କରାଯାଇ ଦିନକୁ ଦିନ ତା'ର ସଂଖ୍ୟା ବଢ଼ି ଚାଲିଛି। ଏହା କେବଳ ଆମ ରାଜଧାନୀର କଥା ନୁହେଁ, ପ୍ରାୟ ପ୍ରତ୍ୟେକ ସହରର ଏହି ଅବସ୍ଥା। ଅବଶ୍ୟ ଆଇନଗତ ଦୃଷ୍ଟିକୋଣରୁ ଉକ୍ତ ସହରମାନଙ୍କର ସୀମା ନିର୍ଦ୍ଧାରିତ ହୋଇଥାଏ, କିନ୍ତୁ ତାହା ସଦାସର୍ବଦା ପରିବର୍ତ୍ତନଶୀଳ। ଯେଉଁଠି ନାମକରଣ ହୋଇଥିବା ପ୍ରକୃତ ସ୍ଥାନକୁ ଖୋଜି ପାଇବା ବଡ଼ କଷ୍ଟକର।

ସେହିଭଳି ମଣିଷର ଇଚ୍ଛା ଓ ଅଭିଳାଷର ପ୍ରକୃତ ସୀମା ନିର୍ଦ୍ଧାରଣ କରିବା କଷ୍ଟକର। ଯିଏ ଦିନେ ଦୁଇ ଓଳି ଦୁଇ ମୁଠା ଖାଇବା ପାଇଁ ନିଜ ଅଭିଳାଷର ମୂଳପିଣ୍ଡ ବୋଲି ଭାବୁଥିଲା, ତାହା ସମୟକ୍ରମେ ଘର, ଗାଡ଼ି, ଜାଗା, କଳକାରଖାନାକୁ ସମ୍ପ୍ରସାରିତ ହୋଇଥାଏ, ତା' ସାଙ୍ଗରେ ପୁଣି କ୍ଷମତାର ଲୋଭ, ଯାହାକୁ ଆଧାର କରି ଅନେକ ଆଶା, ସ୍ୱପ୍ନ, ଆଶଙ୍କା ଓ ଦ୍ୱନ୍ଦ୍ୱାତ୍ମକ ଚିନ୍ତାଧାରା, ସେତେବେଳକୁ ସିଏ ଭୁଲି ଯାଇଥାଏ, ସିଏ ପ୍ରକୃତରେ କିଏ ? ଏ ଭିତରେ ସିଏ ପରଶୁଠାରୁ ପର୍ଶୁରାମ, କପିଳାରୁ କପିଳେନ୍ଦ୍ର ପାଲଟି ଯାଇଥାଏ। ପରିଚୟ ହିସାବରେ ସିଏ କାହାର ପୁଅ, ନାତି, ଭଣଜା, ଜ୍ୱାଇଁ ଆଦି କହିବା ଅପେକ୍ଷା ଅମୁକ ସାର୍, ବାବୁ କିମ୍ବା ଅଧିକାରୀକୁ ରୂପାନ୍ତରିତ ହୋଇ ଯାଇ ଥାଆନ୍ତି। ସେଥିରେ କେବଳ 'ମୁଁ' କିମ୍ବା 'ମୋର'କୁ ପ୍ରମାଣ କରିବାର ଅଦମ୍ୟ ଲାଳସା ବସା ବାନ୍ଧି ରହିଥାଏ। ଆଉ ତାଙ୍କ ଚରିତ୍ରକୁ ଯିଏ ଯେଉଁ ହିସାବରେ ଦେଖେ, ସିଏ ସେହି ହିସାବରେ ତଉଲି ଥାଏ। କ୍ଷୀରରୁ ଯେମିତି ଦହି, ଛେନା, ରାବିଡ଼ି, ଘିଅ ତିଆରି କରି ସାରିବା ପରେ କ୍ଷୀରର ମୂଳସତ୍ତା, ଗୁଣ ଏବଂ ଉପାଦେୟତା ଖୋଜି ପାଇବା କଷ୍ଟକର, ଠିକ୍ ସେହିଭଳି ମଣିଷ ଚିତ୍ତ ଓ ଚରିତ୍ରର ପରିବର୍ତ୍ତନ ହୋଇ ଯାଇଥାଏ। ସେତେବେଳକୁ ସିଏ ପିଲାଦିନର ସେହି କଅଁଳିଆ ମନ ଓ ହୃଦୟକୁ ଖୋଜି ପାଇବା କଷ୍ଟକର ହୋଇପଡ଼େ।

ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ଦୂରତାକୁ ଯଦି ଆମେ ଜୀବନ କହିବା, ତା'ହେଲେ ଏହା ପ୍ରତି ମୁହୂର୍ତ୍ତରେ ପରିବର୍ତ୍ତନ ଏବଂ ସମ୍ପ୍ରସାରଣ ହେବା ସ୍ୱାଭାବିକ। ଏହି ରାସ୍ତା ଭିତରେ କେତେ ସମ୍ପର୍କ ଓ ଅନୁଭୂତି। ଦିନକୁ ଦିନ ସିଏ ଗ୍ରହଣୀୟ କିମ୍ବା ଅଗ୍ରାହ୍ୟ ହୋଇପାରେ। ପ୍ରତି ମୁହୂର୍ତ୍ତରେ ନିଜକୁ ତଉଲି ତାକୁ କେଉଁ ପଥର ପଥିକ ହେବାକୁ ପଡ଼ିବ, ତାକୁ ନିର୍ଦ୍ଧାରଣ କରିବା ପାଇଁ ପଡ଼ିଥାଏ। ହେଲେ ଏଥିରେ ସିଏ ସଫଳ କିମ୍ବା ବିଫଳ ହୁଏ, ତାହା ସମୟ, ବ୍ୟକ୍ତି ଓ ଅଞ୍ଚଳ ଭିତ୍ତିରେ ନିର୍ଦ୍ଧାରଣ ହୋଇଥାଏ। ତେବେ ତା'ରି ମଧ୍ୟରେ କେଉଁଟି ସମାଜ ପାଇଁ ଶାନ୍ତି, ସୌହାର୍ଦ୍ଦ୍ୟ, ସେବା ଓ ତ୍ୟାଗର ତିତିକ୍ଷା, ତାହା ବିଚାର କରିବା ଜରୁରୀ। ଏହି ସମୟରେ ଆମେ ଶୁଣିଥିବା ରାମାୟଣର 'ଅଯୋଧ୍ୟା ଆଉ କେତେଦୂର' ପ୍ରସଙ୍ଗଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ରାବଣର ନିଧନ ପରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ବାନର ସେନାମାନଙ୍କ ସହିତ ଅଯୋଧ୍ୟା ଫେରୁ ଥାଆନ୍ତି। ଏହି ସମୟରେ ସୀତା ଉତ୍ସୁକ ହୋଇ ବାରମ୍ବାର ରାମଙ୍କୁ ପଚାରୁ ଥାଆନ୍ତି- ଅଯୋଧ୍ୟା ଆଉ କେତେ ଦୂର ? ରାମଚନ୍ଦ୍ର ସ୍ମିତହାସ୍ୟ ଦେଇ କହୁ ଥାଆନ୍ତି- ଅପେକ୍ଷା କର, ଆମେ ଠିକ୍ ସମୟରେ ପହଞ୍ଚିବା। ହେଲେ ଇଏ କ'ଣ ? ଯେଉଁ ଅଯୋଧ୍ୟାକୁ ଫେରିବା ପାଇଁ ସୀତା ଉତ୍ସୁକ ଆଉ ବ୍ୟାକୁଳ ହେଉଥିଲେ, ସେହି ଅଯୋଧ୍ୟାବାସୀଙ୍କ ପାଇଁ ତାଙ୍କୁ ସତୀତ୍ୱର ପରୀକ୍ଷା ଦେବାକୁ ପଡ଼ିଲା ! ଯାହାଙ୍କୁ ପାଇବା ପାଇଁ ଦରିଆ ପାରି ହୋଇ ରାମ-ରାବଣ ଯୁଦ୍ଧ ହେଲା, ତାଙ୍କୁ ତ୍ୟାଗ କରିବା ପାଇଁ ଶ୍ରୀରାମ କପଟ ଆଚରଣ କରି ଲକ୍ଷ୍ମଣଙ୍କ ସାଙ୍ଗରେ ତାଙ୍କୁ ବନବାସୀ କରି ଦେଇଥିଲେ। ତେଣୁ ସଂସାରରେ କୌଣସି ପ୍ରସଙ୍ଗ ସ୍ଥିର ନୁହେଁ। ସେହି ନ୍ୟାୟରେ ସୁଖଠାରୁ ଦୁଃଖର ଦୂରତା କେତେ, ତାହା ନିର୍ଦ୍ଧାରଣ କରିବା କଷ୍ଟକର। କୌଣସି ସ୍ଥାନର ଦୂରତାକୁ ଆମର ଅବସ୍ଥିତି ହିସାବରେ ମାପ କରିବା ନିତାନ୍ତ ଆବଶ୍ୟକ। କାରଣ, ସେହି ଅବସ୍ଥିତିକୁ ନେଇ ଆମର ବାସଗୃହ, ଜୀବନଯାପନ, ଖାଦ୍ୟ, ପାନୀୟ, ପରିବେଶ, ପରିସ୍ଥିତି ବହୁ ମାତ୍ରାରେ ପ୍ରଭାବିତ। ତେବେ ଏହାକୁ ଆଉ କାହା ସାଙ୍ଗରେ ତୁଳନା କରି ସୁଖୀ କିମ୍ବା ଦୁଃଖୀ ହେବା ମଣିଷପଣିଆର ପରିପନ୍ଥୀ।■




**ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**
**tripathysk1947@gmail.com**

# କଂଗ୍ରେସ ଓ ବାସ୍ତବବାଦ

ଭାରତୀୟ ଜାତୀୟ କଂଗ୍ରେସ ଭାରତର ସର୍ବପୁରାତନ ରାଜନୀତିକ ଦଳ- ଏକଥା ସମସ୍ତେ ଜାଣନ୍ତି। ଆହୁରି ମଧ୍ୟ ଏକଥା ସମସ୍ତଙ୍କୁ ଜଣା ଯେ 'ଇଣ୍ଡି' ମେଣ୍ଟ ବା ଇଣ୍ଡିଆ ବ୍ଲକ୍‌ର ଏହା ହେଉଛି ଏକ ପ୍ରମୁଖ ଦଳ ଯାହା ଏଥିରେ ସାମିଲ ସବୁ ବିରୋଧୀ ଦଳଙ୍କ ନେତୃତ୍ୱ ନେବାର ସାମର୍ଥ୍ୟ ବହନ କରେ। କିନ୍ତୁ ସରକାରୀ କଳକୁ ଉପଯୁକ୍ତ ଭାବରେ ଟକ୍କର ଦେବା ପାଇଁ ଏହି ମେଣ୍ଟକୁ ଏକ ପ୍ରଭାବଶାଳୀ ମଞ୍ଚରେ ପରିଣତ କରିବା କ୍ଷେତ୍ରରେ ଯେଉଁ ଗୋଟିଏ ମାତ୍ର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବଞ୍ଚିତ କରୁଛି, ତାହା ହେଉଛି କଂଗ୍ରେସ ଦ୍ୱାରା ନିଜର ଶକ୍ତି ଏବଂ ଦୁର୍ବଳତାକୁ ସ୍ୱୀକାର କରିବାରେ କୁଣ୍ଠାଭାବ ପ୍ରକାଶ କରିବା ଏବଂ ତଦନୁସାରେ କାର୍ଯ୍ୟ କରିବା, ବିଶେଷକରି ଏହା ଯେତେବେଳେ ନିଜର ଆଞ୍ଚଳିକ ମିତ୍ର ଦଳମାନଙ୍କ ସହିତ କାରବାର କରୁଛି, ସେ ସମୟରେ। ଏହାର ସଦ୍ୟତମ ଉଦାହରଣ ହେଉଛି, ତାମିଲନାଡୁରେ ଡିଏମ୍‌କେ ଦଳକୁ ଆଗାମୀ ବିଧାନସଭା ନିର୍ବାଚନରେ ଅବତୀର୍ଣ୍ଣ ହେବା ପୂର୍ବରୁ ଅଧିକ ସଂଖ୍ୟକ ଆସନ ପ୍ରଦାନ କରିବା ନିମନ୍ତେ ଉଦ୍ୟମ କରିବା, ଯାହା ଉକ୍ତ ରାଜ୍ୟରେ ଏହାର ନିର୍ବାଚନୀ ସାମର୍ଥ୍ୟ ଅନୁସାରେ ମୋଟାମୋଟି ଅସମାନୁପାତିକ। ତାମିଲନାଡୁ ଦୁର୍ଗକୁ ଗୈରିକ ବସନଧାରୀ ଦଳର ଦଖଲ ଅଭିଯାନରୁ ଡିଏମ୍‌କେ ନିଜ ବଳରେ ରକ୍ଷା କରି ଆସୁଛି, କିନ୍ତୁ ତା' ସହିତ ଶାଳୀନତାପୂର୍ବକ ଏହାର ମିତ୍ର ଦଳମାନଙ୍କୁ ମଧ୍ୟ ନିଜ ସାଙ୍ଗରେ ନେଉଛି, ବିଶେଷକରି ଯେଉଁ ଦଳଗୁଡ଼ିକ କେନ୍ଦ୍ର ସ୍ତରରେ ରହିଛନ୍ତି। କଂଗ୍ରେସ, ବାମପନ୍ଥୀ ଦଳ ସମୂହ ଏବଂ ଭାରତୀୟ ୟୁନିଅନ୍ ମୁସଲିମ୍ ଲିଗ୍ ଡିଏମ୍‌କେର ଏହି ନୀତିର ହିତାଧିକାରୀ ସମୂହ। କଂଗ୍ରେସ ଏକାକୀ ତା'ର ନିଜ ବଳରେ ଶେଷ ଥର ପାଇଁ ୨୦୧୪ରେ ଲୋକସଭା ନିର୍ବାଚନ ଲଢ଼ିଥିଲା, ଯେତେବେଳେ ଏହା ଲୋକପ୍ରିୟ ଭୋଟ୍‌ର ମାତ୍ର ୪.୩୩ ପ୍ରତିଶତ ପାଇବାରେ ସକ୍ଷମ ହୋଇଥିଲା, ଯାହା ଫଳରେ ଏହା ପ୍ରାର୍ଥୀ ଦେଇଥିବା ୩୯ଟିଯାକ ଆସନ ମଧ୍ୟରୁ କୌଣସି ଗୋଟିଏରେ ବି ବିଜୟ ହାସଲ କରିପାରି ନଥିଲା। ଏହା ପରେ ୨୦୨୪ରେ ଡିଏମ୍‌କେ ନେତୃତ୍ୱାଧୀନ ସିକ୍ୟୁଲାର ପ୍ରୋଗ୍ରେସିଭ୍ ମେଣ୍ଟର ଏକ ଦଳ ଭାବରେ କଂଗ୍ରେସ ପ୍ରାର୍ଥୀ ଦେଇଥିବା ୯ଟିଯାକ ଆସନରେ ବିଜୟ ହାସଲ କରିଥିଲା ଏବଂ ଏହି ନିର୍ବାଚନରେ ଉପରୋକ୍ତ ମେଣ୍ଟ ବିପୁଳ ସଂଖ୍ୟାରେ ବିଜୟ ହାସଲ କରିଥିବା ବେଳେ ଏହା ୧୦.୬୭ ପ୍ରତିଶତ ଭୋଟ୍ ପାଇଥିଲା।

୨୦୨୧ ବିଧାନସଭା ନିର୍ବାଚନରେ ଡିଏମ୍‌କେ ଏକାକୀ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ସଫଳ ହୋଇଥିଲା ଏବଂ ଏହି ବିଜୟ ଧାରାର ଏହା ପରେ ଅନୁଷ୍ଠିତ ସ୍ଥାନୀୟ କର୍ତ୍ତୃପକ୍ଷ, ଉପନିର୍ବାଚନ ଏବଂ ଲୋକସଭା ନିର୍ବାଚନରେ ପୁନରାବୃତ୍ତି କରିଥିଲା। ଅତିରିକ୍ତ ଭାବରେ, ଦଳ ଡିଏମ୍‌ଡିକେ ଭାବରେ ଏକ ନୂଆ ମିତ୍ରକୁ ଲାଭ କରିଥିଲା, ଯାହା ପରଲୋକଗତ ଅଭିନେତା ବିଜୟକାନ୍ତଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା ଏବଂ ଏକଦା ଏହି ରାଜ୍ୟର ରାଜନୀତିରେ ଏକ ଅପରାଜେୟ ଦଳ ଭାବରେ ଉଭା ହୋଇଥିଲା। ତେଣୁ ଏଭଳି ଏକ ପୃଷ୍ଠଭୂମିରେ ହିଁ କଂଗ୍ରେସ ସବୁ ପ୍ରକାରର ସୁବିଧା ଲାଭ କରିବା ସତ୍ତ୍ୱେ ଏହାକୁ ବିପରୀତ ସଙ୍କେତ ପ୍ରଦାନ କରି ଆସୁଛି ଯେ ଏହା ଡିଏମ୍‌କେ ଉପରେ ଅସନ୍ତୁଷ୍ଟ ଏବଂ ଅଭିନେତା ବିଜୟଙ୍କ ଦ୍ୱାରା ପ୍ରତିଷ୍ଠିତ ତାମିଲିଗା ଭେଟ୍ରି କାଜାଗାମ୍ ଦଳ ସହିତ ମେଣ୍ଟ କରିବା ପାଇଁ ଏହାର ବିକଳ୍ପ ଖୋଲା ରଖିଛି। ଏହି ଦୃଷ୍ଟିରୁ ଦଳର ଜାତୀୟ ସ୍ତରୀୟ ନେତୃବୃନ୍ଦ ଅଭିନେତା-ରାଜନେତାଙ୍କ ସହିତ ମଧୁର ସମ୍ପର୍କ ରକ୍ଷା କରି ଡିଏମ୍‌କେକୁ ଏକ ସଙ୍କେତ ପ୍ରଦାନ କରିବାକୁ ଚାହୁଁଛନ୍ତି, ଯାହାକୁ ଏହି ଦଳ କୌଣସିମତେ କିନ୍ତୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ। କଂଗ୍ରେସ ଏଭଳି ଅଭିନୟ କରୁଛି, ସତେ ଯେମିତି ଏହା ପାଖରେ ତାମିଲନାଡୁରେ ବହୁତଗୁଡ଼ିଏ ବିକଳ୍ପ ରହିଛି, ଯଦିଓ ବାସ୍ତବ କ୍ଷେତ୍ରରେ ଏହା ନିକଟରେ କ୍ୱଚିତ୍ ସେପରି କିଛି ରହିଛି। ଜାତୀୟ ସ୍ତରର ମଞ୍ଚରେ ଡିଏମ୍‌କେ ଏହାର ଏକ ସ୍ଥାୟୀ ମିତ୍ର ଭାବରେ ଏକ ଦଶନ୍ଧିରୁ ଅଧିକ ସମୟ ହେବ ରହି ଆସିଛି ଏବଂ ଲୋକସଭାରେ ବିରୋଧୀ ଦଳର ନେତା ଭାବରେ ରାହୁଲ ଗାନ୍ଧୀଙ୍କର ଜଣେ ଦୃଢ଼ ସମର୍ଥକ। ଡିଏମ୍‌କେ, ଯାହା ଏମିତି ଏକ ରାଜ୍ୟକୁ ଶାସନ କରୁଛି, ଯେଉଁଠୁ ୩୯ ଜଣ ସଦସ୍ୟ ସଂସଦର ନିମ୍ନ ସଦନକୁ ନିର୍ବାଚିତ ହୋଇଥାନ୍ତି, ତାହା ଇଣ୍ଡି ମେଣ୍ଟର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବରେ ରହି ଆସିଛି, ଯେତେବେଳେ କି ତୃଣମୂଳ କଂଗ୍ରେସ ନେତ୍ରୀ ତଥା ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରତି ମୁହୂର୍ତ୍ତରେ ତାଙ୍କର ମତ ଓ ପଥ ବଦଳାଇଥାନ୍ତି।

ବିହାର ବିଧାନସଭା ନିର୍ବାଚନରେ କଂଗ୍ରେସ କେମିତି ନିଜେ ହାରିଲା ଏବଂ ସମସ୍ତ ବିରୋଧୀ ଦଳଙ୍କ ସହିତ ବୁଡ଼ିଲା, ତାହା ସମସ୍ତେ ଦେଖିଛନ୍ତି: ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଛତିଶଗଡ଼ ବିଧାନସଭା ନିର୍ବାଚନଗୁଡ଼ିକରେ ମଧ୍ୟ ଏହା କିପରି ଇଣ୍ଡି ମେଣ୍ଟର ଅସ୍ତିତ୍ୱକୁ ମଧ୍ୟ ଅସ୍ୱୀକାର କରିଥିଲା, ତାହା ମଧ୍ୟ ଏବେ ସୁଦ୍ଧା ରେକର୍ଡରେ ରହିଛି। କେବଳ ଏତିକି ନୁହେଁ, ଗତ ଥର ଅପେକ୍ଷା ଚଳିତ ଥର ସଂସଦରେ ଏହାର ଅଧିକ ସଂଖ୍ୟକ ସଦସ୍ୟ ରହିଥିଲେ ସୁଦ୍ଧା ଏହା କିପରି ଏକ ସମନ୍ୱୟଭିତ୍ତିକ ବିରୋଧୀମାନଙ୍କ ରଣନୀତି ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଏହାକୁ କାର୍ଯ୍ୟ କ୍ଷେତ୍ରରେ ବାସ୍ତବ ରୂପ ଦେବାରେ ବିଫଳ ହେଉଛି, ତାହା ମଧ୍ୟ ଏହାର ନିଜର ଦୋଷ ଦୁର୍ବଳତା ଓ ସାମର୍ଥ୍ୟକୁ ଅସ୍ୱୀକାର କରିବାର ପ୍ରମାଣ। କହିବା ବାହୁଲ୍ୟ, ପ୍ରତ୍ୟେକ ରାଜନୀତିକ ଦଳ ନିଜର ଭବିଷ୍ୟତକୁ ନେଇ ଉଚ୍ଚାଭିଳାଷୀ ହୋଇଥାନ୍ତି ଏବଂ କଂଗ୍ରେସ ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ନହେବା ସ୍ୱାଭାବିକ। କିନ୍ତୁ ଏହା ନିଜର ଲକ୍ଷ୍ୟ ହାସଲ କରିବା ନିମନ୍ତେ ବ୍ୟବହାରବାଦୀ ଓ ବାସ୍ତବବାଦୀ ହେବାରେ ବିଫଳ ହେଉଛି। ବିରୋଧୀମାନଙ୍କ ମେଣ୍ଟକୁ ନେତୃତ୍ୱ ଦେବାରେ ଏହାର ବୈଧତା ଏହାର ମହତ୍ତ୍ୱାକାଂକ୍ଷାଗୁଡ଼ିକୁ ଡେଣା ଦେଇ ପାରନ୍ତା। ବିରୋଧୀମାନଙ୍କୁ ଏହାର ଦାବି ନିକଟରେ ମୁଣ୍ଡ ନୁଆଁଇବାକୁ ସେମାନଙ୍କ ଉପରେ ଚାପ ପକାଇବା ବାସ୍ତବବାଦୀ ରାଜନୀତି ସହିତ ଆଦୌ ସମ୍ପର୍କ ରଖେନାହିଁ, ଆଉ ସେହି କାରଣରୁ ନା ତ ଏହା କଂଗ୍ରେସ ପାଇଁ କିଛି ଭଲ କରିବାକୁ ଯାଉଛି, ନା ଏହାର ମାର୍କାମରା ରାଜନୀତି ପାଇଁ ମଧ୍ୟ। ଏହା ମାଟିରେ ଛିଡ଼ା ହୋଇ ରାଜନୀତିର ଖେଳ ଖେଳିବା ଉଚିତ। ଏହାର ଚିରଶତ୍ରୁ ବିଜେପିଠାରୁ ଏହା ଶିକ୍ଷାଲାଭ କରିବା ଉଚିତ ଯେ ଏହା କିପରି ମେଣ୍ଟର ସବୁ ମିତ୍ର ଦଳଙ୍କୁ ସେମାନେ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରିବାକୁ ଦେଉଛି, ଆଉ ତା' ସତ୍ତ୍ୱେ ଏହା ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ଚାଲିଛି।■

# ଶୋକ ନାଶର ଉପାୟ

ମଣିଷଙ୍କୁ ସତ୍ ପଥରେ ଚଳିବାକୁ ପ୍ରତ୍ୟେକ ସମ୍ପ୍ରଦାୟରେ କିଛି କିଛି ଧର୍ମ ଗ୍ରନ୍ଥ ଅଛି। ସେମିତି ହିନ୍ଦୁମାନଙ୍କ ପାଇଁ ଭାଗବତକୁ 'ପରମ ଶାସ୍ତ୍ର' କୁହାଯାଏ। ଭାଗବତ ସୃଷ୍ଟି ହେବା ପଛରେ ଏକ ଉପାଖ୍ୟାନ ଅଛି। ପ୍ରଥମେ ସଂସ୍କୃତ ଭାଷାରେ ବ୍ୟାସଦେବ ଏହାକୁ ରଚନା କରିଥିଲେ। ପରେ ଆଞ୍ଚଳିକ ଓଡ଼ିଆ ଭାଷାରେ ଶ୍ରୀ ଜଗନ୍ନାଥ ଦାସ ଏହାକୁ ରଚନା କରିଥିଲେ। ଓଡ଼ିଆ ଜାତି ନିକଟରେ ଶ୍ରୀ ଜଗନ୍ନାଥ ଦାସକୃତ ଓଡ଼ିଆ ଭାଗବତ ଏତେ ଆଦୃତ ହୋଇଛି ଯେ ସମୀକ୍ଷକମାନେ ମତ ଦିଅନ୍ତି, ଏହା ଓଡ଼ିଆ ଭାଷାକୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେବେ ସନାତନ ଧର୍ମରେ ଦୁଇଟି ଗ୍ରନ୍ଥର ଜନ୍ମ ଦିବସ ପାଳନ କରାଯାଏ। ଗୋଟିଏ ହେଲା 'ଶ୍ରୀମଦ୍ ଭଗବତ୍ ଗୀତା' ଓ ଅନ୍ୟଟି 'ଶ୍ରୀମଦ୍ ଭାଗବତ ମହାପୁରାଣ'। ଶ୍ରୀମଦ୍ ଭାଗବତ ମହାପୁରାଣର ଜନ୍ମଦିନକୁ ଅନନ୍ତ ବ୍ରତ ରୂପେ ପାଳନ କରାଯାଇଥାଏ।

ବ୍ୟାସଦେବ ନିଜର ଦୂରଦୃଷ୍ଟି ବଳରେ ଦେଖିଲେ ଯେ କାଳର ପ୍ରଭାବରେ ଯୁଗ ଧର୍ମରେ ପରିବର୍ତ୍ତନ ଦେଖାଦେବ। ଲୋକମାନଙ୍କ ଭିତରେ ଶ୍ରଦ୍ଧା ଓ ଶକ୍ତି କମି ଆସିବ। ଲୋକମାନଙ୍କ ଶ୍ରଦ୍ଧା ଓ ଶକ୍ତି ବୃଦ୍ଧି କରିବା ପାଇଁ ଯଜ୍ଞକୁ ବିସ୍ତାର କରିବାକୁ ହେବ। ଏହି କାରଣରୁ ବ୍ୟାସଦେବ ବେଦକୁ ଚାରି ଭାଗରେ ବିଭକ୍ତ କଲେ। ତାଙ୍କର ପ୍ରିୟ ଶିଷ୍ୟ ପୈଳ, ଜୈମିନି, ବୈଶମ୍ପାୟନ ଓ ସୁମନ୍ତୁ ମୁନିଙ୍କୁ ଯଥାକ୍ରମେ ଋକ୍, ସାମ, ଯଜୁଃ ଓ ଅଥର୍ବ ବେଦ ଶିକ୍ଷା ଦେଲେ। ଅନ୍ୟ ସମସ୍ତ ଶାସ୍ତ୍ରକୁ ଏକତ୍ର କରି 'ପଞ୍ଚମ ବେଦ' ବୋଲି କହିଲେ। ରୋମହର୍ଷଣ ମୁନିଙ୍କୁ ଏହି ପଞ୍ଚମ ବେଦ ପ୍ରଦାନ କଲେ। କେହି କେହି ବେଦର ମର୍ମକୁ ଠିକ୍ ଭାବରେ ବୁଝି ପାରିଲେନି। ଋଷିମାନେ ନିଜ ନିଜ ଶାଖାକୁ ପୁଣି ବହୁ ଭାଗରେ ବିଭକ୍ତ କରିବାକୁ ଲାଗିଲେ। ବ୍ୟାସଦେବ ଏ ନେଇ ଅସନ୍ତୁଷ୍ଟ ହେଲେ। ମନ ଦୁଃଖରେ ସରସ୍ୱତୀ ନଦୀ ତଟରେ ବସିଥିଲେ। ପହଞ୍ଚିଲେ ଦେବର୍ଷି ନାରଦ। ବ୍ୟାସଦେବଙ୍କୁ ପଚାରିଲେ- 'ହେ ମହାଭାଗ ! ଆପଣ ଅନେକ ଶାସ୍ତ୍ର ରଚନା କରିଛନ୍ତି। ସେଥି ମଧ୍ୟରୁ ମହାଭାରତ ଏକ ଅନନ୍ୟ କୃତୀ। ମଣିଷର ଧର୍ମ, କର୍ମ ଆଦି ସମସ୍ତ ପୁରୁଷାର୍ଥ ତ ଏଥିରେ ପୂର୍ଣ୍ଣ ହୋଇ ରହିଛି। ତଥାପି ଆପଣ କାହିଁକି ମନରେ ଅଶାନ୍ତ ଅଛନ୍ତି ? କାହିଁକି ଶୋକଗ୍ରସ୍ତ ଦିଶୁଛନ୍ତି ?' ବ୍ୟାସଦେବ ନାରଦଙ୍କୁ ବେଦ ବିଭାଜନ କଥା କହିଲେ ଏବଂ ପ୍ରଶ୍ନ କଲେ- 'ଦେବର୍ଷି ! ମୁଁ ନିଜ ଦୁଃଖର କାରଣ ବୁଝିପାରୁ ନାହିଁ। ଆପଣଙ୍କର ତ ଅଗାଧ ଜ୍ଞାନ। ପୁଣି ଆପଣ ସ୍ୱୟଂ ବ୍ରହ୍ମାଙ୍କର ମାନସ ପୁତ୍ର। ମୋ ଶୋକ ନାଶର ଉପାୟ କୁହନ୍ତୁ।' ନାରଦ କହିଲେ- 'ହେ ବ୍ୟାସଦେବ ! ଆପଣ ଯେତେସବୁ ଶାସ୍ତ୍ର ସୃଷ୍ଟି କରିଛନ୍ତି, ସେଥିରେ ଭଗବାନଙ୍କ ନିର୍ମଳ ଯଶ ଗାନ କରିପାରି ନାହାନ୍ତି। ମୋ ମତରେ, ଯେଉଁ ଶାସ୍ତ୍ରଦ୍ୱାରା ଭଗବାନ ସନ୍ତୁଷ୍ଟ ହୁଅନ୍ତି ନାହିଁ, ସେସବୁ ଅପୂର୍ଣ୍ଣ। ପୂର୍ବରୁ ଆପଣ ଯାହା ସୃଷ୍ଟି କରିଛନ୍ତି, ସେସବୁକୁ ଅନୁସରଣ କରି ମଣିଷମାନେ ପଥଭ୍ରଷ୍ଟ ହୋଇଛନ୍ତି। ଏଥର ଆପଣ ସମାଧିସ୍ଥ ହୋଇ ଭଗବାନଙ୍କ ଲୀଳା ସ୍ମରଣପୂର୍ବକ ତାଙ୍କର ଯଶ କୀର୍ତ୍ତନ କରନ୍ତୁ।' ନାରଦଙ୍କ ପରାମର୍ଶକ୍ରମେ ବେଦବ୍ୟାସ ସରସ୍ୱତୀ ନଦୀ ତଟସ୍ଥ ସମ୍ୟପ୍ରାସ ଆଶ୍ରମରେ ଶ୍ରୀମଦ୍ ଭାଗବତ ରଚନା ଆରମ୍ଭ କଲେ। ସେଦିନ ଥିଲା ଭାଦ୍ରବ ମାସ ପୂର୍ଣ୍ଣିମା ତିଥି। ■



ପଦାରବିନ୍ଦ

ନିତିଦିନ NITIDIN



# ଭେଷଜ ମେଡିକାଲ କଲେଜ ଦାବିରେ ୧୨ଘଣ୍ଟିଆ ନୟାଗଡ଼ ବନ୍ଦ ସଫଳ

**ନୟାଗଡ଼,୨୪।୨/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଭେଷଜ ମେଡିକାଲ କଲେଜ ଘୋଷଣା ଦାବିରେ ୧୨ଘଣ୍ଟିଆ ନୟାଗଡ଼ ବଜାର ବନ୍ଦ ସଫଳ ହୋଇଛି। ଏହି ବନ୍ଦ ପ୍ରଭାବରେ ଦୋକାନ ବଜାର ସମ୍ପୂର୍ଣ୍ଣ ରହିଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷାକୁ ଆଖି ଆଗରେ ରଖି ଯାନବାହାନ ଚଳାଚଳକୁ ଛାଡ଼ କରାଯାଇଥିବା ଦେଖିବାକୁ ମିଳିଥିଲା। ଦେଖିବାକୁ ଗଲେ ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ହୋଇଥିଲା।




ଓଡ଼ିଶା ବଜେଟ ୨୦୨୬-୨୭ରେ ନୟାଗଡରେ ହୋମିଓପ୍ୟାଥିକ ମେଡିକାଲ କଲେଜ ପ୍ରତିଷ୍ଠା ହେବା ନେଇ ଘୋଷଣା ହୋଇଛି, ହେଲେ ଭେଷଜ ମେଡିକାଲ ଘୋଷଣା ନେଇ ଯେଉଁ ଦାବି ହୋଇ ଆସୁଥିଲା ତାକୁ ଅଣଦେଖା କରାଯାଇଛି। ଯାହାକୁ ନେଇ ନୟାଗଡ଼ରେ ଦିନକୁ ଦିନ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ଜୟ ନୟାଗଡ଼ ଫାଉଣ୍ଡେସନ ତରଫରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା ବେଳେ ଏହାକୁ କଂଗ୍ରେସ, କମ୍ୟୁନିଷ୍ଟ ଓ ବିଭିନ୍ନ ସଂଗଠନ ଏଥିରେ ସାମିଲ୍ ହୋଇଥିବା ଦେଖିବାକୁ ମିଳିଥିଲା। ସକାଳ ୬ଘଣ୍ଟିକା ଠାରୁ ସନ୍ଧ୍ୟା ୬ ଘଣ୍ଟିକା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ନୟାଗଡ଼ ବଜାର ବନ୍ଦ ହୋଇଥିଲା। ଅପରାହ୍ନ ୧ ଘଟିକା ସମୟରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଶେଖ୍ ଅବଦୁଲ୍ ଆହାଦଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଶ୍ରୀଧର ପ୍ରଧାନ, ସମାଜସେବୀ ପ୍ରମୋଦ ପଟ୍ଟନାୟକ, କଂଗ୍ରେସ ନେତା ମନୋଜ କୁମାର ସାହୁ, କମ୍ୟୁନିଷ୍ଟ ନେତା ବିଶ୍ୱନାଥ ମହାପାତ୍ର, ବରିଷ୍ଠ ସାମ୍ବାଦିକ ଗୋକୁଳ କୁମାର ଷଡ଼ଙ୍ଗୀ, ବୈଦ୍ୟଭୂଷଣ ମହାପାତ୍ର,ସଂଗଠନର ସଂଯୋଜକ ଅମ୍ଳାନ ଅଂଶୁମାନ ସାହୁ, ଶାନ୍ତନୁ ବିଶୋଇ ପ୍ରମୁଖ ଏହି ବନ୍ଦ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଥିଲେ। ଆନ୍ଦୋଳନକୁ ବିଭିନ୍ନ ସଂଗଠନ ସହ ଜନସାଧାରଣଙ୍କର ବିପୁଳ ସମର୍ଥନ ମିଳିଥିବା ଦେଖିବାକୁ ମିଳିଥିଲା।

## ମାର୍ଚ୍ଚ ୧ରେ ଜିଲ୍ଲାସ୍ତରୀୟ 'ବିକଶିତ ଭାରତ ଯୁବସଂସଦ'




**ଓଡ଼ଗାଁ,୨୪।୨/ଏନ୍ଏନ୍ଏସ୍:** ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜାତୀୟ ସେବା ଯୋଜନା ୟୁନିଟ୍ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୁବବର୍ଗଙ୍କୁ ଭାରତର ବିକାଶରେ ସାମିଲ୍ କରିବା ଓ ସେମାନଙ୍କୁ ସେମାନଙ୍କ ମତ ରଖିବାର ସୁଯୋଗ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ।କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚମାସ ୧ ତାରିଖ ରବିବାର ଦିନ ୧୦ ଟାରେ ଓଡ଼ଗାଁ ରଘୁନାଥ ସମବାୟ ମହା ବିଦ୍ୟାଳୟଠାରେ ଆୟୋଜିତ ହେବ। ଏଥିରେ ଭାଗନେବା ପାଇଁ ୧୮ରୁ ୨୫ବର୍ଷ ବୟସ ମଧ୍ୟରେ କୌଣସି ଯୁବକ ଯୁବତୀ ଅନ୍‌ଲାଇନ୍ ମାଧ୍ୟମରେ ଚଳିତ ଫେବୃଆରୀ ୨୭ତାରିଖ ୧୨ଟା ମଧ୍ୟରେ 'ମାଇଁ ଭାରତ ପୋଟାଲ୍'ରେ ନିଜନାମ ପଞ୍ଜିକରଣ କରିପାରିବେରେ। ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରୁ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଓ ଆବେଦନ କରିଥିବା ଯୋଗ୍ୟ ଯୁବବର୍ଗ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରୁ ୫ଜଣ ଛାତ୍ରଛାତ୍ରୀ ବା ଯୁବବର୍ଗ ଚୟନହୋଇ ଆଗାମୀ ଦିନରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଯୋଗଦେବେ। କାର୍ଯ୍ୟକ୍ରମକୁ କ୍ରୀଡ଼ା ଓ ଯୁବକଲ୍ୟାଣ ବିଭାଗ, ଭାରତ ସରକାର ଓ ଜାତୀୟ ସେବାଯୋଜନା ସହଯୋଗ କରୁଛନ୍ତି। ଏନେଇ ରଘୁନାଥ ସମବାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ନୋଡ଼ାଲ୍ ଅଫିସର ତଥା ଅଧ୍ୟାପକ ଡଃ ଚିତ୍ତରଂଜନ ଦାଶ, ଜାତୀୟ ସେବାଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମିସ୍ ବିଜୟଲକ୍ଷ୍ମୀ କଅଁର ଓ ଅନ୍ୟତମ ଯୋଜନା ଅଧିକାରୀ ଅରୁପାନନ୍ଦ ରାଉତ ଯୋଗଦେଇ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

## ଐତିହାସିକ ଲଙ୍କାପୋଡ଼ି ଯାତ୍ରା ଆଦ୍ୟପର୍ବ ଶୁଭ ଖୁଣ୍ଟି ସ୍ଥାପନ

**ଦଶପଲ୍ଲା,୨୪।୨/ଏନ୍ଏନ୍ଏସ୍:** ଚଳିତ ବର୍ଷ ଦଶପଲ୍ଲାର ଐତିହାସିକ ଭାରତ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ପାଇଁ ଆଦ୍ୟ ପର୍ବ ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଶ୍ରୀ ରଘୁନାଥ ଜିଉ ଓ ଶ୍ରୀ ହନୁମାନ ଜିଉଙ୍କ ମନ୍ଦିର ସମ୍ମୁଖ ରେ ପାରମ୍ପରିକ ଗଛଡାଳରେ ନିର୍ମିତ ଛାମୁଣ୍ଡିଆ ପାଇଁ ଏହି ଶୁଭ କାଠଖୁଣ୍ଟ ସ୍ଥାପନା କରାଯାଇଛି। ପବିତ୍ର ମଙ୍ଗଳବାର ତିଥିରେ ପୂଜାର୍ଚ୍ଚନା କରାଯାଇ ଏହି ଖୁଣ୍ଟ ପୋତାଯାଇଛି। ଶ୍ରୀ ରଘୁନାଥ ଜିଉ ଲଙ୍କାପୋଡି ଯାତ୍ରା ପରିଚାଳନା କମିଟି ଆନୁକୂଲ୍ୟ ରେ ୧୮୦୨ ମସିହା ଠାରୁ ଆରମ୍ଭ ହୋଇଥିବା ଦଶପଲ୍ଲାର ଏହି ରାମ ଲୀଳା ବା ଲଙ୍କାପୋଡି ଯାତ୍ରା ଚଳିତବର୍ଷ ୨୨୪ ବର୍ଷରେ ପଦାର୍ପଣ କରିଛି। ଚଳିତବର୍ଷ ପବିତ୍ର ଶ୍ରୀରାମ ନବମୀ ୨୭ ମାର୍ଚ୍ଚ ଠାରୁ ୮ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ଦୀର୍ଘ ୧୩ଦିନ ମୁଖ୍ୟ ମଞ୍ଚରେ ରାମାୟଣ ନାଟକ ପ୍ରଦର୍ଶିତ ହେବାସହ ଯାତ୍ରାର ମୁଖ୍ୟ ଉତ୍ସବ ରାବଣବଧ ଏପ୍ରିଲ ୭ ତାରିଖ ଦିନ ଅନୁଷ୍ଠିତ ହେବ। ଶୁଭ ଖୁଣ୍ଟି ସ୍ଥାପନ ସମୟରେ ପରିଚାଳନା କମିଟି ସମ୍ପାଦକ ସୂର୍ଯ୍ୟ ମଣି ଦାଶ, ଉପ ସଭାପତି ପ୍ରଦୋଷ କୁମାର ଜେନା, ବରିଷ୍ଠ କର୍ମକର୍ତ୍ତା ହାଡିବନ୍ଧୁ ମହାଖୁଡ଼, ନାଟ୍ୟସଂସଦ ସଭାପତି, ସମ୍ପାଦକ, ନାଟ୍ୟଗୁରୁ ଓ କଳାକାରମାନେ ଉପସ୍ଥିତ ଥିଲେ।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ବୟାଳିଶମୌଜା,୨୪।୨/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜାର ବ୍ରହ୍ମପୁର ସ୍ଥିତ ବାସିନ୍ଦା ରାଧାରମଣ ମିଶ୍ର(୫୩) ଗତକାଲି ବିଳମ୍ବିତ ରାତିରେ ଘରେ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ୪୨ମୌଜା ପୋଲିସ୍ ପକ୍ଷରୁ ଜଣାପଡିଛି। ଏହି ଘଟଣାକୁ ଥାନା ଅଧିକାରୀ ହେମନ୍ତ କୁମାର ସେଠୀ ଏକ ମାମଲା ରୁଜୁ କରିଛନ୍ତି। ରାଧାରମଣ ମିଶ୍ର କର୍କଟ ରୋଗରେ ପୀଡ଼ିତ ଥିଲେ ବୋଲି ପୋଲିସ ପକ୍ଷରୁ ଜଣାପଡ଼ିଛି। ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଛନ୍ତି।

## ବାଳିକା ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଦିବସ

**ନୟାହାଟ,୨୪।୨/ଏନ୍ଏନ୍ଏସ୍:** ନୟାହାଟ ବାଳିକା ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଦିବସ ଶନିବାର ଦିନ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ବିଚିତ୍ରାନନ୍ଦ ପାତ୍ର ଯୋଗଦେଇ ଓଡ଼ିଆ ଭାଷାର ପ୍ରଚଳନ ଓ ପିଲାମାନେ ଓଡ଼ିଆ ଭାଷା ବା ମାତୃଭାଷାରେ




ଶିକ୍ଷା ଗ୍ରହଣ କଲେ ବୁଦ୍ଧିର ବିକାଶ ହେବା ସହିତ ଶିକ୍ଷାର ବିକାଶ ହେଇପାରିବ ବୋଲି କହିଥିଲେ। ଉକ୍ତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ରାଉତରାୟ, ଶିକ୍ଷକ ଧନଞ୍ଜୟ ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ କୁମାରୀ ଦେଇ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଓଡ଼ିଆ ଭାଷାର ପ୍ରତିଷ୍ଠାତା ବ୍ୟାସକବି ଫକୀରମୋହନ ସେନାପତିଙ୍କ ସଂପର୍କରେ ପିଲାମାନଙ୍କୁ ବୁଝାଇଥିଲେ।

## ଦଳେଇସାହି ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ

**ବୋଲଗଡ଼,୨୪।୨/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଦଳେଇସାହି ପଂଚାୟତରେ ପଲ୍ଲୀରେ ପ୍ରଶାସନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା ଆହୂତ ବିଭିନ୍ନ କଲ୍ୟାଣ ଯୋଜନା ସବୁର କାର୍ଯ୍ୟକାରିତା ଓ ସଚେତନତା ସହ ଆବେଦନ ଓ ଅଭିଯୋଗ ଶୁଣାଣୀ ନେଇ ଆୟୋଜନ ହୋଇଥିଲା। ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁମନସୁଧା କୁଣ୍ଡୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବ୍ଲକର ସମସ୍ତ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ସ୍ଥାନୀୟ ସରପଞ୍ଚ ମନସ୍ମିତା ଦଳେଇ, ସମିତି ସଭ୍ୟା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ ଅଭିଯୋଗର ଆଧାରିତକୁ ନେଇ ସମସ୍ତ ସମାଧାନରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୧୩୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ତନ୍ମଧ୍ୟରୁ ୮୬ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ବଳକା ୫୨ଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜସ୍ୱ, ସ୍ୱାସ୍ଥ୍ୟ, ଜଙ୍ଗଲ, ଜଳସେଚନ, ଶିକ୍ଷା, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, କୃଷି, ଉଦ୍ୟାନ, ପଶୁ ଚିକିତ୍ସା, କୌଶଳ ବିକାଶ, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁପାଳନ, ମିଶନ ଶକ୍ତି ଆଦି ବିଭାଗ ଅଂଶଗ୍ରହଣ କରିଥିଲେ। ବ୍ଲକ୍ ମୁଖ୍ୟକିରାଣୀ ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଜୟ ଜଗନ୍ନାଥ, ଜୟ ଶ୍ରୀରାମ ନାରାରେ କମ୍ପିଲା ଉପମୁଖ୍ୟମନ୍ତ୍ରୀଙ୍କ ସଭାସ୍ଥଳ

**ଟାଙ୍ଗୀ,୨୪।୨/ଏନ୍ଏନ୍ଏସ୍:** ଟାଙ୍ଗୀ ଅଞ୍ଚଳ କୁ ଉପମୁଖ୍ୟ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗସ୍ତ କରି ଟାଙ୍ଗୀ ଅଞ୍ଚଳ ପରିଦର୍ଶନ କରିବା ସହ ଏକ ବିଦ୍ୟୁତ୍ ଗ୍ରେଡ୍ ଶୁଭ ଉଦ୍ଘାଟନ କରିବା ସହ ଏକ ସଭା ର ଆୟୋଜନ କରାଯାଇଥିଲା। ସେଠାରେ ଉପସ୍ଥିତ ଥିବା ବିଜେଡି ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଓ ବିଜେପି ନେତା ଅରିନ୍ଦମ ରାୟ ରହିଥିବା ବେଳେ ଦୁଇ ଦଳର ସମର୍ଥକମାନଙ୍କ ମଧ୍ୟରେ ଜୟ ଜଗନ୍ନାଥ ଜୟ ଶ୍ରୀରାମ ନାରାରେ ଦେବା ସହ ସଭାସ୍ଥଳ କମ୍ପିଥିଲା।



ଅନ୍ୟପଟେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭାଷଣ ଦେବା ସମୟରେ ମଞ୍ଚରେ ବସିଥିବା ବିଜେଡ଼ି ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କୁ କହିଥିଲେ କି ପୂର୍ବ ସରକାର ସମୟରେ ବିଜେଡି କେବଳ ନିଜ ଦଳ ଲୋକଙ୍କୁ ନେଇ ଚାଲୁଥିଲା। ଆମ ସରକାର ସମସ୍ତଙ୍କୁ ନେଇକି ଚାଲୁଛି ବୋଲି କହିଥିଲେ। ଯାହାକୁ ନେଇ ମଞ୍ଚ ତଳେ ଥିବା ବିଜେପି କର୍ମୀ ତଳି ମାରି ଜୟ ଶ୍ରୀରାମ ନାରା ଦେଇଥିବା ବେଳେ ବିଜେଡି କର୍ମୀ ଏଭଳି କଥା ଗ୍ରହଣ କରିପାରି ନଥିଲେ। ତେବେ ମଞ୍ଚ ତଳେ ଥିବା ଜଣେ ବିଜେଡି କର୍ମୀ ହିନ୍ଦୀରେ କାହିଁକି ଭାଷଣ ଦେଉଛ ବୋଲି କହିବାରୁ ବିଜେପି ଓ ବିଜେଡି ମଧ୍ୟରେ ଠେଲା ପେଲା ହୋଇଥିଲା। ମଞ୍ଚରେ ଆଇ ଛାଡି ଦିଅ ତାକୁ ବୋଲି ଉପମୁଖ୍ୟ ମନ୍ତ୍ରୀ କହିଥିବା ବେଳେ ଉପସ୍ଥିତ ଥିବା ପୁଲିସ କର୍ମଚାରୀ ଉକ୍ତ ଯୁବକ ଜଣଙ୍କୁ ସୁରକ୍ଷା ଦେଇ ବାହାରକୁ ନେଇ ଆସିଥିଲେ। ଏଭଳି ଘଟଣା ଅଞ୍ଚଳରେ ଚର୍ଚ୍ଚା ସହ ରାଜନୀତିକୁ ସରଗରମ କରିଛି।

## ସୁମିତ୍ରା ଫାଉଣ୍ଡେସନ୍ ଟ୍ରଷ୍ଟର ନବମ ବାର୍ଷିକ ଉତ୍ସବ



**କୋଣାର୍କ,୨୪।୨/ଏନ୍ଏନ୍ଏସ୍:** ସୁମିତ୍ରା ଫାଉଣ୍ଡେସନଟ୍ରଷ୍ଟ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ଜୟଦେବଭବନ ଠାରେ ଟ୍ରଷ୍ଟର ନବମବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶାର ପ୍ରତିଷ୍ଠିତ ବରିଷ୍ଠ ସାହିତ୍ୟିକ ଦାଶବେନହୁର, ବିଶିଷ୍ଟ ଗୀତିକବି ଡ. ରବିନାରାୟଣ ସେନାପତି, ଓଡ଼ିଆ ଗୀତିକବି ସମାଜର ସଭାପତି ଗୌର ପଟ୍ଟନାୟକ, ବନ୍ଧୁଘର ସାହିତ୍ୟ ପିଣ୍ଡାର ପ୍ରତିଷ୍ଠାତା ବୈଷ୍ଣବଚରଣ ମହାନ୍ତି, ପ୍ରଶାସକ ସନ୍ତୋଷ କୁମାର ଦାଶ ଏବଂ କମଳା ନେହେରୁ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧାପିକା ଡକ୍ଟର ଜ୍ୟୋସ୍ନା ମହାନ୍ତି ପ୍ରମୁଖ ସମ୍ମାନନୀୟ ଅତିଥି ଏବଂ ବକ୍ତା ଭାବରେ ଯୋଗଦେଇଥିଲେ। ଉତ୍ସବରେ କମଳା ନେହରୁ ମହିଳା ମହାବିଦ୍ୟାଳୟର କୃତୀ ଛାତ୍ରୀ ସାଇ ଶ୍ରଦ୍ଧାଞ୍ଜଳି ଦାସ, ଦେବସ୍ମିତା ସାହୁ, ପ୍ରୀତି ପ୍ରିୟଦର୍ଶିନୀଙ୍କୁ ସୁମିତ୍ରା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଗୀତିକବି ଅଜୟ କେତନ ମହାନ୍ତି, ମିନତୀ ମିଶ୍ର, ବିଦ୍ୟୁତଲତା ଦାସ, ହରପ୍ରିୟା ରାଉତରାୟ କମଳ କୁମାରୀ ଦାଶ, ଡ. ପ୍ରିୟଦର୍ଶିନୀ ମହାନ୍ତି, ଡ. ଶଶି ଭୂଷଣ ବେହେରା, ପୀତାମ୍ବର ମିଶ୍ର, ବସନ୍ତ କୁମାର ଦାସ, ପ୍ରମୋଦ କୁମାର ମହାପାତ୍ର, ସୋମନାଥ ସୁନ୍ଦରରାୟ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ରଚନାରୁ, ଡ. ସଂଗୀତା ଗୋସାଇଁ, ଛନ୍ଦା ମିଶ୍ର, ଡ. ଚନ୍ଦନ ଗନ୍ଧାୟତ, ବିଷ୍ଣୁ ମୋହନକବି, ମାନସୀ ପାତ୍ର, ପ୍ରୟତାମ୍ରା ରଥ, ପ୍ରତିଭା ପ୍ରଧାନ, ପ୍ରଦୀପ କୁମାର ପଲେଇ, ସ୍ନେହାଳୀ ସେନାପତି, ନେହା ନିହାରିକା କର, ପ୍ରଦୀପ ଟାଣ୍ଡିଙ୍କ କଣ୍ଠରେ ତଥା ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ପ୍ରସ୍ତୁତ ଏକ ମଧୁରଗୀତର ଆଲବମ 'ଗୀତି ଗଜରା ୨୦୨୬'ର ଲୋକାର୍ପଣ ଅତିଥିମାନଙ୍କ ଦ୍ୱାରା କରାଯାଇଥିଲା। ଶେଷରେ ପୀତାମ୍ବରମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ୍ କପ୍ ଫୁଟ୍‌ବଲ୍: ବାପୁଜୀ କ୍ଲବ୍ ବିଜୟୀ



**ଖଣ୍ଡପଡ଼ା,୨୪।୨/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ସହରର ମଧୁବନ ମିନିଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ୩ୟ ମ୍ୟାଚରେ ବାପୁଜୀ କ୍ଲବ କଟକ ୨-୦ ଗୋଲରେ ସ୍ପୋର୍ଟସ ଆସୋସିଏସନ ଖଣ୍ଡପଡ଼ାକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି। ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ପ୍ରସନ୍ନ ନାୟକ ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବିଦେଶୀ ନାୟକ ଓ ପ୍ରଫୁଲ୍ଲ ବେହେରା। ଚତୁର୍ଥ ରେଫରୀ ଭାବେ ସୂର୍ଯ୍ୟକାନ୍ତ ଦଳବେହେରା ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ପାଇକରାୟ,ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟ ନାୟକ,ଭାପୁର ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ।ଆସନ୍ତାକାଲି ବୁଧବାର ଫ୍ରେଣ୍ଡସ ପାରାଡାଇଜ ଜଟଣୀ ଓ ରକି ସ୍ପୋର୍ଟିଙ୍ଗ ବୌଦ୍ଧ ମଧ୍ୟରେ ଶେଷ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ତଥା ବରିଷ୍ଠ କ୍ରୀଡାବିତ ଭିକାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ।

## କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତିସଭା

**ବେଗୁନିଆ,୨୪।୨/ଏନ୍ଏନ୍ଏସ୍:** ପୂର୍ବତନ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀ କାହ୍ନୁ ଚରଣ ଲେଙ୍କା ହଜ ପ୍ରାଥମିକ , ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିଷ୍ଠାତା ତଥା ହଜ ଗ୍ରାମର ଜାମାତା ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ଦ୍ୱାଦଶ କ୍ରିୟା ଉପଲକ୍ଷେ ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ହଜ ଗ୍ରାମବାସୀଙ୍କ ସହଯୋଗରେ ସର୍ବେଶ୍ୱର ପଲେଇ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ଯୋଗେଶ ଛୋଟରାୟ ସଭାପତିତ୍ୱ କରିଥିଲେ। ମାନସ ରଞ୍ଜନ ବାହୁବାଲେନ୍ଦ୍ର ମୁଖ୍ୟ ଅତିଥି, ରଷି ଛୁଆଳସିଂହ, ଯୁଧିଷ୍ଠିର ବଡଜେନା, ସରପଞ୍ଚ ଦମୟନ୍ତୀ ସାମନ୍ତରାୟ, ବିଜୟ କୁମାର ପଟ୍ଟଯୋଷି, ରବି ନାରାୟଣ ମିଶ୍ର, ଆନନ୍ଦ ଭୋଳ, ରଣଜିତ କୁମାର ସାହୁ, ରକ୍ଷିତ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରାଯିବ ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ସଭାରେ ହଜ ଗ୍ରାମର ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ଥିଲେ। ଅତିଥିମାନେ ସ୍ୱର୍ଗତ ଲେଙ୍କାଙ୍କ ଗୁଣଗାନ କରିଥିଲେ। ହଜ୍ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଣଜିତ କୁମାର ପାଟ୍ଟଶାଣୀ ସଭା ସଂଯୋଜନା କରିଥିଲେ।



## ଶ୍ରୀ ଶ୍ରୀ ରାଧାମୋହନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା



**କଣ୍ଟାପଡ଼ା,୨୪।୨/ଏନ୍ଏନ୍ଏସ୍:** ଶ୍ରୀ ଶ୍ରୀ ରାଧାମୋହନଙ୍କ ଏକ ନୂତନ ତଥା ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳିତ ହୋଇଛି। ଏହି ଉପଲକ୍ଷେ ଅରଣାସ୍ଥିତ ମନ୍ଦିର ପରିସରରେ ୫ଦିନ ଧରି ଘୃତାହୁତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା ଏବଂ ପ୍ରଥମ ଦିବସରେ ଆୟୋଜିତ କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ଅଂଶଗ୍ରହଣ କରି କନ୍ଦଳ ନଦୀରୁ ଜଳ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଅବସରରେ ପ୍ରତ୍ୟେହ ସଂଧ୍ୟାରେ ପରିବେଷିତ ଭଜନ, କୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଓ ଶ୍ରୋତାଙ୍କ ସମାଗମ ହୋଇଥିଲା। ଉଦ୍‌ଯାପନ ଦିବସରେ ସ୍ଥାନୀୟ ସରପଞ୍ଚ, ଜିଲାପରିଷଦ ସଦସ୍ୟ, ସମିତି ସଭ୍ୟ, ବିଧାୟକ ଓ ସାଂସଦଙ୍କ ସମେତ ଜିଲାପରିଷଦ ଅଧ୍ୟକ୍ଷ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ପୂର୍ଣ୍ଣାହୁତି ସଂଧ୍ୟାରେ ଅରଣା, ଜଁକୋଟି, ଶାଳିଜଙ୍ଘା, ସଭାମୂଳ, ପଟସରା, ବେନୁପୁର, କୋଦଳ, ପଳଶା, ବଳରାମପୁର, ସରାପ୍ପୋ ଆଦି ନିକଟବର୍ତ୍ତୀ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅରଣା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ: ବ୍ଲକ୍ ରୋଡ୍ ପୂର୍ଣ୍ଣଚନ୍ଦ୍ର ମାର୍ଗ ନାମରେ ନାମିତ ହେଉ

**ଓଡ଼ଗାଁ,୨୪।୨/ଏନ୍ଏନ୍ଏସ୍:** ଓଡ଼ଗାଁର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଏକାଦଶାହ ଦିବସରେ ଓଡ଼ଗାଁ କଲ୍ୟାଣ ମଣ୍ଡପଠାରେ ସୋମବାର କମ୍ରେଡ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ଧୁ ପରିଜନ ସ୍ଥାନୀୟ ବାସିନ୍ଦା ଓ ଓଡ଼ିଶାର କୋଣ ଅନୁକୋଣରୁ ଅନେକ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତରହି ଶତାୟୁ ପୁରୁଷଙ୍କ ତୈଳଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେଜଣେ ଗାନ୍ଧିବାଦୀ ବ୍ୟକ୍ତିଥିଲେ। ଶେଷଜୀବନ ପର୍ଯ୍ୟନ୍ତ ଖଦଡ଼ ବସ୍ତ୍ର ପରିଧାନ କରୁଥିଲେ ଏବଂ ଖଦଡ଼ ବସ୍ତ୍ର ବ୍ୟବହାର କରିବାପାଇଁ ସଭିଙ୍କୁ ପରାମର୍ଶ ଦେଉଥିଲେ। ଭାରତ ସରକାରଙ୍କ ଖଦି ଓ ଗ୍ରାମୋଦ୍ୟୋଗ ଆୟୁକ୍ତଙ୍କ ଅଧୀନରେ ବୋଲଗଡ଼ସ୍ଥିତ ଉତ୍କଳମଣି ଖଦି ଗ୍ରାମୋଦ୍ୟୋଗ ସଂଘର ସହାୟତାରେ ଓଡ଼ଗାଁରେ ଏକଖଦି ଉତ୍ପାଦନ କେନ୍ଦ୍ର ଖୋଲିଥିଲେ। ସେ ସ୍ୱଦେଶୀ ଆନ୍ଦୋଳନକୁ ଗୁରୁତ୍ୱ ଦେଉଥିଲେ।ଢିଙ୍କି ସୋସାଇଟି ଗଠନ କରି ଗ୍ରାମାଞ୍ଚଳରେ ଘରେଘରେ ଢିଙ୍କି ବସାଇ ଢିଙ୍କିକୁଟା ଚାଉଳରେ ଭାତରାନ୍ଧି ଖାଇବାକୁ ଲୋକମାନଙ୍କୁ ସଚେତନ କରାଉଥିଲେ। ପରିବେଶ ସଫା ରଖିବା, ପୋଖରୀ ତୁଠ ସଫାରଖିବା ପାଇଁ ସର୍ବଦା ସାହିସାହି ବୁଲି ଲୋକମାନଙ୍କୁ ସଚେତନ କରାଇବା ଏବଂ ସେକିପରି ସରଳ ଜୀବନ ଯାପନ କରୁଥିଲେ,ତାଙ୍କର ଉତ୍ତମ ବ୍ୟବହାର ସମସ୍ତଙ୍କ ହୃଦୟରେ ବସାବାନ୍ଧି ରହିଥିବ ଏହି କଥାକୁ ସଭିଏଁ ସ୍ମୃତିଚାରଣ କରିଥିଲେ। ବ୍ଲକ୍ ରାସ୍ତାକୁ ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ରମାର୍ଗ ନାମରେ ନାମିତ କରିବାକୁ ଜିଲ୍ଲାପାଳ ମହୋଦୟାଙ୍କ ନିକଟରେ ଜଣାଇବାକୁ ସଭିଏଁ ପ୍ରସ୍ତାବ ଦେଇଥିଲେ।



ପ୍ରତିବର୍ଷ ଏଅଞ୍ଚଳର ଜଣେ ସମାଜସେବୀଙ୍କୁ ପୂର୍ଣ୍ଣଚନ୍ଦ୍ର ସ୍ମୃତିସମ୍ମାନ ପ୍ରଦାନ ପାଇଁ ଜ୍ୟେଷ୍ଠ ପୁତ୍ର ଡ. ବେଣୁଧର ଦାଶ ମତ ରଖିଥିଲେ। ସ୍ମୃତିସଭାରେ ଲୋକନାଥ ମିଶ୍ର, ଅଧିବାସ ପଣ୍ଡା, ଯନ୍ତଣା ପରିକ୍ଷୀତ, ଗୋଦାବରୀଶ କର, ପ୍ରଫୁଲ୍ଲ ମାଝୀ, ପଞ୍ଚାନନ ପଣ୍ଡା, ଦୀନବନ୍ଧୁ ମହାପାତ୍ର, ରଞ୍ଜନ କୁମାର ଦାଶ, ଭିକାରୀ ଧଳ, ନିକୁଞ୍ଜ ବିହାରୀ ସାହୁ, ଶରତଷଡ଼ଙ୍ଗୀ, ଯଶୋବନ୍ତ ପଟ୍ଟନାୟକ, ପ୍ରିୟଦର୍ଶିନୀ ମହାପାତ୍ର, ଗୀତାଞ୍ଜଳି ମହାପାତ୍ର, ସତ୍ୟଶାନ୍ତି ସାହୁ, ଶାନ୍ତନୁ ବିଶୋଇ, ପ୍ରଫୁଲ୍ଲ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସ୍ମୃତିଚାରଣ କରିଥିଲେ। କ୍ଷେତ୍ରବାସୀ ଡିଏଭି କଲେଜ ନିରାକାରପୁରର ଓଡ଼ିଆ ଅଧ୍ୟାପକ ପୁଣ୍ୟାଦର୍ଶନ ସାହୁ ସଂଯୋଜନା କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ବିରୋଧୀ ସମାଲୋଚନା ...

୪-ଲେନ୍ ଏକ୍ସପ୍ରେସ ୱେ ଏବଂ ମାଲକାନଗିରିର ମୋଟୁରୁ ମୟୂରଭଞ୍ଜର ତିରିଙ୍ଗିକୁ ସଂଯୋଗ କରୁଥିବା ଅଟଳ ଏକ୍ସପ୍ରେସ୍ ୱେ ନିର୍ମାଣ ପାଇଁ ପୁଞ୍ଜି ବିନିଯୋଗ ବ୍ୟବସ୍ଥା କରିଛୁ । ତତ୍‌ସହିତ, ଭୁବନେଶ୍ୱର ସ୍ଥିତ ଅନେକ ପ୍ରମୁଖ ସରକାରୀ ପ୍ରତିଷ୍ଠାନ ଯଥା ନୂତନ ଲୋକସେବା ଭବନ, ବିଧାନସଭା ସୌଧ, ବିଭିନ୍ନ କାର୍ଯ୍ୟରେ ରାଜ୍ୟ ରାଜଧାନୀକୁ ଆସୁଥିବା ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ଜନ ଆଶ୍ରୟ ଭବନ, ବିଶ୍ୱସ୍ତରୀୟ ସଂଗ୍ରହାଳୟ ଏବଂ ରାଜ୍ୟ ସମ୍ମିଳନୀ କେନ୍ଦ୍ର ଆଦି ନିର୍ମାଣ କରିବା ପାଇଁ ମଧ୍ୟ ବଜେଟ୍ ପ୍ରସ୍ତାବ କରିଅଛୁ । ଓଡ଼ିଶାରେ ୯୦ ହଜାର କୋଟିରୁ ବି ଅଧିକ ଟଙ୍କାର ବିଭିନ୍ନ ରେଳବାଇ ପ୍ରକଳ୍ପ ଚାଲିଅଛି । ପଚାଶ ବର୍ଷଧରି ପଶ୍ଚିମ ଓଡିଶାବାସୀଙ୍କ ସ୍ୱପ୍ନ ଥିଲା ଖୋର୍ଦ୍ଧା-ବଲାଙ୍ଗିର ରେଳପଥ ସମାପ୍ତ ହେବା ଉପରେ । ବୋଧହୁଏ ଏ ବର୍ଷ ଶେଷ ସୁଦ୍ଧା କିମ୍ବା ଆଗାମୀ ବର୍ଷ ପ୍ରାରମ୍ଭରେ ଏହା ପୂର୍ଣ୍ଣକ୍ଷମ ହୋଇଯିବ । ଚଳିତ ବଜେଟ୍‌ରେ ତାଳଚେର, ଅନୁଗୁଳ, ପାରାଦୀପ ଏବଂ ଧାମରା ମଧ୍ୟରେ ଆଭ୍ୟନ୍ତରୀଣ ଜଳ ପରିବହନକୁ ବୃଦ୍ଧି କରି ବନ୍ଦରଭିତ୍ତିକ ବିକାଶକୁ ତ୍ୱରାନ୍ୱିତ କରାଯିବ । ଓଡ଼ିଶା ପାଇଁ ୧୫ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳ ସହିତ ପ୍ରାୟ ୪ ଶହ କିଲୋମିଟର ନୂତନ ସଡ଼କ ଏବଂ ଜାତୀୟ ରାଜପଥର ଉନ୍ନତି ପାଇଁ ଅନୁମୋଦନ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ଧନ୍ୟବାଦ ଜଣାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଧାନ ସଂଗ୍ରହ ପ୍ରକ୍ରିୟା ସହ ଚାଷୀମାନଙ୍କୁ ତାଙ୍କ ପାଉଣା ସମୟୋଚିତ ପୈଠ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଆବର୍ତ୍ତନ ପାଣ୍ଠିକୁ ୫ ହଜାର କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରହିଅଛି । ଚଳିତ ବର୍ଷ ,ଆମେ ୭୦ଲକ୍ଷ ୮୦ ହଜାର ମେଟ୍ରିକ ଟନ୍ ଧାନ କିଣି ସାରିଲୁଣି ଓ ଚାଷୀ ମାନଙ୍କଠାରୁ ସମସ୍ତ ଧାନ କିଣିବୁ ଓ ସେମାନଙ୍କୁ ସହାୟତା ଦେଇ ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବୁ । ଇନପୁଟ୍ ସହାୟତା ଚାଷୀଙ୍କୁ ଉତ୍ସାହ ଦେଇଛି । ଆମ ସରକାରଙ୍କ ଇନପୁଟ୍ ସହାୟତା ଘୋଷଣା ପରେ ନିଶ୍ଚିତ ଭାବେ ଅଧିକ ଚାଷ ହୋଇଛି । ଭିତ୍ତିଭୂମିକୁ ତ ରାତାରାତି କରି ହେବ ନାହିଁ । ଆମେ ଏଥିପାଇଁ ୧୦୦ଟି ମଡେଲ ମଣ୍ଡି, ଭବିଷ୍ୟତ ଚାହିଦାକୁ ଦୃଷ୍ଟିରେ ରଖି ପ୍ରାୟ ୧୫ ଲକ୍ଷ ମେଟ୍ରିକ ଟନର ଗୋଦାମ ଷ୍ଟୋରେଜ ନିର୍ମାଣ କରୁଛୁ । ଚାଷୀଙ୍କ ସବୁ ସମସ୍ୟା ସମାଧାନ କରାଯିବ । ସବୁ ଯୋଗ୍ୟ ଚାଷୀଙ୍କ ସବୁ କ୍ରୟଯୋଗ୍ୟ ସବୁ ଧାନକୁ ଉଠାଇବୁ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସହର ରୂପାନ୍ତରଣ କ୍ଷେତ୍ରରେ ବର୍ତ୍ତମାନ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରୁଛି । ନୂତନ ପଦକ୍ଷେପ ଯଥା 'ଲିଭେବଲ୍ ସିଟି ମିଶନ' ଅଧୀନରେ, ଆମ ସରକାର ସହରୀ ବିକାଶ ପାଇଁ ୩୭୩୧ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରଖିଛନ୍ତି । ନଗର ରୂପାନ୍ତରଣକୁ ତ୍ୱରାନ୍ୱିତ କରିବା ପାଇଁ 'ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ' ନାମରେ ଏକ ନୂଆ ଯୋଜନା ଆରମ୍ଭ କରାଯାଉଛି । ଏହି ଯୋଜନା ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ ରହିଛି । ଏହି ପଦକ୍ଷେପ, ପ୍ରମୁଖ ସହରଗୁଡ଼ିକର ବ୍ୟାପକ ବିକାଶ କରିବା ସହିତ ବାସଯୋଗ୍ୟ ହେବା ପାଇଁ ମୌଳିକ ସହରୀ ସୁବିଧା ଯୋଗାଇଦେବ । ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଡାଲଖାଇ ନାମକ ଏକ ନୂତନ ପ୍ରୟାସର ପ୍ରସ୍ତାବ ରହିଅଛି । ଏହି ପ୍ରୟାସ ମାଧ୍ୟମରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରି ସ୍ଥାୟୀ ଓ ସୁରକ୍ଷିତ ଜୀବିକା ସୃଷ୍ଟି କରାଯିବ । ଆମ ରାଜ୍ୟ ଭାରତ ସେମିକଣ୍ଡକ୍ଟର ମିଶନ ପ୍ରୋତ୍ସାହନ ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପୁଞ୍ଜି ନିବେଶ ସବସିଡିର ଅତିରିକ୍ତ ୫୦ ପ୍ରତିଶତ ପ୍ରଦାନ କରୁଛି । 'ରାଜ୍ୟ ଏଆଇ ମିଶନ' ମାଧ୍ୟମରେ ଏଆଇକୁ ଶାସନ ଏବଂ ସେବା ବିତରଣରେ ଏକୀକରଣ କରିବା ଦିଗରେ ବିଭାଗଗୁଡିକୁ ସାହାଯ୍ୟ କରିବ; ଯାହା, ରାଜ୍ୟ ଶାସନ ବ୍ୟବସ୍ଥାର ଦକ୍ଷତା, ସଠିକତା ଏବଂ ସଂବେଦନଶୀଳତା ବୃଦ୍ଧି ପାଇଁ ଜରୁରୀ ଅଟେ । ଆମ ସରକାରଙ୍କ ସମୟୋଚିତ ପଦକ୍ଷେପ ଫଳରେ ଓଡ଼ିଶା ଆଗାମୀ ଦିନରେ 'ସେମିକଣ୍ଡକ୍ଟର କ୍ୟାପିଟାଲ' ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଓଡ଼ିଶାର ସ୍ଥାନକୁ ଆହୁରି ଦୃଢ ଭାବରେ ପ୍ରତିଷ୍ଠିତ କରିବା ପାଇଁ ଆମେ ୨୦୨୬-୨୭ ବଜେଟରେ ୧ ହଜାର ୨୩ କୋଟି ଟଙ୍କା ବ୍ୟୟବରାଦ କରିଛୁ, ଯାହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ । ଇକୋ-ଟୁରିଜିମ୍‌କୁ ପ୍ରୋତ୍ସାହିତ କରିବା ପାଇଁ ବାଲିପୁଟ, ଶିମିଳିପାଳର ନଓ୍ୱାନା ଏବଂ କରଞ୍ଜିଆର ଦେଓ ଠାରେ ନୂତନ କେନ୍ଦ୍ର ସ୍ଥାପନ କରାଯିବା ସହ ଚିଲିକା ହ୍ରଦର ପୁନରୁଦ୍ଧାର ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବିକାଶ ପାଇଁ ମାଷ୍ଟର ପ୍ଲାନ୍ କାର୍ଯ୍ୟକାରୀ କରାଯିବ । କେନ୍ଦୁଝରର ସାନଘାଗରା ଠାରେ ୯୧ କୋଟି ଟଙ୍କା ବ୍ୟୟରେ ଆଞ୍ଚଳିକ ଉଭିଦ ସମ୍ପଦ କେନ୍ଦ୍ରର ଏକ ଉପ-କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ । ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଗୁଡିକରେ ରୋପ୍-ୱେର ବ୍ୟବସ୍ଥା କରାଯାଉଛି । ଆଗାମୀ ଦିନରେ ହରିଶଙ୍କର-ନୃସିଂହନାଥ ମଧ୍ୟରେ, କପିଳାସ ଏବଂ ପୁରୀ ଠାରେ ଏପରି ରୋପ ୱେ ନିର୍ମାଣ କରାଯିବ ଯାହା ସ୍ଥାନୀୟ ପର୍ଯ୍ୟଟନକୁ ଅଧିକ ଗତି ଦେବ ଏବଂ ସ୍ଥାନୀୟ ଆଞ୍ଚଳରେ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନିଜ ନାଗରିକଙ୍କୁ ବିଜୁଳି, ପାଣି ଓ ସଡକ ସୁବିଧା ଦେବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ । କିନ୍ତୁ, କଂଗ୍ରେସ ସରକାରଙ୍କ ପ୍ରାୟ ପଚାଶ ବର୍ଷ ହେଉ କି ୨୪-ବର୍ଷର ସରକାର ହେଉ, କେହି ବି ଏଥିପ୍ରତି ଧ୍ୟାନ ଦେଲେ ନାହିଁ । କିନ୍ତୁ, ୨୪ ମାସର କମ ସମୟର ବର୍ତ୍ତମାନର ସରକାର ଓଡ଼ିଶାର ପ୍ରତି ଗ୍ରାମକୁ ବିଜୁଳି, ସଡକ ଓ ପାନୀୟ ଜଳ ଯୋଗାଣ ପାଇଁ 'ମିଶନ ପାୱାର'ର ଶୁଭାରମ୍ଭ କରିଛନ୍ତି । ଏହା ଦ୍ୱାରା ଏକ ନିଶ୍ଚିତ ସମୟ ଅର୍ଥାତ୍ ୨୦୨୭ ଡିସେମ୍ବର ଶେଷ ସୁଦ୍ଧା ସମସ୍ତ ଗ୍ରାମକୁ ଏହି ସବୁ ମୌଳିକ ସୁବିଧା ଯୋଗାଇ ଦିଆଯିବ । ଆମ ସରକାର ସମସ୍ତଙ୍କୁ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି । ଏହା ଚଳିତ ବଜେଟରେ ପ୍ରବଧାନ କରାଯାଇଛି, କିନ୍ତୁ ଆସନ୍ତା ବର୍ଷ ପାଇଁ ଏହାକୁ ଅଧିକ ବ୍ୟାପକ କରାଯାଇଛି । ଏହି ବଜେଟରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛୁ । ଓଡ଼ିଶାରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଖଣି ଓ ଧାତୁ କ୍ଷେତ୍ରରେ କୁଶଳୀ ପେସାଦାରଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ କେନ୍ଦୁଝରସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି । ଜନସ୍ୱାସ୍ଥ୍ୟ ସେବା ପାଇଁ ମୋଟ ୨୩ ହଜାର ୧୮୨ କୋଟି ଟଙ୍କା ଆବଣ୍ଟନର ପ୍ରସ୍ତାବ ରହିଛି, ଯେଉଁଥିରେ କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୭ ହଜାର ୭୩୭ କୋଟି ଟଙ୍କା ସାମିଲ ରହିଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରସ୍ତାବିତ ଏହି ବ୍ୟୟ ମୋଟ ବଜେଟ ଆକାରର ୭.୫ ପ୍ରତିଶତ ରୁ ଅଧିକ ଅଟେ । ବଢୁଥିବା ରୋଗୀ ସଂଖ୍ୟା ଏବଂ ଜରୁରୀକାଳୀନ ମାମଲା ଠାରୁ ଆରମ୍ଭ କରି କ୍ରୋନିକ୍ ରୋଗ ଏବଂ ମହାମାରୀ ବିପଦ ପର୍ଯ୍ୟନ୍ତ ଆମ ଲୋକଙ୍କ ପାଇଁ ବଢୁଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ଆମେ ସମଗ୍ର ଓଡ଼ିଶାରେ ଆମର ସ୍ୱାସ୍ଥ୍ୟସେବା କ୍ଷମତାର ଏକ ବଡ଼ ସମ୍ପ୍ରସାରଣ ଆରମ୍ଭ କରୁଛୁ । ଏବଂ ବିଭିନ୍ନ ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା ବୃଦ୍ଧି କରୁଛୁ । ଗତ ସରକାର ଏ ଦିଗରେ କୌଣସି କାମ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ପାଇଁ ନାରୀ ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ କି ରାଜନୈତିକ ଅସ୍ତ୍ର ନୁହେଁ । ସେମାନେ ଆମପାଇଁ ନମସ୍ୟା । ରାଜ୍ୟର ପ୍ରତ୍ୟେକ ନାରୀ ଆମ ପାଇଁ ଜଣେ ଜଣେ ସୁଭଦ୍ରା । ମହିଳାମାନଙ୍କର ସଶକ୍ତିକରଣ ଓ ଗରିମା ରକ୍ଷା, ଆମ ସରକାରଙ୍କର ପ୍ରମୁଖ ପ୍ରାଥମିକତା । ମହିଳା ସଶକ୍ତିକରଣ ନିମନ୍ତେ ଆମ ସରକାରଙ୍କ ଏକ ପ୍ରମୁଖ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଝିଅ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷା ସମାପ୍ତ କରିବା । ଏହି ଉଦ୍ଦେଶ୍ୟ ପାଇଁ, 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ନାମରେ ଏକ ନୂତନ ଯୋଜନା ଆରମ୍ଭ କରିବାକୁ ପ୍ରସ୍ତାବ ରହିଛି, ଏହି ଯୋଜନାରେ ଆର୍ଥିକ ଦୁର୍ବଳ ବର୍ଗର ପରିବାରରେ ଜନ୍ମ ହୋଇଥିବା ଝିଅଙ୍କ ନାମରେ ୨୦ ହଜାର ଟଙ୍କାର ଏକ ସଞ୍ଚୟ ପାଣ୍ଠି ଖୋଲାଯିବ । କିନ୍ତୁ, କିଛି ସଦସ୍ୟ,ସଦସ୍ୟା ଚଳିତ ବଜେଟରେ ପ୍ରବଧାନ କରାଯାଇଥିବା ଖର୍ଚ୍ଚକୁ ନେଇ ଉଦବେଗ ଜଣାଇଛନ୍ତି । ମୁଁ ସ୍ପଷ୍ଟ ଭାବେ ଗୃହକୁ ଆଉଥରେ ଜଣାଇଦେବାକୁ ଚାହୁଁଛି ଯେ, ଚଳିତ ବର୍ଷ ଜାନୁୟାରୀ ଶେଷ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପ୍ରାୟ ୧ ଲକ୍ଷ ୭ ଶହ କୋଟି ଟଙ୍କା । ଗତ ବର୍ଷ ଜାନୁୟାରୀ ଶେଷ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ୮୬ ହଜାର ୭ ଶହ ୩୧ କୋଟି ଟଙ୍କା ଠାରୁ ପ୍ରାୟ ୧୪ ହଜାର କୋଟି ଟଙ୍କା ଅଧିକ । ତେଣୁ, ବିରୋଧୀ ଦଳର କେତେକ ସଦସ୍ୟଙ୍କର ଖର୍ଚ୍ଚ ନ ହେବା ବାବଦକୁ ଆଣିଥିବା ଅଭିଯୋଗ ନିରାଧାର ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

### ଭୁବନେଶ୍ୱରରେ କାଳବୈଶାଖୀ ...

ଅନେକ ସ୍ଥାନରେ ରାସ୍ତାରେ ପାଣି ଜମି ଜଳାର୍ଣ୍ଣବ ସୃଷ୍ଟି ହୋଇଥିଲା, ଯାହା ଫଳରେ ଯାତାୟାତ ବିଧା ସୃଷ୍ଟି ହୋଇଥିଲା । ଜନପଥରେ ବର୍ଷାଜଳ ଲହଡ଼ି ଭାଙ୍ଗୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା । ସେହିପରି ରସୁଲଗଡ଼, ପଲାଶୁଣୀ, ରାଜମହଲ ଓ କଟକରୋଡ ଅଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ପଡ଼ିଥିଲା । ଦୀର୍ଘ ଦିନର ବ୍ୟବଧାନ ପରେ ବର୍ଷା ହେବାରୁ ସନ୍ଧ୍ୟା ସମୟରେ ଥଣ୍ଡା ପବନ ପ୍ରବାହିତ ହେଉଥିଲା । ସେହିପରି ହଠାତ୍ ଝଡ଼ ବର୍ଷା କାରଣରୁ କଟକ ବଡ଼ମ୍ବାରେ ପଡ଼ିଥିବା ଏକ ଯାତ୍ରା ପେଣ୍ଡାଲ୍ ଭାଙ୍ଗିଯିବା ସହ ୨ ଜଣ ଆହତ ହୋଇଛନ୍ତି । ସୁବର୍ଣ୍ଣପୁର ବିନିକା ଅଞ୍ଚଳରେ ଗତକାଲି ସଂଧ୍ୟାରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସି କାଳବୈଶାଖୀ ଭଳି ଝଟକା ପରେ ଝଟ୍‌କା ପବନ ଓ ପ୍ରବଳ ବର୍ଷା ହୋଇଥିଲା । ଏହି ଅଦିନିଆ ଝଡ଼ର ପ୍ରଭାବରେ ପଲସାପାଲି, ବାଗଡ଼ିଆ ଆଦି ଗାଁରେ ୧୫ରୁ ୨୦ ଜଣଙ୍କ ଘର ଭାଙ୍ଗିବା ସହ ଆଜବେଷ୍ଟସ୍ ଉଡ଼ାଇ ବ୍ୟାପକ କ୍ଷୟକ୍ଷତି ଘଟିଛି । ସେହିପରି ବରଗଡ଼ ଜିଲ୍ଲାର ବରପାଲି ଅଞ୍ଚଳରେ ମଧ୍ୟ ପ୍ରବଳ ଝଡ଼ତୋଫାନ ସହ କୁଆପଥର ମାଡ଼ରେ ପନିପରିବା ଫସଲ ପ୍ରଭାବିତ ହୋଇଛି । କଟକ ଜିଲ୍ଲା ବଡ଼ମ୍ବା ଯୋଡମୁଁରେ ମଧ୍ୟ ବର୍ଷାପବନ ତାଣ୍ଡବ ରଚିଛି । ଆଜି ଅପରାହ୍ଣରେ ହଠାତ୍ ଝଡ଼ ବର୍ଷାରେ ସ୍ଥାନୀୟ ସ୍କୁଲ ଖେଳପଡ଼ିଆରେ ପଡ଼ିଥିବା ଯାତ୍ରା ପେଣ୍ଡାଲ୍ ଛାରଖାର ହେଇଯାଇଛି । ତେବେ ସମସ୍ତ ଯାତ୍ରା କଳାକାର ସୁରକ୍ଷିତ ଥିବା ବେଳେ ଟେଣ୍ଟ୍ ହାଉସ୍‌ର ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି । ଟୁଇନସିଟି କଟକ ଓ ଭୁବନେଶ୍ୱରରେ ମଧ୍ୟ ଅପରାହ୍ଣରେ ପ୍ରବଳ ବର୍ଷା ପବନ କାରଣରୁ ଜନଜୀବନ ପ୍ରଭାବିତ ହୋଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ବି ସକ୍ରିୟ ରହିଛି । ଏଥି ସହିତ ଗାଙ୍ଗେୟ ପଶ୍ଚିମବଙ୍ଗରୁ ଉତ୍ତର ଉପକୂଳ ଓଡ଼ିଶା ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ୍ ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ମୟୁରଭଞ୍ଜ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ମାଲକାନଗିର, କୋରାପୁଟ, ରାୟଗଡ଼ା ଜିଲ୍ଲାର କିଛି ସ୍ଥାନରେ ଘଡଘଡ଼ି ସହ ସାମାନ୍ୟ ବର୍ଷା ହୋଇପାରେ । ଏଥିସହ ଆସନ୍ତାକାଲି ସକାଳ ସାଢେ ୮ଟା ଯାଏଁ ୫ ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏସବୁ ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ଏବଂ ଝଟକା ପବନ ସମ୍ଭାବନା ରହିଥିବା ନେଇ ସୂଚନା ଦେଇଛି ପାଣିପାଗ ବିଭାଗ ।. ସେହିପରି ୨୫ ତାରିଖ ସକାଳ ଯାଏଁ ଦକ୍ଷିଣ, ପୂର୍ବ ଏବଂ ଉତ୍ତର ଓଡ଼ିଶାର ଜିଲ୍ଲା ଗୁଡ଼ିକରେ ମଧ୍ୟ ଠାଆକୁ ଠାଆ ବର୍ଷାର ପୂର୍ବାନୁମାନ କରାଯାଇଛି । ଏପଟେ ଦିନ ଓ ରାତି ତାପମାତ୍ରାରେ ବୃଦ୍ଧି ସହ ଧିରେ ଧିରେ ଖରା ବି ତେଜ ଦେଖାଇବା ଆରମ୍ଭ କଲାଣି । ଆସନ୍ତାକାଲି ସକାଳ ପାଇଁ ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଜିଲ୍ଲାର କିଛି ସ୍ଥାନରେ ଘନ କୁହୁଡି ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

# ଛତିଶାନିଯୋଗ ବୈଠକରେ ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟ



**ପୁରୀ,୨୪।୨/ଏନ୍ଏନ୍ଏସ୍:** ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ଜିଲ୍ଲାପାଳଙ୍କ ସହ ଏସପି, ଛତିଶା ନିଯୋଗର ସେବାୟତ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଆସନ୍ତା ମାର୍ଚ୍ଚ ୩ ତାରିଖରେ ପବିତ୍ର ଦୋଳପୂର୍ଣ୍ଣିମା ଅବସରରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହେବ । ତେବେ ଦୋଳପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଏଥିପାଇଁ ଚୁଡାନ୍ତ ହୋଇଥିବା ନୀତିକାନ୍ତିକୁ ଛତିଶାନିଯୋଗ ବୈଠକରେ ଅନୁମୋଦନ କରାଯାଇଛି । ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ୨ତାରିଖ ରାତି ୧ଟାରେ ଦ୍ୱାର ଫିଟା ନୀତି କରାଯାଇ ମହାପ୍ରଭୁଙ୍କ ବିଭନ୍ନ ନୀତିକାନ୍ତି କରାଯିବ । ତେବେ ନୀତିକାନ୍ତି ସଅଳ ହେଲେ ସକାଳୁ ମହାପ୍ରଭୁଙ୍କୁ ଦୋଳବେଦୀରେ ବିଜେ କରାଯିବା ପାଇଁ ସମସ୍ତଙ୍କର ପ୍ରୟାସ ରହିବ । ସଅଳ ନୀତିକାନ୍ତି ହୋଇ ନପାରିଲେ ଗ୍ରହଣ ସର୍ବମୋକ୍ଷ ପରେ ଠାକୁରଙ୍କୁ ଦୋଳବେଦୀ କୁ ବିଜେ କରାଯିବ । ଏଥିସହ ଆସନ୍ତା ୧ ଓ ୨ ତାରିଖରେ ଶ୍ରୀମନ୍ଦିରରେ ଭିତର କାଠ ଦର୍ଶନ ବନ୍ଦ ରହିବ ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଥିଲେ ।

## ମାର୍କଣ୍ଡସାହିରେ ସାହି କମିଟି ସମନ୍ୱୟ ସଭା




**ପୁରୀ,୨୪।୨/ଏନ୍ଏନ୍ଏସ୍:** ଆସନ୍ତା ସାହିଯାତ ଯାତ୍ରା ୨୦୨୬କୁ ପୁରୀ ସହରରେ ସୁଚାରୁ, ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଆଜି ମାର୍କଣ୍ଡସାହି ଅଞ୍ଚଳରେ ଏକ ସାହି କମିଟି ସମନ୍ୱୟ ସଭା ଅନୁଷ୍ଠିତ ହୋଇଯାଇଛି । ସଭାଟିକୁ ଏସ୍ପି ପୁରୀ ପ୍ରତୀକ ସିଂ ଅଧ୍ୟକ୍ଷତା କରିଥିଲେ । ସଭାରେ ପୋଲିସ ଅଧିକାରୀମାନଙ୍କ ସହ ମାର୍କଣ୍ଡସାହିର ସ୍ଥାନୀୟ କମିଟି ସଦସ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ । ଏହି ସମନ୍ୱୟ ସଭାରେ ସିଟି ଡ଼ିଏସପି ରଶ୍ମି ରଞ୍ଜନ ମହାପାତ୍ର, ଟ୍ରାଫିକ ଡ଼ିଏସପି ରାଜକୁମାର ପରିଡା, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ ଥାନା ଅଧିକାରୀ ସଂଗୀତା ଦାଶ ସହ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ । ସଭାରେ ସହିଯାତ ଯାତ୍ରା ଅବସରରେ ଭିଡ଼ ନିୟନ୍ତ୍ରଣ, ଆପାତକାଳୀନ ସେବା, ସାଧାରଣ ଲୋକଙ୍କ ସୁରକ୍ଷା, ଓ ସାମ୍ପ୍ରଦାୟିକ ସମନ୍ୱୟ ସମ୍ବନ୍ଧୀୟ ବିଭିନ୍ନ ମୁଦ୍ଦା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଯାତ୍ରା ସମୟରେ ସାହି ମାଧ୍ୟମରେ ଯାଉଥିବା ପ୍ରମୁଖ ରୁଟ ଓ ବିକଳ୍ପ ରୁଟ ଚିହ୍ନଟ କରି ପୂର୍ବ ପ୍ରସ୍ତୁତି ନେବାକୁ ନିଷ୍ପତ୍ତି ହୋଇଥିଲା । ଏସ୍ପି ପୁରୀ ସ୍ଥାନୀୟ ସାହି କମିଟି ସଦସ୍ୟ ମାନଙ୍କୁ ସହଯୋଗ ପାଇଁ ଅନୁରୋଧ କରି କହିଥିଲେ ଯେ, ପୋଲିସ ଜନସାଧାରଣ ସମନ୍ୱୟ ଦ୍ୱାରା ମାତ୍ର ଏପରି ପାରମ୍ପରିକ ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରାଯାଇପାରିବ । ସାହି ଭିତର ରାସ୍ତା ସଫା ସୁତୁରା ରଖିବା, ଅବୈଧ ପାର୍କିଂ ରୋକିବା, ବିଦ୍ୟୁତ ତାର ଓ ଅସ୍ଥାୟୀ ଟେଣ୍ଟ ଯାଞ୍ଚ କରିବା ପାଇଁ ସ୍ଥାନୀୟ କମିଟିଙ୍କ ସକ୍ରିୟ ସହଯୋଗ କାମନା କରାଯାଇଥିଲା । ଟ୍ରାଫିକ ଡ଼ିଏସପିଙ୍କ ପକ୍ଷରୁ ଯାତ୍ରା ଦିନ ଟ୍ରାଫିକ ବ୍ୟବସ୍ଥା ଲାଗୁ କରାଯିବା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା । ପ୍ରମୁଖ ସ୍ଥାନ ଗୁଡ଼ିକରେ ଡାଇଭର୍ସନ ବ୍ୟବସ୍ଥା କରାଯିବ ଓ ଆବଶ୍ୟକତାନୁସାରେ ପୋଲିସ ଓ ଟ୍ରାଫିକ କର୍ମଚାରୀ ମୁତୟନ କରାଯିବ । ସିଟି ଡ଼ିଏସପି ଓ ଟାଉନ ଥାନା ପକ୍ଷରୁ ସାହି ଅଞ୍ଚଳର ସମ୍ବେଦନଶୀଳ ସ୍ଥାନ, ସଂକୀର୍ଣ୍ଣ ରାସ୍ତା ଓ ଭିଡ଼ ହେବା ସମ୍ଭାବନା ଥିବା ପଏଣ୍ଟ ଗୁଡ଼ିକର ତାଲିକା ପ୍ରସ୍ତୁତ କରି ପୂର୍ବ ପ୍ରସ୍ତୁତି ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଯାତ୍ରା ସମୟରେ ସିସିଟିଭି ମାଧ୍ୟମରେ ନଜରଦାରି, ପାଟ୍ରୋଲିଂ ଓ କ୍ୱିକ୍ ରିସ୍ପୋନ୍ସ ଟିମ୍ ସଜାଗ ରହିବେ । ସ୍ଥାନୀୟ ସାହି ପ୍ରତିନିଧିମାନେ ସଭାରେ ତାଙ୍କର ସମସ୍ୟା ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ପୋଲିସ ପକ୍ଷରୁ ସେଗୁଡ଼ିକୁ ଗୁରୁତ୍ୱ ସହ ନେଇ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ । ପୁରୀ ପୋଲିସ ପକ୍ଷରୁ ସମସ୍ତ ନାଗରିକଙ୍କୁ ଆଗାମୀ ସହିଯାତ ଯାତ୍ରା ସମୟରେ ଟ୍ରାଫିକ ନିୟମ ମାନିବା, ପୋଲିସଙ୍କୁ ସହଯୋଗ କରିବା ଓ ଶୃଙ୍ଖଳା ରକ୍ଷା କରିବା ପାଇଁ ଅନୁରୋଧ କରାଯାଉଛି । ସମସ୍ତଙ୍କ ମିଳିତ ପ୍ରୟାସରେ ସାହିଯାତ ଯାତ୍ରା ୨୦୨୬ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ପାଳନ ହେବ ବୋଲି ପୁରୀ ପୋଲିସ ଆଶା ବ୍ୟକ୍ତ କରିଛି ।

## କବି ଶ୍ୟାମ ସେନାପତି ସମ୍ବର୍ଦ୍ଧିତ



**ପୁରୀ,୨୪।୨/ଏନ୍ଏନ୍ଏସ୍:** ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ପ୍ରମୁଖ ସାହିତ୍ୟ ପତ୍ରିକା 'ରନ୍‌ଚିରା' ଦ୍ୱାରା ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ ବସନ୍ତ ମିଳନ ଆସର 'ଭାବସଞ୍ଜ' କାର୍ଯ୍ୟକ୍ରମ ଅବସରରେ କବି ତଥା ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ରାଜ୍ୟ ସଂସ୍କୃତି ବିଭାଗର ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସାହିତ୍ୟ ଏକାଡ଼େମି ସଚିବ ଚନ୍ଦ୍ରଶେଖର ହୋତା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ବିଶିଷ୍ଟ ପ୍ରାବନ୍ଧିକା ଓ ସମାଲୋଚିକା ବିଷ୍ଣୁ ପ୍ରିୟା ଓତା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ବିଶେଷ ସନ୍ଧ୍ୟାଟି କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ସୁନାମଧନ୍ୟ କବି ଗୋପାଳକୃଷ୍ଣ ରଥଙ୍କୁ ସମର୍ପିତ କରାଯାଇଥିଲା । କବି ସ୍ନେହଲତା ପୃଷ୍ଟି ଙ୍କ ଲାଳିତ୍ୟମୟ ସଂଯୋଜନାରେ ଅନୁଷ୍ଠିତ ଏହି ଆସରରେ ପ୍ରତିଷ୍ଠିତ କବି ପ୍ରଦୀପ ବିଶ୍ୱାଳ, ରଞ୍ଜନ କୁମାର ଦାସ, ରକ୍ଷକ ନାୟକ, ସୂର୍ଯ୍ୟ ମିଶ୍ର, କମଳ କୁମାର ମହାନ୍ତି, ବିଜୟ ମଲ୍ଲ, ସୁଷମା ମିଶ୍ର, ରବି ଶତପଥୀ, ସୁବ୍ରତ ଦାସ, ସରୋଜ ବଳ, ଅଶ୍ୱିନୀ ସୁତାର, ଆନପା ମାର୍ଣ୍ଡି, ସ୍ୱୟମପ୍ରଭା ରଥ, ଶିବଶଙ୍କର ସାହୁ, ନିରୂପମା କର, ନୃସିଂହ ତରାଇ ଙ୍କ ସମେତ ଓଡ଼ିଶା ରୁ ତିରିଶ ଜଣ କବି ଯୋଗ ଦେଇଥିଲେ ।

## ବାଲି ଓ କାଠ ବୋଝେଇ ଦୁଇ ଟ୍ରାକ୍ଟର ଜବତ

**ମାହାଙ୍ଗା,୨୪।୨/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅଞ୍ଚଳରେ ବେଆଇନ ଭାବେ ଚୋରାରେ ବାଲି, ମାଟି, ମାଙ୍କଡାପଥର, ମୋରମ ଠାରୁ ଆରମ୍ଭ କରି ଗଛ କଟା ବ୍ୟାପକ ଭାବେ ଚାଲିଛି । ଯାହା ଫଳରେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱହାନୀ ଘଟୁଛି । ପ୍ରଶାସନ ଏ ସବୁ ଜାଣି ମଧ୍ୟ ଚୁପ୍ ରହିବାରୁ ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା । ଆଜି ମାହାଙ୍ଗା ତହସିଲ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢାଉ ଜାରୀ ରଖିଥିଲେ । ତହସିଲଦାର ସୁଭାଶିଷ ପାଲଟାଙ୍କ ନେତୃତ୍ୱରେ ଏହି ଟିମ ଲାପଟୁଆଁ ଘାଟରୁ ଏକ ବେଆଇନ ବାଲି ବୋଝେଇ ଗାଡିକୁ ଜବତ କରିବା ସହ ଫାଣ୍ଡି ପୋଲିସକୁ ଜିମା ଦେଇ ଖଣିବିଭାଗକୁ ଜଣାଇଛନ୍ତି । ଏହି ଚଢାଉ ସମୟରେ ଏହି ରାସ୍ତା ଦେଇ ଯାଉଥିବା ଏକ କାଠ ବୋଝେଇ ଟ୍ରାକ୍ଟରକୁ ଜବତ କରି ଫାଣ୍ଡିରେ ଅଟକ ରହିଥିବା ଜଣାଯାଇଛି । ପୋଲିସ ଏବଂ ତହିସିଲ ପ୍ରଶାସନ ପକ୍ଷରୁ ବେଆଇନ ବାଲି ଏବଂ ମାଟି ଗାଡି ଧରି ଥାନାରେ ଦୀର୍ଘ ହେବ ରଖାଯାଇ ଖଣିବିଭାଗକୁ ଅବଗତ କରାଯାଉଥିଲେ ମଧ୍ୟ ଖଣିବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାର ମାଫିଆମାନେ ନିର୍ଭୟରେ ବେଆଇନ କାର୍ଯ୍ୟ କରି ମାଲେ ମାଲେ ହେଉଛନ୍ତି ।

## ବୁଲା କୁକୁରଙ୍କ ଆକ୍ରମଣରୁ ଶିଶୁଙ୍କୁ ସୁରକ୍ଷା ନେଇ ବୈଠକ



**ପୁରୀ,୨୪।୨/ଏନ୍ଏନ୍ଏସ୍:** ଆଜି ପୂର୍ବାହ୍ନରେ ବୁଲା କୁକୁର ଆକ୍ରମଣରୁ ଶିଶୁ ମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ,ଗୃହରେ ଜିଲ୍ଲାର ଅଧିକାରୀମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ଅକ୍ଷୟ କୁମାର ଶତପଥି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା କାର୍ଯ୍ୟସୂଚୀ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜିକ । ମିଶନ ଶକ୍ତି ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟ ।ଳୟ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ, ଅଙ୍ଗନୱାଡି ପରିବେଶରେ ଅଙ୍ଗନୱାଡିକର୍ମୀ ମାନେ ନୋଡ଼ାଲ-ଅଫିସର ଭାବେ ଶିଶୁମାନଙ୍କୁ ବୁଲା କୁକୁର ଓ ଗାଈ ମାନଙ୍କ ଠାରୁ କିପରି ସୁରକ୍ଷିତ ରଖିବେ, ବଳକା ଖାଦ୍ୟ ଏଠିସେଠି ନପକାଇ ଡଷ୍ଟବିନ୍‌ରେ ପକାଇବେ ଓ ଏ ସମ୍ବନ୍ଧରେ ଅନ୍ୟମାନଙ୍କୁ ସଚେତନ କରିବା ସହ ନିଜର ଅର୍ଥାତ ଅଙ୍ଗନୱାଡି କର୍ମୀଙ୍କର ନାମ, ପଦବୀ ଓ ଫୋନ ନମ୍ବର ଅଙ୍ଗନୱାଡି ବାହାର କାନ୍ଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲେଖିବେ ବୋଲି ଜଣାଇଥିଲେ । ସେହିପରି ଜିଲ୍ଲାର ମୁଖ୍ୟ ପଶୁ ଚିକିତ୍ସାଧିକାରୀ ଶରତ କୁମାର ବେହେରା କୋର୍ଟଙ୍କ ଆଦେଶ ମୁତାବକ ବୁଲା କୁକୁରମାନଙ୍କୁ ରାସ୍ତାଘାଟ ବା ଏଣେତେଣେ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ ଅଟେ ବୋଲି କହିବା ସହ ଏଥିରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ ।

### କୋଟି କୋଟି ଟଙ୍କାର ...

ସୁପରମାର୍ଟ କୋଠା ଏବେ ବିପଦସଙ୍କୁଳ ଅବସ୍ଥାକୁ ଚାଲିଯାଇଥିବା ଆଶଙ୍କା କରାଯାଉଛି । ସୋମବାର ରାତି ପ୍ରାୟ ୧୦ଟା । ପ୍ରଥମେ ଦ୍ୱିତୀୟ ମହଲାରେ ଲାଗିଥିଲା ନିଆଁ । ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ୨ଟି ଅଗ୍ନିଶମ ଟିମ୍ । କିଛି ସମୟ ପରେ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲା ସତ, କିନ୍ତୁ ପୁଣି ସେହି ନିଆଁ ଡେଇଁଲା ତୃତୀୟ ମହଲାକୁ । ରାତିରେ ଧିରେ ଧିରେ ତାର ପ୍ରକୋପ ଦେଖାଇ ସିଧା ମାଡ଼ିଗଲା ଚତୁର୍ଥ ମହଲା । ତାହାରି ଭିତରେ ଖବର ପାଇ ପହଞ୍ଚିଥିଲେ ଭୁବନେଶ୍ୱର ଏବଂ ଉପକଣ୍ଠରେ ଥିବା ମୋଟ୍ ୮ଟି ଅଗ୍ନିଶମ କେନ୍ଦ୍ରରୁ ୬୦ରୁ ଅଧିକ ଅଗ୍ନିଯୋଦ୍ଧା । ଏପରିକି ବିଲଡିଂ ଭିତରକୁ ରୋବୋଟିକ ମନିଟର୍ ବି ପଠାଯାଇଥିଲା । ସୁଉଚ୍ଚ କୋଠା ଉପରକୁ ଯାଇ ନିଆଁ ଲିଭାଇବା ସମ୍ଭବ ନହେବାରୁ ଅତ୍ୟାଧୁନିକ ବ୍ରୋଣ୍ଟୋ ସ୍କାଏ ଲିଫ୍ଟ ଏବଂ ଫୋମ୍ ଜେନେରେଟରର ବ୍ୟବହାର କରାଯାଇଥିଲା । ଆଡ଼ଭାନ୍ସ ରେସ୍କ୍ୟୁ ଟେଣ୍ଡରର ବି ନିଆଯାଇଥିଲା ସହାୟତା । ପ୍ରାୟ ୫୦ରୁ ଅଧିକ ଟ୍ରିପ୍ ପାଣି ଆଣି ପକାଇଥିଲା ଫାୟାର ଗାଡ଼ି । ଛାତ ଉପରକୁ ଯାଇ ଅଗ୍ନିଶମ ବାହିନୀ କ୍ରମାଗତ ପାଣି ମାଡ଼ ବି କରିଥିଲେ, ତଥାପି ନା ନିଆଁ ଲିଭିଥିଲା, ନା ଆୟତ୍ତ ହୋଇଥିଲା । ସ୍ଥିତି ଏମିତି ହେଲା ଯେ ସୁପରମାର୍ଟର ସବୁ ସାମଗ୍ରୀ ଜଳିପୋଡ଼ି ଛାରଖାର୍ ହୋଇଯାଇଛି । ଏହି ସୁପରମାର୍ଟ ହେଉଛି ବେସ୍‌ମେଣ୍ଟ୍ ବ୍ୟତୀତ ୪ ମହଲା ବିଶିଷ୍ଟ ବିଲଡିଂ । ପ୍ରଥମ ମହଲାରେ ରହିଥିଲା ସୁପରମାର୍ଟ ତଥା ଗ୍ରୋସୋରୀ ଆଇଟମ୍ । ଦ୍ୱିତୀୟ ମହଲାରେ ଥିଲା ପ୍ଲାଷ୍ଟିକ୍ ଆଇଟମ୍ ଏବଂ ତୃତୀୟ ଓ ଚତୁର୍ଥ ମହଲା ସମ୍ପୂର୍ଣ୍ଣ ଗୋଦାମ ଥିଲା । ଏହି ବିଲଡିଂର ମାଲିକ ହେଉଛନ୍ତି କୋରାପୁଟ ଜିଲ୍ଲାର ସୁଶାନ୍ତ କୁମାର ବାରିକ । ତାଙ୍କ ଠାରୁ ସୁବାସ ଗଜପତି ନାମକ ଜଣେ ବ୍ୟବସାୟୀ ଭଡ଼ାରେ ନେଇ ନିଜ ବ୍ୟବସାୟ ଜାରି ରଖିଥିଲେ । ତେବେ ନିଆଁ ଲାଗିଥିବା ତୃତୀୟ ଏବଂ ଚତୁର୍ଥ ମହଲାରେ କୌଣସି ଅଗ୍ନି ନିର୍ବାପନ ବ୍ୟବସ୍ଥା ଥିଲା କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ ।କିନ୍ତୁ ଚାରିଆଡ଼େ ବନ୍ଦ ଥିବା ଏହି ବିଲଡିଂର ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାର ଥିଲା ମାତ୍ର ଗୋଟିଏ । ଫଳରେ ନିଆଁକୁ ଆୟତ୍ତ କରିବା ଅଗ୍ନିଯୋଦ୍ଧାଙ୍କ ପାଇଁ ଥିଲା ସବୁଠୁ ବଡ଼ ଆହ୍ୱାନ । ୧୯ ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ନିଆଁ ଆୟତ୍ତକୁ ଆସିଛି ସତ, କିନ୍ତୁ ସୁପରମାର୍ଟ ବିଲଡିଂର କାନ୍ଥ ଏବଂ ଛାତରେ ଫାଟ ସୃଷ୍ଟି ହୋଇଛି । ବିଲ୍ଡିଂ ସେଫ୍ କି ଅନସେଫ୍ ଇଞ୍ଜିନିୟରମାନେ ଦେଖି ନିଷ୍ପତ୍ତି ନେବେ ବୋଲି କହିଛନ୍ତି ଅଗ୍ନିଶମ ଡିଜି ।ସାମ୍ନାରେ ଜଳିଯାଉଥିଲା କୋଟି କୋଟି ଟଙ୍କାର ସମ୍ପତ୍ତି... ସବୁକିଛି ପାଉଁଶ ହୋଇଯାଉଥିବା ଦେଖି ବ୍ୟବସାୟୀଙ୍କ ଛାତି କୋରି ହୋଇଯାଉଥିଲା । ମାଲିକଙ୍କ ଧୈର୍ଯ୍ୟର ବନ୍ଧ ଭାଙ୍ଗିଯାଉଥିଲା ।

### କେରଳର ନୂଆ ନାମ ହେବ ...

ସମ୍ବିଧାନର ପ୍ରଥମ ଅନୁସୂଚୀରେ ସଂଶୋଧନ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଥିଲା । ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ କେରଳର ନାମ ପରିବର୍ତ୍ତନ ବିଲ୍ ଏବେ ରାଜ୍ୟ ବିଧାନସଭାକୁ ଅନୁମୋଦନ ପାଇଁ ପଠାଯିବ । ସେ କହିଛନ୍ତି ଯେ ନୂତନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ 'ସେବା ତୀର୍ଥ' କୋଠାରେ ଅନୁଷ୍ଠିତ ପ୍ରଥମ କ୍ୟାବିନେଟ ବୈଠକରେ ୧.୪ କୋଟି ଲୋକଙ୍କ ସ୍ୱାର୍ଥରେ ସମସ୍ତ ନିଷ୍ପତ୍ତି ନେବା ପାଇଁ ଏକ ସଂକଳ୍ପ ପାରିତ ହୋଇଛି । ଅନ୍ୟପକ୍ଷେ 'କେରଳ' ରାଜ୍ୟର ନାମ 'କେରଳମ୍' ଭାବରେ ପରିବର୍ତ୍ତନ କରିବା ସମ୍ପର୍କରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟରେ ବିଚାର କରାଯାଇଥିଲା ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ କେନ୍ଦ୍ର ସହଯୋଗ ମନ୍ତ୍ରୀଙ୍କ ଅନୁମୋଦନ କ୍ରମେ, 'କେରଳ' ରାଜ୍ୟର ନାମ 'କେରଳ' ଭାବରେ ପରିବର୍ତ୍ତନ କରିବା ପାଇଁ କ୍ୟାବିନେଟ୍ ପାଇଁ ଡ୍ରାଫ୍ଟ ନୋଟ୍ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟର ଆଇନଗତ ବ୍ୟାପାର ବିଭାଗ ଏବଂ ବିଧାନସଭା ବିଭାଗକୁ ସେମାନଙ୍କ ମତାମତ ପାଇଁ ପଠାଯାଇଥିଲା । ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟର ଆଇନଗତ ବ୍ୟାପାର ବିଭାଗ ଏବଂ ବିଧାନସଭା ବିଭାଗ 'କେରଳ' ରାଜ୍ୟର ନାମକୁ 'କେରଳମ' କରିବା ପ୍ରସ୍ତାବରେ ସହମତ ହୋଇଛନ୍ତି । ସୂଚନା ଅନୁସାରେ, କୌଣସି ରାଜ୍ୟ କିମ୍ବା ଏକ ପ୍ରମୁଖ ସହରର ନାମ ପରିବର୍ତ୍ତନ କରିବା ପାଇଁ ୨୦୦ କୋଟିରୁ ୫୦୦ କୋଟି ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରେ । ପ୍ରକାଶ, ସମ୍ବିଧାନର ଧାରା ୩ ରେ ବିଦ୍ୟମାନ ରାଜ୍ୟଗୁଡ଼ିକର ନାମ ପରିବର୍ତ୍ତନ ପାଇଁ ବ୍ୟବସ୍ଥା ଅଛି । ଧାରା ୩ ଅନୁଯାୟୀ, ସଂସଦ ଆଇନ ଦ୍ୱାରା ଯେକୌଣସି ରାଜ୍ୟର ନାମ ପରିବର୍ତ୍ତନ କରିପାରିବେ । ଧାରା ୩ ର ଆହୁରି ବ୍ୟବସ୍ଥାବଳୀରେ କୁହାଯାଇଛି ଯେ ରାଷ୍ଟ୍ରପତିଙ୍କ ସୁପାରିଶ ବ୍ୟତୀତ ସଂସଦର ଉଭୟ ଗୃହରେ ଏହି ଉଦ୍ଦେଶ୍ୟରେ କୌଣସି ବିଲ୍ ଆଗତ କରାଯିବ ନାହିଁ ଏବଂ ଯଦି ବିଲ୍‌ରେ ଥିବା ପ୍ରସ୍ତାବ କୌଣସି ରାଜ୍ୟର କ୍ଷେତ୍ର, ସୀମା କିମ୍ବା ନାମକୁ ପ୍ରଭାବିତ କରେ, ତେବେ ରାଷ୍ଟ୍ରପତି ବିଲ୍‌ଟିକୁ ସନ୍ଦର୍ଭରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କିମ୍ବା ରାଷ୍ଟ୍ରପତି ଅନୁମତି ଦେଇପାରିବେ ଏପରି ଅଧିକ ସମୟ ମଧ୍ୟରେ ମତାମତ ପ୍ରକାଶ କରିବା ପାଇଁ ସେହି ରାଜ୍ୟର ବିଧାନସଭାକୁ ପଠାଯାଇନଥାଏ ଏବଂ ଏପରି ନିର୍ଦ୍ଦିଷ୍ଟ କିମ୍ବା ଅନୁମତିପ୍ରାପ୍ତ ସମୟ ସମାପ୍ତ ହୋଇଯାଇଥାଏ ।

### ପାଚେରୀ ପଡ଼ି ଦୁଇ ...

ଭୋଇସାହିରେ ଡ୍ରେନ୍‌ନିର୍ମାଣ କାମ ଚାଲିଥିଲା । ଏହି କାମରେ ଭୁବନେଶ୍ୱରର ତାରିଣୀ ବସ୍ତି ବାସିନ୍ଦା କିଛି ଶ୍ରମିକ କାମ କରୁଥିଲେ । ସନ୍ଧ୍ୟା ସମୟରେ ନିର୍ମାଣ ଚାଲିଥିଲା ବେଳେ ମାଟି ଅତଡ଼ା ଧସିପଡ଼ିବାରୁ ଘଟଣାସ୍ଥଳରେ ୨ଜଣ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ୨ଜଣ ଗୁରୁତର ମହିଳାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖାଯାଇଥିବା ବେଳେ ପୁଲିସ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି ।

### ଆମ ବସ୍‌ର ହାଲ୍ ...

ହୋଇନଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡିଛି । ବସ୍ ଚଳାଚଳ ପାଇଁ ବର୍ତ୍ତମାନ ସୁଦ୍ଧା ରାଜ୍ୟର ସରକାର କ୍ରୁଟ୍‌କୁ ୧୧୧୯କୋଟି ୪୭ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

### ମାର୍ଚ୍ଚ ୩୧ ସୁଦ୍ଧା ସବୁ ...

ସୁଦ୍ଧା ସବୁ ଧାନ କିଣିବେ ସରକାର । କୁଇଣ୍ଟାଲ ପିଛା ୩୧ ଶହ ଟଙ୍କାରେ କିଣିବାକୁ ସରକାର ନିର୍ବାଚନ ପ୍ରତିଶୃତି ଦେଇଥିଲେ, ସେହି ହିସାବରେ ସରକାର ଧାନ କିଣୁଛନ୍ତି ବୋଲି ମଙ୍ଗଳବାର ବିଧାନସଭାରେ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି ।

### ଖୁବଶୀଘ୍ର ରତ୍ନଭଣ୍ଡାର ...

ଜଣେ ରହିବେ । ପ୍ରତ୍ୟେକ ପ୍ରକ୍ରିୟାର ଭିଡୋଗ୍ରାଫି କରାଯିବ । ୧୦ ଜଣ ରହିବେ ଗଣତି ମଣତି କାର୍ଯ୍ୟରେ । ୧୯୭୮ ମସିହାରେ ଯେଉଁ ୭୨ ଦିନ ଗଣତି ମଣତି ହୋଇଥିଲା । ୧୯୮୨ ଓ ୮୫ କିଛି ଅଳଙ୍କାର ମହାପ୍ରଭୁଙ୍କ କାର୍ଯ୍ୟ ପାଇଁ ବାହାରିଥିଲା । ଚଳନ୍ତି ରତ୍ନଭଣ୍ଡାରର ପ୍ରଥମେ ଗଣତି ମଣତି କରାଯିବ । ପରେ ବାହାର ରତ୍ନଭଣ୍ଡାର ଗଣତି ମଣତି କରାଯିବ । ଶେଷରେ ଭିତର ରତ୍ନଭଣ୍ଡାର ଗଣତି ମଣତି କରାଯିବ । ସମସ୍ତ ଅଳଙ୍କାର ର ନାମକରଣ କରାଯିବ । ବିଭିନ୍ନ ଅଳଙ୍କାର ବିଭିନ୍ନ ସିନ୍ଦୁକରେ ରଖିବା ପାଇଁ ନିଷ୍ପତ୍ତି ହୋଇଛି । ଗଣତି ମଣତି ସମୟରେ ବାହାରକାଠ ନିକଟରୁ ଦର୍ଶନ ହେବ । ପାଳିଆ ସେବକ କେବଳ ନୀତି କାନ୍ତି ପାଇଁ ଯାଇପାରିବେ । ଆସନ୍ତା ସପ୍ତାହରେ ପରିଚାଳନା କମିଟି ବୈଠକ ବସିବ । ବୈଠକରେ ଅନୁମୋଦନ ହେବା ପରେ ରତ୍ନ ଅଳଙ୍କାର ଗଣତି ମଣତି ହେବ ବୋଲି ସୂଚନା ମିଳିଛି । ରତ୍ନଭଣ୍ଡାର ଗଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆସନ୍ତା ମାର୍ଚ୍ଚ ମାସରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପ୍ରାୟ ୧୩୫ ଦିନର କ୍ୟାଲେଣ୍ଡରକୁ ଅନୁଧ୍ୟାନ କରିଛନ୍ତି । ସେଥିରୁ ପ୍ରାୟ ୧୦୦ ଦିନ ବିଭିନ୍ନ ପର୍ବପର୍ବାଣୀ, ରଥଯାତ୍ରା ଭଳି ବଡ଼ ନୀତିକାନ୍ତି ଓ ଶନିବାର-ରବିବାର ପଡୁଥିବାରୁ ଭକ୍ତଙ୍କ ପ୍ରବଳ ଭିଡ଼ ରହିବ, ଯେଉଁଥିପାଇଁ ଏସବୁ ଦିନଗୁଡ଼ିକ ମଣତିଗଣତି ପାଇଁ ଅନୁପଯୁକ୍ତ । ତେଣୁ ନୀଳାଦ୍ରି ବିଜେ ପୂର୍ବରୁ ମାତ୍ର ୨୪ ଦିନକୁ ଚିହ୍ନଟ କରାଯାଇଛି, ଯେଉଁ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି କିମ୍ବା ଶ୍ରଦ୍ଧାଳୁଙ୍କ ଦର୍ଶନରେ କୌଣସି ବାଧା ସୃଷ୍ଟି ନକରି ଗଣତି କାର୍ଯ୍ୟ କରାଯାଇପାରିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ, ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରତିଶ୍ରୁତି ମୁତାବକ ପ୍ରାୟ ୪୬ ବର୍ଷ ପରେ ୨୦୨୪ ଜୁଲାଇ ୧୪ତାରିଖରେ ରତ୍ନଭଣ୍ଡାର ଖୋଲାଯାଇଥିଲା । ରତ୍ନଭଣ୍ଡାର ଭିତରେ ଥିବା ସମସ୍ତ ସୁନା ଓ ରୁପା ଅଳଙ୍କାରକୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇ ମନ୍ଦିର ପରିସରରେ ଥିବା ଏକ ଅସ୍ଥାୟୀ 'ଷ୍ଟ୍ରଙ୍ଗ ରୁମ'କୁ ସ୍ଥାନାନ୍ତର କରାଯିବା ସହ ରତ୍ନଭଣ୍ଡାର କୋଠରୀର କାନ୍ଥ ଓ ଛାତର ସ୍ଥିତି ଯାଞ୍ଚ କରି ଆବଶ୍ୟକ ମରାମତି କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି ।

## ଆଜିର ଇତିହାସ

- ୧୯୬୨-ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ବିଜୟୀ ହୋଇଥିଲା।
- ୧୯୮୮-ଦେଶର ପ୍ରଥମ ମିଶାଇଲ୍ ପୃଥ୍ୱୀର ସଫଳ ପରୀକ୍ଷଣ ହୋଇଥିଲା।
- ୨୦୦୦-ଭାରତ ସହିତ ରୁଷର ସଂସଦ ଡ୍ୟୁମାର ଦ୍ୱିପାକ୍ଷୀୟ ପ୍ରତ୍ୟର୍ପଣ ସନ୍ଧିର ଅନୁମୋଦନ।
- ୨୦୦୬-ଦୀପା ମେହେତାଙ୍କ ଫିଲ୍ମ 'ୱାଟର'କୁ ଗୋଲ୍ଡେନ୍ କିନ୍ନାରୀ ପୁରସ୍କାର ମିଳିଥିଲା।
- ୧୯୮୧-ଅଭିନେତା ସାହିଦ୍ କପୁରଙ୍କ ଜନ୍ମଦିନ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଦିନଟି ଶାନ୍ତିରେ ରହିବ। କୌଣସି କାମ ପାଇଁ ବାହାରକୁ ଯିବାକୁ ପଡ଼ିପାରେ। ନୂଆ କାମ ଆରମ୍ଭ କରିପାରନ୍ତି। ବ୍ୟାପାରରେ ଲାଭ ପାଇବେ। ଆର୍ଥିକ ସ୍ଥିତି ମଜଭୁତ ରହିବ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବେ।

**ବୃଷ** - ଆଜି ନୂଆ କାମ ଆରମ୍ଭ କରିବା ଶୁଭ। ବ୍ୟାପାରରେ ଭାଗୀଦାରୀ କରିଲେ ଲାଭ ମିଳିବ। ମାନ-ସମ୍ମାନ ବୃଦ୍ଧି ହେବ। କୌଣସି ବିଶେଷ କାମରେ ବାହାରକୁ ଯିବାକୁ ପଡ଼ିପାରେ।

**ମିଥୁନ** - କୌଣସି ବିପତ୍ତିରେ ଫସିଯାଇ ପାରନ୍ତି। ବ୍ୟର୍ଥ ବାଦବିବାଦରେ ନ ଫସିଲେ ଭଲ। ବ୍ୟାପାରରେ ନୂଆ କାମ ଆରମ୍ଭ କରନ୍ତୁ ନାହିଁ। ଆର୍ଥିକ ସ୍ତରରେ ରିସ୍କ ନନେଲେ ଭଲ।

**କର୍କଟ** - ନିଜ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। ଖାଦ୍ୟପେୟ ଉପରେ ନିୟନ୍ତ୍ରଣ ରହିବ। ବ୍ୟର୍ଥ ବିବାଦରୁ ଦୂରରେ ରୁହନ୍ତୁ। ପୈତୃକ ସମ୍ପତ୍ତି ପାଇଁ ବିବାଦ ହୋଇପାରେ। ଚିନ୍ତା କରି ନୂଆ କାମ କରନ୍ତୁ।

**ସିଂହ** - ପୁରୁଣା କାମ ପୂରା ହେବ। ମନ ପ୍ରସନ୍ନ ରହିବ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ପାଇବେ। ପ୍ରଶାସନିକ କ୍ଷେତ୍ରରେ ପ୍ରମୋସନ ଯୋଗ ରହିଛି। ପତ୍ନୀଙ୍କ ସହଯୋଗ ପାଇବେ। ପୁରୁଣା ମିତ୍ରଙ୍କ ସହିତ ସାକ୍ଷାତ ହେବ।

**କନ୍ୟା** - ସ୍ୱାସ୍ଥ୍ୟ ଠିକ୍ ରହିବ। ମନ ପ୍ରସନ୍ନ ରହିବ। ଆର୍ଥିକ ସ୍ଥିତିରେ ସୁଧାର ସମ୍ଭବ। ବ୍ୟାପାର-ବ୍ୟବସାୟରେ ନୂଆ କାମ ଆରମ୍ଭ କରିପାରନ୍ତି। ଲାଭର ଯୋଗ ରହିଛି। ପରିବାରର ସହଯୋଗ ପାଇବେ।

**ତୁଳା** - ସ୍ୱାସ୍ଥ୍ୟକୁ ନେଇ ବିଶେଷ ଧ୍ୟାନ ରଖିବେ। ଖାଦ୍ୟପେୟ ଉପରେ କାବୁ ରଖିବେ। ବାହାରକୁ ନଗଲେ ଭଲ। ଅଧିକ ଟଙ୍କା ଋଣ କରନ୍ତୁ ନାହିଁ। ବ୍ୟାପାରରେ ପୁରୁଣା ସହଯୋଗୀ ପାଇଁ କ୍ଷତି ସହିବେ।

**ବିଚ୍ଛା** - ସ୍ୱାସ୍ଥ୍ୟ ହାନି ଯୋଗ ରହିଛି। କାମର ଅଧିକତା ପାଇଁ ମାନସିକ ଚାପ ରହିବ। କ୍ଳାନ୍ତ ହୋଇଯିବେ। ଲମ୍ବା ଯାତ୍ରା ଯୋଗ ରହିଛି। କୌଣସି ବିବାଦରେ ଫସିପାରନ୍ତି। ମତଭେଦ ସମ୍ଭବ।

**ଧନୁ** - କୌଣସି ଧାର୍ମିକ ଯାତ୍ରାରେ ଯାଇପାରନ୍ତି। ମନ ପ୍ରସନ୍ନ ରହିବ। ଘରେ ମାଙ୍ଗଳିକ କାମ ହୋଇପାରେ। ଅଧ୍ୟାତ୍ମ ଆଡ଼କୁ ରୁଚି ରହିବ। ସ୍ୱାସ୍ଥ୍ୟରେ ଉତ୍ଥାନ-ପତନ ବଜାୟ ରହିବ।

**ମକର** - କେଉଁଠିକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ଆଜି ଠିକ୍ ରହିବେ। ପରିବାରରେ ପ୍ରେମର ପରିବେଶ ରହିବ। ପରିବାର ଲୋକଙ୍କ ପାଇଁ ନୂଆ କାମ କିଛି କରିବେ। ବ୍ୟାପାରରେ ନୂଆ କାମ ଆରମ୍ଭ କରିପାରନ୍ତି।

**କୁମ୍ଭ** - ସ୍ୱାସ୍ଥ୍ୟ ଦୃଷ୍ଟିରୁ ଚିନ୍ତିତ ରହିବେ। ମନ ଅଶାନ୍ତ ରହିବ। ପରିବାରରେ କୌଣସି ବ୍ୟକ୍ତିଙ୍କ ସହିତ ମନୋମାଳିନ୍ୟ ହୋଇପାରେ। ବାଦବିବାଦରେ ନ ଫସିଲେ ଭଲ। ଅପମାନର ସମ୍ମୁଖୀନ ହୋଇପାରନ୍ତି।

**ମୀନ** - ବାହନ ଆଦି ଉପଯୋଗରେ ସାବଧାନ ରୁହନ୍ତୁ। ବାଦ ବିବାଦ ଠାରୁ ଦୂରରେ ରହିବେ। ପରିବାର ଓ ସମାଜରେ କୌଣସି ବିଶେଷ ବ୍ୟକ୍ତିଙ୍କ ସହିତ ବିବାଦର ସ୍ଥିତି ଉପୁଜିପାରେ। ମାଙ୍ଗଳିକ କାମର ଯୋଗ ରହିଛି।

---

ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍କ୍ରାମତୀଶ୍ୱରଃ।
ଗୃହୀତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍। (୧୫/୮)



ଯେପରି ପ୍ରବାହିତ ବାୟୁ ପୁଷ୍ପର ଗନ୍ଧକୁ ଆକର୍ଷଣ କରି ସାଙ୍ଗରେ ନେଇଯାଏ, ସେପରି ଜୀବାତ୍ମା ଗୋଟିଏ ଶରୀର ଛାଡି ଆଉ ଗୋଟିଏ ଶରୀର ପାଇବାବେଳେ ମନ ଓ ପଞ୍ଚଇନ୍ଦ୍ରିୟକୁ ସାଙ୍ଗରେ ନେଇ ଯାଇଥାନ୍ତି। ଜୀବାତ୍ମା ସ୍ଥୂଳ ଶରୀର ତ୍ୟାଗ କରିବାରୁ ତାହା ନଷ୍ଟ ହେଇଯାଏ କିନ୍ତୁ ସୂକ୍ଷ୍ମ ଶରୀର ବା ଲିଙ୍ଗ ଶରୀରଟି ଜୀବାତ୍ମାଙ୍କ ସହିତ ରହିଥାଏ। ସେହି ଲିଙ୍ଗ ଶରୀରରେ ହିଁ ପୂର୍ବ ଶରୀରକୃତ ପାପ ପୁଣ୍ୟର ଫଳ ଭୋଗ କରନ୍ତି। ଏହି ସମସ୍ତ ଫଳ ଭୋଗର ସମାପ୍ତ ଘଟିବା ଯାଏ ଜୀବାତ୍ମା ବିଭିନ୍ନ ଯୋନିରେ ଜନ୍ମଗ୍ରହଣ କରେ। ମୋହମୁଦ୍ଗରରେ ଆଦି ଶଙ୍କରାଚାର୍ଯ୍ୟ ଗାଇଛନ୍ତି - 'ପୁନରପି ଜନନଂ ପୁନରପି ମରଣଂ ପୁନରପି ଜନନୀ ଜଠରେ ଶୟନମ୍।'

# ଅମରନାଥ ଗୁମ୍ଫାର ଇତିହାସ



ଅମରନାଥ ଗୁମ୍ଫା ଭଗବାନ ଶିବଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରୁ ଅନ୍ୟତମ। ସେଠାରେ ପ୍ରକୃତିକ ଶିବଲିଙ୍ଗ ନିର୍ମାଣ ହୋଇଥିବାରୁ ତାଙ୍କୁ ସ୍ୱୟଂମ୍ଭୁ ହିମାନୀ ଶିବଲିଙ୍ଗ ଓ ବାବା ବର୍ଫାନୀ ବୋଲି ମଧ୍ୟ କୁହାଯାଏ। ହିମବିନ୍ଦୁ ପଡି ସେଠାରେ ଦଶ ଫୁଟ୍ ଲମ୍ବାର ଯେଉଁ ଶିବଲିଙ୍ଗ ତିଆରି ହୋଇଥାନ୍ତି ତାଙ୍କୁ 'ଅମରେଶ୍ୱର'ବୋଲି ମଧ୍ୟ କୁହାଯାଏ। ଗୁମ୍ଫାର ପରିଧି ପାଖାପାଖି ୧୫୦ ଫୁଟ୍ ଓ ସେଠାରେ ଉପରୁ ବରଫ ପାଣିର ବୁନ୍ଦା ସ୍ଥାନେ ସ୍ଥାନେ ପଡୁଥାଏ। ଏହାର କେନ୍ଦ୍ରରେ ହିମବିନ୍ଦୁରେ ଦଶ ଫୁଟ୍ ଲମ୍ବାର ଶିବଲିଙ୍ଗ ତିଆରି ହେବାର ଦେଖିବାକୁ ମିଳେ। ଆଶ୍ଚର୍ଯ୍ୟର କଥା ଏହା ଯେ ଶିବଲିଙ୍ଗ ଶକ୍ତ ବରଫରେ ତିଆରି ହୋଇଥାନ୍ତି। ଅନ୍ୟ ସ୍ଥାନରେ ପଡୁଥିବା ହିମବିନ୍ଦୁ ହାଲୁକା ବରଫରେ ପରିଣତ ହୋଇଥିବାରୁ ହାତ ମାରିଲେ ଭାଙ୍ଗିଯାନ୍ତି। ମୂଳ ଅମରନାଥ ଶିବଲିଙ୍ଗରୁ କିଛି ଫୁଟ୍ ଦୂରରେ ଗଣେଶ, ଭୈରବ ଓ ପାର୍ବତୀଙ୍କର ସେହିପରି ଭିନ୍ନ ଭିନ୍ନ ହିମଖଣ୍ଡର ଆକୃତି ତିଆରି ହୋଇଥାଏ। ଗୁମ୍ଫାର କେନ୍ଦ୍ରରେ ବରଫର ଏକ ଖଣ୍ଡ ତିଆରି ହୋଇଥାଏ, ଯାହା ଅଳ୍ପ ଅଳ୍ପ ହୋଇ ପନ୍ଦର ଦିନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବୃଦ୍ଧି ପାଇ ଦୁଇ ଗଜରୁ ଅଧିକ ଉଚ୍ଚ ହୋଇଯାଏ। ଶ୍ରାବଣ ପୂର୍ଣ୍ଣିମାରେ ଶିବଲିଙ୍ଗ ପୂରା ଆକାର ପ୍ରାପ୍ତ କରିଥିବାର ଦେଖାଯାନ୍ତି ଓ ଅମାବାସ୍ୟା ପର୍ଯ୍ୟନ୍ତ ଧୀରେ ଧୀରେ ଛୋଟ ହୋଇଯାନ୍ତି। ଚନ୍ଦ୍ରର ସମ୍ବନ୍ଧ ଶିବଲିଙ୍ଗଙ୍କ ସହିତ ରହିଛି ବୋଲି ମାନ୍ୟତା ରହିଛି। ଅମରନାଥ ଗୁମ୍ଫା ପରି ଅନେକ ଗୁମ୍ଫା ସେଠାରେ ଅଛି। ଅମରାବତୀ ନଦୀ ପାଖରେ ଆଗକୁ ଗଲେ ଅନେକ ଛୋଟ ଛୋଟ ଗୁମ୍ଫା ଦେଖିବାକୁ ମିଳେ। ସେ ସମସ୍ତ ଗୁମ୍ଫା ବରଫରେ ଘୋଡେଇ ହୋଇ ରହିଥାଏ। ସେଠାରେ ହିମବିନ୍ଦୁ ପଡିଲେ ମଧ୍ୟ ଶିବଲିଙ୍ଗ ତିଆରି ହୋଇନଥାଏ।

**ପୌରାଣିକ ଇତିହାସ-** କାଶ୍ମୀରର ଘାଟିରେ ରାଜା ବଂଶ, ଋଷି କଶ୍ୟପ ଓ ତାଙ୍କ ପୁତ୍ରମାନଙ୍କର ନିବାସ ସ୍ଥାନ ଥିଲା। ପୌରାଣିକ କଥା ଅନୁସାରେ ଥରେ କାଶ୍ମୀର ଘାଟି ଜଳମଗ୍ନ ହୋଇ ବଡ ହ୍ରଦର ଆକାର ନେଇଥିଲା। ସେତେବେଳେ ଋଷି କଶ୍ୟପ ଏହି ଜଳକୁ ଅନେକ ନଦୀ ଓ ଛୋଟ ଛୋଟ ଜଳସ୍ରୋତ ଦ୍ୱାରା ପ୍ରବାହିତ କରିଦେଇଥିଲେ। ସେ ସମୟରେ ଭୃଗୁ ଋଷି ପବିତ୍ର ହିମାଳୟ ପର୍ବତର ଯାତ୍ରା ସମୟରେ ସେ ବାଟ ଦେଇ ଯାଉଥିଲେ। ତେବେ ଜଳସ୍ତର କମ୍ ହେବା ପରେ ହିମାଳୟ ପର୍ବତରେ ପ୍ରଥମେ ଭୃଗୁ ଋଷି ଅମରନାଥର ପବିତ୍ର ଗୁମ୍ଫା ଓ ବରଫର ଶିବଲିଙ୍ଗକୁ ଦେଖିଥିଲେ। ମାନ୍ୟତା ଅନୁସାରେ ସେବେଠାରୁ ଏହି ସ୍ଥାନ ଶିବ ଆରାଧନା ଓ ଯାତ୍ରାର ପ୍ରମୁଖ ଦେବସ୍ଥାନ ହୋଇଗଲା, କାରଣ ସେଠାରେ ଭଗବାନ ଶିବ ତପସ୍ୟା କରିଥିଲେ।

# ଇତିହାସ ରଚିଲା ଫିଲ୍ମ 'ବୁଙ୍ଗ୍'




ବାଫ୍ଟା (ବ୍ରିଟିଶ ଏକାଡେମୀ ଅଫ୍ ଫିଲ୍ମ ଆଣ୍ଡ୍ ଟେଲିଭିଜନ ଆର୍ଟସ୍) ଆୱାର୍ଡସ୍ ୨୦୨୬ରେ ମଣିପୁରୀ ଫିଲ୍ମ 'ବୁଙ୍ଗ୍' ଇତିହାସ ରଚିଛି। ବେଷ୍ଟ ଚିଲ୍ଡ୍ରେନ୍ ଆଣ୍ଡ ଫ୍ୟାମିଲୀ ଫିଲ୍ମ କ୍ୟାଟାଗୋରୀରେ ପୁରସ୍କାର ପ୍ରାପ୍ତ କରିଥିବା ଏହା ହେଉଛି ପ୍ରଥମ ଫିଲ୍ମ। ଏହି ମଣିପୁରୀ ଫିଲ୍ମର ପ୍ରଡ୍ୟୁସର୍ସଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ଫାର୍‌ହାନ ଅଖତର। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିଲେ ଲକ୍ଷ୍ମୀପ୍ରିୟା। 'ବୁଙ୍ଗ୍' ବିପକ୍ଷରେ ଏହି କ୍ୟାଟାଗୋରୀରେ ଫ୍ରେଞ୍ଚ ଆନିମେଟେଡ୍ ସାଇନ୍ସ ଫିକ୍ସନ୍ ଫିଲ୍ମ ଆର୍କୋ, ହଲିଉଡ୍‌ର ଲାଇଭ୍-ଆକ୍ସନ୍ ଆନିମେଟେଡ୍ କମେଡି ଲିଲୋ ଆଣ୍ଡ୍ ଷ୍ଟିଚ୍, ହଲିଉଡ୍ ଆନିମେଟେଡ୍ କମେଡି 'ଜୁଟୋପିଆ-୨' ନୋମିନେଟେଡ୍ ହୋଇଥିଲେ। ତେବେ 'ବୁଙ୍ଗ୍' ବାଫ୍ଟାରେ ପୁରସ୍କୃତ ହେବା ଏକ ବହୁତ ବଡ଼ ଉପଲବ୍ଧି ଖାସ୍ କରି ନର୍ଥ-ଇଷ୍ଟ ଫିଲ୍ମଗୁଡ଼ିକ ପାଇଁ। ତେବେ ଏହି ପୁରସ୍କାର ପ୍ରଦାନ ଉତ୍ସବ ସମୟରେ ସେଠାରେ ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦେବୀଙ୍କ ବ୍ୟତୀତ ଫାର୍‌ହାନ ଅଖତର, ଶିବାନୀ ଦାଣ୍ଡେକର ମଧ୍ୟ ଉପସ୍ଥିତ ଥିଲେ। ପୁରସ୍କାର ଜିତିବା ପରେ ଲକ୍ଷ୍ମୀପ୍ରିୟା ଜୁରି ସଦସ୍ୟ ଓ ବାଫ୍ଟାକୁ ଧନ୍ୟବାଦ ଜଣାଇଛନ୍ତି।

**କାହାଣୀ-**ଫିଲ୍ମଟି ମଣିପୁରର ଏକ ଗ୍ରାମରେ ରହୁଥିବା ଏକ ଛୋଟ ଝିଅ ଉପରେ ଆଧାରିତ। ସେ ତା'ର ମା'ଙ୍କ ସହିତ ରହେ ଯିଏ ଏକାକୀ ତାକୁ ପାଳିପୋଷି ବଡ଼ କରିଥିଲେ। ତାଙ୍କ ପିତା ଜୟକୁମାର ରହସ୍ୟମୟ ଭାବରେ କେଉଁଆଡ଼େ ଚାଲିଯାଇଥିଲେ। ଜୟ ପୂର୍ବରୁ ସହର ବାହାରେ ଚାକିରି କରୁଥିଲେ କିନ୍ତୁ ଗାୟବ ହେବାର କୌଣସି ସୁରାଗ ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ଏପରି ସ୍ଥିତିରେ ପୁଅ ତା' ବାପାଙ୍କୁ ଖୋଜି ମା'ଙ୍କୁ ତାଙ୍କ ଜୀବନର ସବୁଠାରୁ ଦାମୀ ଉପହାର ଦେବାକୁ ଚାହିଁଛି। ଏହି ମିଶନରେ ପିଲାଟି ବାପାଙ୍କୁ ଖୋଜିବାକୁ ଯାଉଛି ତା' ସାଙ୍ଗ ସହିତ। ଏହି କାହାଣୀଟିକୁ ଦେଖିଲେ ଦର୍ଶକଙ୍କ ଆଖିରେ ଲୁହ ଆସିବ ନିଶ୍ଚୟ। ଫିଲ୍ମରେ ଛୋଟ ପିଲା (ବୁଙ୍ଗ୍) ଚରିତ୍ରରେ ନଜର ଆସୁଛନ୍ତି ଗୁଗୁନ କିପ୍‌ଗେଁ।

# ଏଆଇର ନାମକରଣ

ଇଣ୍ଡିଆ-ଏଆଇ ଇମ୍ପାକ୍ଟ ସମିଟ୍-୨୦୨୬ରେ ଦୁନିଆର ଦିଗଜ ଏଆଇ ବିଶେଷଜ୍ଞମାନେ ଗୋଟିଏ ମଞ୍ଚରେ ଏକତ୍ରିତ ହୋଇଥିଲେ। ସାମ୍ ଅଲ୍ଟମ୍ୟାନ, ଡେମିସ୍ ହାସାବିସ୍ ଓ ଡାରିଓ ଆମୋଡେଇ ପରି ବଡ଼ ବଡ଼ ନାମ ଏଥିରେ ସାମିଲ ହୋଇଥିଲେ। ଏହି ସମ୍ମିଳନୀରେ ଏଆଇର ଦ୍ରୁତ ପରିବର୍ତ୍ତନୀୟ ଟେକ୍‌ନିକି ପରିଦୃଶ୍ୟ, ସରକାରୀ ନୀତିଗୁଡ଼ିକର ଦିଶା, ଅର୍ଥବ୍ୟବସ୍ଥା ଉପରେ ଏହାର ପ୍ରଭାବ ଓ ଏହା ସହିତ ଜଡ଼ିତ ନୈତିକ ଦ୍ୱିବିଧାଗୁଡ଼ିକ ଉପରେ ବିସ୍ତାରରେ ଆଲୋଚନା ହୋଇଥିଲା। ଏହି ଚର୍ଚ୍ଚା ମଧ୍ୟରେ ଆସନ୍ତୁ ଜାଣିବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା ଏଆଇ ଶବ୍ଦର ଆରମ୍ଭ କେବେ ହେଇଥିଲା ଓ ଏହାକୁ ପ୍ରଥମେ କିଏ ବ୍ୟବହାର କରିଥିଲେ। ପ୍ରଥମେ ୧୯୫୬ରେ ଏଆଇ ନାମର ବ୍ୟବହାର କରାଯାଇଥିଲା। ଆମେରିକାର କମ୍ପ୍ୟୁଟର ବୈଜ୍ଞାନିକ ଜନ୍ ମ୍ୟାକାର୍ଥୀ ଏହି ନାମ ଦେବା ପାଇଁ ପ୍ରଥମେ ପ୍ରସ୍ତାବ ରଖିଥିଲେ। ସେ ସମୟରେ ସେ ଥିଲେ ଜଣେ ଯୁବ ଅଧ୍ୟୟନକାରୀ ଓ ମେସିନ୍‌ଗୁଡ଼ିକୁ ମଣିଷ ପରି ଚିନ୍ତା କରିବାର କ୍ଷମତା ଦେବା ଉପରେ ସେ କାମ କରୁଥିଲେ। ୧୯୫୬ରେ ଆମେରିକାର ଡାର୍ଟମାଉଥ୍ କଲେଜର ଏକ ଗ୍ରୀଷ୍ମକାଳୀନ ଅଧ୍ୟୟନର ଆୟୋଜନ କରାଯାଇ ସେଠାରେ ଡାର୍ଟମାଉଥ୍ କନ୍‌ଫରେନ୍ସରେ ଏହି ନାମ ଦିଆଯାଇଥିଲା। ଏହି ସମ୍ମିଳନୀର ପ୍ରସ୍ତାବ ପତ୍ରରେ ପ୍ରଥମ ଥର ଔପଚାରିକ ଭାବରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଶବ୍ଦକୁ ଲେଖାଯାଇଥିଲା। ଜନ୍ ମ୍ୟାକାର୍ଥୀ ଓ ତାଙ୍କ ସାଥୀମାନଙ୍କ ଅନୁସାରେ ଯଦି ମେସିନ୍‌ଗୁଡ଼ିକରୁ ଆମେମାନେ ଶିଖିପାରିବା, ତର୍କ କରିପାରିବା ଓ ସମସ୍ୟାଗୁଡ଼ିକର ସମାଧାନ କରିପାରିବା ତେବେ ଏହା ଏକ ପ୍ରକାରର କୃତ୍ରିମ ବୁଦ୍ଧିମତ୍ତା ଅଟେ। ଏଥିପାଇଁ ଆର୍ଟିଫିସିଆଲ୍ ଅର୍ଥାତ କୃତ୍ରିମ ଓ ଇଣ୍ଟେଲିଜେନ୍ସ ଅର୍ଥାତ ବୁଦ୍ଧିମତ୍ତାକୁ ମିଶାଇ ଏହି ନାମ ଦେଇଥିଲେ। ସେ ସମୟରେ କମ୍ପ୍ୟୁଟର ପ୍ରାରମ୍ଭିକ ଅବସ୍ଥାରେ ଥିଲା କିନ୍ତୁ ବୈଜ୍ଞାନିକମାନଙ୍କର ସ୍ୱପ୍ନ ଥିଲା ଯେ ଦିନେ ନା ଦିନେ ମେସିନ ଚେସ୍ ଖେଳିବ, ଭାଷା ବୁଝିପାରିବ ଓ ନିଜେ ନିଷ୍ପତ୍ତି ନେବ। ଏହାପରେ ଏଆଇ ଧୀରେ ଧୀରେ ବୈଜ୍ଞାନିକ ସମୁଦାୟରେ ଲୋକପ୍ରିୟ ହେବାକୁ ଲାଗିଲା। ୧୯୮୦ ଦଶକରେ କମ୍ପ୍ୟୁଟିଂ ପାୱାର ବୃଦ୍ଧି ପାଇବା ସହିତ ଏଆଇ ଉପରେ କାମ ଦ୍ରୁତତର ହେବାକୁ ଲାଗିଲା।



## ଏକ ନୂଆ ଟ୍ରେଣ୍ଡ୍

ଆଜିର ସମୟରେ ଆମେମାନେ ଏପରି ଦୁନିଆରେ ବଞ୍ଚୁଛନ୍ତି ଯେଉଁଠାରେ ସବୁ ପ୍ରକାରର ସୁବିଧା ରହିଛି। ଭୋକ ଲାଗିଲେ ମିନିଟ୍ ମଧ୍ୟରେ ଖାଦ୍ୟ ଅର୍ଡର କରିପାରୁଛନ୍ତି, ରାସନ ସାମଗ୍ରୀ ମଗେଇ ପାରୁଛନ୍ତି ଯେଉଁଗୁଡ଼ିକ ମାତ୍ର କିଛି ସମୟ ମଧ୍ୟରେ ଘରେ ଡେଲିଭରୀ ହୋଇଯାଉଛି। କେଉଁଆଡ଼େ ଯିବାକୁ ଯଦି ଚାହୁଁଛନ୍ତି ତେବେ ମାତ୍ର କେତେ ମିନିଟ୍ ମଧ୍ୟରେ କ୍ୟାବ୍ ଆସିଯାଉଛି। ବୋର୍ ଲାଗିଲେ ସୋସିଆଲ୍ ମିଡିଆରେ ଦେଖିବାକୁ ପାଉଛନ୍ତି ହଜାର ହଜାର ରିଲ୍ସ। କିନ୍ତୁ ଏତେ ସବୁ ସୁବିଧା ଥାଇ ମଧ୍ୟ ଆମେମାନେ ମାନସିକ ସ୍ତରରେ ଦୁର୍ବଳ କାହିଁକି ଅନୁଭବ କରୁଛନ୍ତି? ଏଥିରୁ ରକ୍ଷା ପାଇବା ପାଇଁ ଏକ ନୂଆ ଟ୍ରେଣ୍ଡ୍‌କୁ ଲୋକମାନେ ଆପଣାଉଛନ୍ତି ଯାହାକୁ କୁହାଯାଉଛି ଫ୍ରିକ୍ସନ୍ ମ୍ୟାକ୍ସିଂ।

**ଫ୍ରିକ୍ସନ୍ ମ୍ୟାକ୍ସିଂ-** ସହଜ ଶବ୍ଦରେ କହିବାକୁ ଗଲେ ଫ୍ରିକ୍ସନ୍‌ର ଅର୍ଥ ଅବରୋଧ ବା ରଗଡ଼ିହେବା। ଅର୍ଥାତ ନିଜର ଦୈନନ୍ଦିନ ଅଭ୍ୟାସଗୁଡ଼ିକରେ ଜାଣିଶୁଣି ଅଳ୍ପ ଅସୁବିଧା ବା ପରିଶ୍ରମକୁ ସାମିଲ କରିବା। ଏହାର ଲକ୍ଷ୍ୟ ଟେକ୍‌ନିକି ଓ ଆଧୁନିକ ସେବାଗୁଡ଼ିକ ଉପରେ ନିଜର ନିର୍ଭରତାକୁ କମ୍ କରିବା ଓ ନିଜକୁ ମାନସିକ ସ୍ତରରେ ଅଧିକ ଅନୁଶାସିତ କରିବା। ଦୁନିଆ ଏବେ ପ୍ରତି କାମକୁ ଦ୍ରୁତତର ଓ ସହଜ କରିବା ଦିଗରେ ବ୍ୟସ୍ତ ରହୁଥିବା ବେଳେ ଏଠାରେ ଫ୍ରିକ୍ସନ୍ ମ୍ୟାକ୍ସିଂ କରୁଥିବା ଲୋକ ଜାଣିଶୁଣି ନିଜର ଓ ନିଜ ଇଚ୍ଛାଗୁଡ଼ିକ ମଧ୍ୟରେ ଏକ ବାଧା ସୃଷ୍ଟି କରାଇ ଥାଆନ୍ତି। ଏହାକୁ ବୁଝିବା ପାଇଁ ଆମକୁ ଛୋଟ ଛୋଟ ଅଭ୍ୟାସ ଉପରେ ଦୃଷ୍ଟି ଦେବା ଆବଶ୍ୟକ।

**ଚାଲିବା-**ଘର ଠାରୁ ଗୋଟିଏ କି.ମି ବା ଦୁଇ କି.ମି ଦୂର ପାଇଁ ଅଟୋ ବା କ୍ୟାବ୍ ବୁକ୍ କରେଇବା ପରିବର୍ତ୍ତେ ଚାଲିଚାଲି ଯିବା।

**ଘରେ ରୋଷେଇ କରିବା-**କ୍ଳାନ୍ତ ଲାଗିଲେ ମଧ୍ୟ ବାହାରୁ ଖାଇବା ମଗେଇବା ପରିବର୍ତ୍ତେ ଘରେ ରୋଷେଇ କରି ଖାଦ୍ୟ ଖାଇବା।

**ଡିଜିଟାଲ୍ ଡିଟକ୍ସ-**କପଡ଼ା ଭାଙ୍ଗିବା ସମୟରେ ହେଉ ଅବା ଖାଇବା ସମୟରେ ହେଉ ଫୋନ୍‌ର ବ୍ୟବହାର କରିବା ଉଚିତ ନୁହେଁ। ଏହା ସହିତ ନିଜକୁ ବୋରିୟତ୍ ଅନୁଭବ କରେଇବା।

**ଶିଡ଼ିର ବ୍ୟବହାର-**ଲିଫ୍ଟ ଉପଲବ୍ଧ ଥିଲେ ମଧ୍ୟ ଜାଣିଶୁଣି ଶିଡ଼ି ଚଢ଼ିବା।



**ଲାଭ-**ଶୁଣିଲେ ଏହା ଅଜବ ଲାଗିପାରେ ଯେ ଜଣେ ନିଜ ଜୀବନକୁ ଏତେ ସମସ୍ୟା ଭିତର ଦେଇ କିପରି ଗତି କରାଇପାରେ କିନ୍ତୁ ଏହା ପଛରେ ମନୋବୈଜ୍ଞାନିକ ଓ ଶାରୀରିକ ଲାଭ ଲୁଚି ରହିଛି।

**ମାନସିକ ଅନୁଶାସନ-**ଜଣେ ଯେତେବେଳେ ସହଜ ରାସ୍ତା ଛାଡ଼ି କଷ୍ଟକର ରାସ୍ତାର ଚୟନ କରେ ଡୋପାମାଇନ୍ ସ୍ତରକୁ ନିୟନ୍ତ୍ରଣ କରିବା ଶିଖିଥାଏ। ଏହା ଇନ୍‌ଷ୍ଟାଣ୍ଟ ଗ୍ରାଟିଫିକେସନ୍‌ରୁ ରକ୍ଷା କରିବା ସହିତ ଧୈର୍ଯ୍ୟ ବୃଦ୍ଧି କରାଏ।

**ଶାରୀରିକ ଗତିବିଧି-** ଅଳ୍ପ ରାସ୍ତାକୁ ଚାଲିଚାଲି ଗଲେ ବା ନିଜ କାମକୁ ନିଜେ କଲେ ଶରୀରର କ୍ୟାଲୋରୀ ବର୍ଣ୍ଣ ହୁଏ ଓ ଜିମ୍‌କୁ ଯିବା ବିନା ଦିନସାରା ମଣିଷ ସକ୍ରିୟ ରହିଥାଏ।

**ସୃଜନଶୀଳତା ଓ ଫୋକସ୍-** ଫୋନ୍ ପରି ଡିଜିଟାଲ୍ ବାଧାଗୁଡ଼ିକୁ ହଟାଇଦେବା ପରେ ବ୍ୟକ୍ତି ବୋରିୟତ୍‌କୁ ସ୍ୱୀକାର କରେ ତେବେ ଯାଇ ମସ୍ତିଷ୍କ ନୂଆ ବିଷୟକୁ ଚିନ୍ତା କରିଥାଏ।

**ଆତ୍ମନିର୍ଭରତାର ଅନୁଭବ-**ନିଜେ ଖାଦ୍ୟ ତିଆରି କରିବା ବା ନିଜ କାମକୁ ନିଜେ କରିବା ଦ୍ୱାରା ଅନୁଭବ କରିପାରିବେ ଯେ ଆପଣମାନେ ଆପ୍‌ସ ଓ ଆଲଗୋରିଦମ୍‌ର ଗୁଲାମ ନୁହେଁ।

# ମନକୁ ଶାନ୍ତି ଦିଏ ଦେଶାୱରୀ ପାନ

ମୁହଁରେ ତାଜାପଣ ବା ସ୍ୱାଦ ପାଇଁ ଲୋକମାନେ ପାନ ଖାଆନ୍ତି। କିନ୍ତୁ ଏଥିରେ ରହିଛି ଅନେକ ପ୍ରକାରର ଔଷଧୀୟ ଗୁଣ ଯେଉଁଗୁଡ଼ିକ ଶରୀର ଓ ମନ ପାଇଁ ଲାଭକାରୀ ପ୍ରମାଣିତ ହୋଇଥାଏ। ଉତ୍ତରପ୍ରଦେଶର ମହୋବା ଜିଲ୍ଲାରେ ଉତ୍ପନ୍ନ କରାଯାଉଥିବା ଦେଶାୱରୀ ପାନ ଖାସ୍ ଭାବରେ ସ୍ୱାସ୍ଥ୍ୟବର୍ଦ୍ଧକ ଗୁଣ ପାଇଁ ବେଶ୍ ଜଣାଶୁଣା। ଦେଶାୱରୀ ପାନର ରହିଛି ପ୍ରାକୃତିକ ସୁଗନ୍ଧ, ଭିନ୍ନ ସ୍ୱାଦ ଓ ଖାସ୍ ଔଷଧୀୟ ବିଶେଷତା। ଦୀର୍ଘ ସମୟରୁ ସ୍ଥାନୀୟ ପରମ୍ପରା ଓ ଖାଦ୍ୟପେୟର ମୁଖ୍ୟ ଅଂଶବିଶେଷ ହୋଇ ରହିଥିବା



ମହୋବା ସ୍ଥାନକୁ ଏହି ପାନ ପାଇଁ ମିଳିଛି ଭିନ୍ନ ଖ୍ୟାତି। ମହୋବାର ମାଟି, ଜଳବାୟୁ ଓ ପାରମ୍ପରିକ ଚାଷପଦ୍ଧତି ଏହାକୁ ଅନ୍ୟ ପ୍ରକାରର ପାନଠାରୁ ଅଲଗା କରିଥାଏ। ଏହାର ପତ୍ରକୁ ଚୋବେଇଲେ ସହଜରେ ପାଟି ଭିତରେ ମିଶିଯିବା ସହିତ ହାଲୁକା ସୁଗନ୍ଧ ମଧ୍ୟ ଦିଏ। ଏଥିପାଇଁ ଏହି ପ୍ରକାରର ପାନ ଚାଷ ସେଠାରେ ଖୁବ୍ ହୁଏ ଓ ସ୍ଥାନୀୟ ଅର୍ଥବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ଆଧାର ବୋଲି ଏହାକୁ କୁହାଯାଏ। ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଦେଶାଭରୀ ପାନର ରହିଛି ଅନେକ ଲାଭ।

**ଲାଭ-** ଦେଶାୱରୀ ପାନ ପାଚନ ତନ୍ତ୍ରକୁ ମଜଭୁତ କରେ କାରଣ ଏହାର ପତ୍ରଗୁଡ଼ିକରେ ଥିବା ଆବଶ୍ୟକ ତେଲ ପାଚନ ଏଞ୍ଜାଇମ୍‌ଗୁଡ଼ିକୁ ସକ୍ରିୟ କରେ। ଖାଇବା ପରେ ଏହାକୁ ଚୋବେଇଲେ ଗ୍ୟାସ୍, ପେଟ ଫୁଲିବା, ଏସିଡିଟି, କୋଷ୍ଠକାଠିନ୍ୟ ଓ ଅପଚ ପରି ସମସ୍ୟାଗୁଡ଼ିକରୁ ମୁକ୍ତି ମିଳିଥାଏ। ପୋଷକ ତତ୍ତ୍ୱଗୁଡ଼ିକୁ ଖୁବ୍ ଭଲ ଭାବରେ ଅବଶୋଷଣ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଚାପ ହ୍ରାସ କରାଇ ମନକୁ ଶାନ୍ତ ରଖିବାରେ ଓ ନିଦ୍ରା ସମସ୍ୟାକୁ ସୁଧାରିବାରେ ସାହାଯ୍ୟ କରେ। ଆୟୁର୍ବେଦରେ ଏହାକୁ ଉର୍ଜା ଦେଉଥିବା ଓ ଶକ୍ତିବର୍ଦ୍ଧକ ଭାବରେ ଗ୍ରହଣ କରାଯାଇଛି। ଏହାର ଜୀବାଣୁରୋଧୀ ଗୁଣ ମୁହଁରେ ବ୍ୟାକ୍ଟେରିଆ କମ୍ କରେ, ମୁହଁକୁ ତାଜା ରଖେ ଓ ମାଢ଼ିର ସମସ୍ୟାରୁ ମୁକ୍ତ ରଖେ। ଏଥିରେ କ୍ୟାଲ୍‌ସିୟମ୍, ଆୟରନ୍ ଓ ଆଣ୍ଟିଅକ୍ସିଡେଣ୍ଟ ତତ୍ତ୍ୱ ରହିଛି ଯେଉଁଗୁଡ଼ିକ ରୋଗ ପ୍ରତିରୋଧକ କ୍ଷମତାକୁ ବୃଦ୍ଧି କରେ।

# 'ଟକ୍ସିକ୍'ର କରମାଡି

ଦକ୍ଷିଣର ସୁପରଷ୍ଟାର ଯଶ ଫିଲ୍ମ 'ଟକ୍ସିକ୍' ଜରିଆରେ ପୁଣି ଥରେ ବଡ଼ ପରଦାକୁ ଫେରୁଛନ୍ତି ଯାହାର କାଉଣ୍ଟଡାଉନ୍ ଆରମ୍ଭ ହୋଇସାରିଲାଣି। ଏହା ସତ ଯେ ଯେବେ ବି ଯଶଙ୍କ ଫିଲ୍ମ ଆସେ ଏକ ଅଲଗା ପ୍ରକାରର ପରିବେଶ ସୃଷ୍ଟି ହୋଇଯାଏ। ଏବେ ଏହିପରି ପରିବେଶ ଦେଖିବାକୁ ମିଳୁଛି ଦର୍ଶକ ମହଲରେ। ଫିଲ୍ମ 'ଟକ୍ସିକ୍' ରିଲିଜ ହେବାକୁ ଯାଉଛି ଓ ଏହାର ଟକ୍କର ହେବ ରଣବୀର ସିଂହଙ୍କ ଫିଲ୍ମ 'ଧୁରନ୍ଧର-୨' ସହିତ। ଏହି ଦୁଇଟି ସାରା ଫିଲ୍ମକୁ ନେଇ ଦର୍ଶକମାନଙ୍କ ମଧ୍ୟରେ ଜବରଦସ୍ତ ଉତ୍ସାହ ଦେଖିବାକୁ ମିଳୁଛି। 'ଟକ୍ସିକ୍'ରେ ଯଶଙ୍କ ଲୁକ୍ ଚର୍ଚ୍ଚାରେ ଥିବାବେଳେ ଫିଲ୍ମର ଟ୍ରେଲର୍‌କୁ ମଧ୍ୟ ଜାରି କରିଦିଆଯାଇଛି ଯାହାକୁ ଦେଖିବା ପରେ ଦର୍ଶକମାନଙ୍କ ଠାରୁ ମିଳିଛି ମିଶ୍ରିତ ପ୍ରତିକ୍ରିୟା। ଏହି ଫିଲ୍ମର ବାକି ଚରିତ୍ରମାନଙ୍କ ଲୁକ୍ ମଧ୍ୟ ସାମ୍ନାକୁ ଆସିଲାଣି ଯେଉଁମାନଙ୍କ ମଧ୍ୟରୁ ଅନ୍ୟତମ କରମାଡି ଚରିତ୍ର ଯେଉଁ ଚରିତ୍ରରେ ଅଭିନୟ କରୁଛନ୍ତି ଅଭିନେତା ସୁଦେବ ନାୟାର ଯାହାଙ୍କୁ ମିଳିଛି ପଜିଟିଭ ରେସ୍‌ପନ୍ସ। ସୁଦେବ କେବଳ ଦକ୍ଷିଣ ଭାରତୀୟ ଇଣ୍ଡଷ୍ଟ୍ରିରେ ନୁହେଁ ବଲିଉଡ୍ ଫିଲ୍ମଗୁଡ଼ିକରେ ମଧ୍ୟ ନଜର ଆସିସାରିଛନ୍ତି। ଏପରିକି ସୁଦେବଙ୍କ ଅଭିନୟର କ୍ୟାରିୟର୍ ଆରମ୍ଭ ହୋଇଥିଲା ବଲିଉଡ୍ ଫିଲ୍ମରୁ। ତେବେ ଫିଲ୍ମ 'ଟକ୍ସିକ୍'ରେ ସୁଦେବଙ୍କ ରେଟ୍ରୋ ଫ୍ଲେଭର୍‌ର ଅନ୍ଦାଜ ଖୁବ୍ ଆଗ୍ରେସିଭ୍ ନଜର ଆସୁଛି। ଏଥିରେ ସେ କ୍ୟାପ୍ ଲଗାଇ ହାତରେ ପିସ୍ତଲ ଧରି ନିଜ ଲକ୍ଷ୍ୟ ଉପରେ ନଜର ରଖିଛନ୍ତି। ଏହାକୁ ଦର୍ଶକମାନେ ବିପଦଜନକ ଲୁକ୍ ବୋଲି କହୁଛନ୍ତି। ତେବେ ଟ୍ରେଲର୍ ଯଦି ଏପରି ଫିଲ୍ମଟି କେଉଁପରି ହୋଇଥିବ ତାହା ଆପଣମାନେ ଦେଖିପାରିବେ ୧୯ ମାର୍ଚ୍ଚରେ। 'ଟକ୍ସିକ୍' ଓ 'ଧୁରନ୍ଧର-୨' ଏ ବର୍ଷର ବଲିଉଡ୍ ଓ ଦକ୍ଷିଣ ଭାରତର ସବୁଠାରୁ ବଡ଼ କ୍ଲାସ୍ ହେବାକୁ ଯାଉଛି। ୱର୍କଫ୍ରଣ୍ଟ ଦୃଷ୍ଟିରୁ ସୁଦେବଙ୍କ ଅଭିନୟର କ୍ୟାରିୟର୍ ଆରମ୍ଭ ହୋଇଥିଲା ୨୦୧୪ରେ ଫିଲ୍ମ 'ଗୁଲାବ ଗ୍ୟାଙ୍ଗ୍'ରୁ ଯେଉଁଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ମାଧୁରୀ ଦୀକ୍ଷିତ ଓ ଜୁହି ଚାୱ୍‌ଲା। ଏହାପରେ ଦକ୍ଷିଣ ଭାରତୀୟର ବଡ଼ ବଡ଼ ଫିଲ୍ମଗୁଡ଼ିକରେ ଓ ଇଣ୍ଡିଆଜ ମୋଷ୍ଟ ୱାଣ୍ଟେଡ୍ ଫିଲ୍ମର ମଧ୍ୟ ସେ ଅଂଶବିଶେଷ ଥିଲେ।



# ଅଦିନିଆ ବର୍ଷାରେ ପନିପରିବା ନଷ୍ଟ

**ନୟାହାଟ,୨୪।୨/ଏନ୍ଏନ୍ଏସ୍:** ନୟାହାଟ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଅଦିନିଆ ପ୍ରବଳ ବର୍ଷା ହେବା ଫଳରେ ନୟାହାଟ ଅଞ୍ଚଳର ୬ଟି ପଞ୍ଚାୟତରେ ବ୍ୟାପକ ପରିମାଣର ପନିପରିବା ନଷ୍ଟ ହୋଇଥିବା ଜଣାପଡ଼ିଛି। ନଷ୍ଟ ହୋଇଥିବା ପରିବା ମଧ୍ୟରେ ଫୁଲକୋବି, ବନ୍ଧାକୋବି, ପିଆଜ, ମୂଳା, କଲରା, ବିନ୍, ଟମାଟୋ ପ୍ରଭୃତି କଞ୍ଚାପରିବା। ପ୍ରବଳ ବର୍ଷା ହେବା ଫଳରେ ପନିପରିବା ନଷ୍ଟ ହେବା ସମ୍ପର୍କରେ ଜଳଧାରି ଗ୍ରାମର ଚାଷୀ ବାନମ୍ବର ବେହେରା ମୂରୁଡ଼ା ଗ୍ରାମର ଚାଷୀ ଅଜୟ ରାଉତ, ବାବୁ ରାଉତ, ଗଡ଼ନିପାଣିଆ ଗ୍ରାମର ବାବାଜି ରାୟ, ସମୀର ରାୟ ପ୍ରମୁଖ ଅଦିନିଆ ବର୍ଷା ସବୁ ବିଗାଡ଼ିଦେଲା, ଆମେ କ'ଣ ଖାଇ ବଞ୍ଚିବୁ କିଆରୀରେ ବର୍ଷା ଜଳରେ ପନିପରିବା ସବୁ ଭାସୁଛି ବୋଲି କହିଥିଲେ। ତୁରନ୍ତ ଏହି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ସମାଜସେବୀ ଅଭିମନ୍ୟୁ ସିଂହ, ପ୍ରଣୟ କୁମାର ସାହୁ, ମକରଧ୍ୱଜ ସ୍ୱାଇଁ ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ ସହ ଶୈଳବାଳା ଆନ୍ଦୋଳନରତ ଛାତ୍ରୀଙ୍କ ଆଲୋଚନା

# ଜମି ସମସ୍ୟାର ସମାଧାନ ପରେ ହେବ ବିଶ୍ୱବିଦ୍ୟାଳୟ ପ୍ରକ୍ରିୟା

**କଟକ,୨୪।୨/ଏନ୍ଏନ୍ଏସ୍:** ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ନେଇ ଆନ୍ଦୋଳନ ୩୩ଦିନରେ ପହଞ୍ଚିବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆନ୍ଦୋଳନରତ ଛାତ୍ରୀ, ପୁରାତନ ଛାତ୍ରୀ ସଂଘ ପ୍ରତିନିଧି, ବୁଦ୍ଧିଜୀବୀ ଓ ବିଜେପି ପ୍ରତିନିଧିଙ୍କ ସହ ଜିଲ୍ଲାପାଳଙ୍କ ମଧ୍ୟରେ ଏହି ପ୍ରସଙ୍ଗରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେ ଓ ବିଜେପି ପ୍ରତିନିଧି ଆଲୋଚନା ସଫଳ ହୋଇଥିବା କହିଛନ୍ତି। ଶୈଳବାଳା ମହିଳା ମହାବିଦ୍ୟାଳୟର ଜମି ସମସ୍ୟା ରହିଛି ଓ ଭିତ୍ତିଭୂମି ବିକାଶର ଆବଶ୍ୟକତା ରହିଛି। ଏହି ଦୁଇଟି ପ୍ରସଙ୍ଗରେ ପ୍ରଥମେ ପଦକ୍ଷେପ ନିଆଯିବ। ଭିତ୍ତିଭୂମି ବିକାଶ ପରେ ସରକାର ଏହାକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବା ନେଇ ନିଷ୍ପତ୍ତି ନେବେ ବୋଲି ଜିଲ୍ଲାପାଳ ଓ ବିଜେପି ପ୍ରତିନିଧି ଶ୍ରୀତମ ଦାସ କହିଛନ୍ତି। ଅପର ପକ୍ଷରେ ଆଲୋଚନାରେ ଅଂଶଗ୍ରହଣ କରିଥିବା ଛାତ୍ରୀ ଓ ପୁରାତନ ଛାତ୍ରୀ ସଂଘର ପ୍ରତିନିଧି ଆଲୋଚନା ଫଳପ୍ରଦ ହୋଇନାହିଁ ବୋଲି କହିଛନ୍ତି। ଆନ୍ଦୋଳନରତ ଛାତ୍ରୀମାନେ କହିଛନ୍ତି ଆଲୋଚନାରେ କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ସମୟଗଡ଼ାଇ ଆନ୍ଦୋଳନକୁ ଦୁର୍ବଳ କରିବା ପାଇଁ ଯୋଜନା କରୁଛି ବୋଲି ଛାତ୍ରୀ ଓ ପୁରାତନ ଛାତ୍ରୀସଂଘ ଅଭିଯୋଗ କରିବା ସହ ଆନ୍ଦୋଳନ ପୂର୍ବଭଳି ଜାରି ରହିବ ବୋଲି କହିଛନ୍ତି। ପ୍ରଶାସନର କହିବା ଅନୁସାରେ, ଶୈଳବାଳା ମହିଳା ମହାବିଦ୍ୟାଳୟର ଜମି ସରକାରଙ୍କ ନାଁରେ ରହିଛି। ତେଣୁ ସେହି ଜମି ମହାବିଦ୍ୟାଳୟ ନାଁରେ ନହେବା ପର୍ଯ୍ୟନ୍ତ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦେବା ସମ୍ଭବ ନୁହେଁ। ତେଣୁ ପ୍ରଶାସନ ପ୍ରଥମେ ସରକାରୀ ଖାତାରେ ଥିବା ଏହି ଜମିକୁ ଶୈଳବାଳା ମହାବିଦ୍ୟାଳୟ ଖାତାକୁ ଆଣିବା ପାଇଁ କାର୍ଯ୍ୟ ଆରମ୍ଭ କରିବେ ବୋଲି ପ୍ରଶାସନ କହିଛି।

# ସିଏମ୍ସିରେ ଦୁର୍ନୀତି ଅଭିଯୋଗ, କଂଗ୍ରେସର ଭିଜିଲାନ୍ସ ତଦନ୍ତ ଦାବି




**କଟକ,୨୪।୨/ଏନ୍ଏନ୍ଏସ୍:** କଟକ ନଗର ଜିଲ୍ଲା କଂଗ୍ରେସର ସଭାପତି ଗିରିବାଳା ବେହେରା ସିଏମ୍ସି ମେୟର ସୁବାସ ସିଂହଙ୍କ ବିରୁଦ୍ଧରେ ମହାଦୁର୍ନୀତିର ଅଭିଯୋଗ ଆଣିଛନ୍ତି। ମେୟରଙ୍କ ଦୁର୍ନୀତିର ଫାଇଲ ନେଇ କଟକ ନଗର ଜିଲ୍ଲା କଂଗ୍ରେସ ପକ୍ଷରୁ ଭିଜିଲାନ୍ସ ଅଫିସର ଦ୍ୱାରସ୍ଥ ହୋଇଥିଲେ। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ମେୟର ଏବଂ ସିଟି ଇଞ୍ଜିନିୟରଙ୍କୁ ଗିରଫ କରିବାକୁ କଟକ ନଗର ଜିଲ୍ଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। କେଉଁଠି କେତେ ଟଙ୍କାର ଦୁର୍ନୀତି ହୋଇଛି କଟକ ନଗର କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ସହ ତାହାର ଏକ ତାଲିକା ନେଇ କଟକ କଂଗ୍ରେସ ପକ୍ଷରୁ ଭିଜିଲାନ୍ସକୁ ଲିଖିତ ଆକାରରେ ପ୍ରଦାନ କରାଯାଇଛି। ମାନବ ସମ୍ବଳ ନିଯୁକ୍ତି ଟେଣ୍ଡରରେ ଅନିୟମିତତା, ମଶାତେଲ ବାଟମାରଣା, ସହରରେ ଆବର୍ଜନା ହଟେଇବା ପାଇଁ ଟେଣ୍ଡରରେ ଦୁର୍ନୀତି, ପଦବୀର ଅପବ୍ୟବହାର, କଟକ ମହାନଗର ନିଗମର ପବ୍ଲିକ ପାର୍କରେ ଜିମ୍ ଯନ୍ତ୍ରାଂଶ କିଣାରେ ଦୁର୍ନୀତି, ନିଜ ସମ୍ପର୍କୀୟଙ୍କୁ ଅନୁକମ୍ପା ଦେଖାଇ ଟେଣ୍ଡର ପ୍ରଦାନ, ୨୦୨୨ ମସିହା ବାଲିଯାତ୍ରାରେ ଗେଟ ଓ ଲେଜର ସୋରେ ଦୁର୍ନୀତି, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଦୁର୍ନୀତି ଓ ଦୋକାନ ଘର ବଣ୍ଟନରେ ହୋଇଥିବା ଦୁର୍ନୀତି ବିଷୟରେ ଅଭିଯୋଗ କରି କଟକ ନଗର କଂଗ୍ରେସ ପକ୍ଷରୁ ଭିଜିଲାନ୍ସକୁ ପ୍ରଦାନ କରାଯାଇଥିବା ତାଲିକାରେ ଏହା ଦର୍ଶାଯାଇଛି। ଏ ନେଇ କଟକ ନଗର (ଜିଲ୍ଲା) କଂଗ୍ରେସ ପକ୍ଷରୁ ଭିଜିଲାନ୍ସ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଟକ ନଗର (ଜିଲ୍ଲା) କଂଗ୍ରେସର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଫେରାର୍ କାରିଗର ଗିରଫ, ୫ କିଲୋ ରୁପା ଅଳଙ୍କାର ଜବତ



**କଟକ,୨୪।୨/ଏନ୍ଏନ୍ଏସ୍:** ଦୀର୍ଘ ଦିନ ହେବ କଟକର ବିଭିନ୍ନ ଅଳଙ୍କାର ଦୋକାନରୁ ଗହଣା ତିଆରି କରିବା ପାଇଁ ଖଣ୍ଡ ସୁନା ଓ ଚାନ୍ଦି ନେଇ ଫେରାର୍ ହୋଇଯାଇଥିବା ଜଣେ ବଙ୍ଗୀୟ କାରିଗରକୁ ଲାଲବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ପଶ୍ଚିମବଙ୍ଗ ପଶ୍ଚିମ ମେଦିନପୁର ଅନ୍ତର୍ଗତ ହରେକୃଷ୍ଣପୁରର ତାପସ ମାଇତି (୪୦)। ତା' ନିକଟରୁ ସାଢ଼େ ୪ କିଲୋ ରୁପାର ୧୪୭ଟି ବ୍ରେସ୍ଲେଟ ୫୫୦ଗ୍ରାମର ଅନ୍ୟାନ୍ୟ ରୁପା ଅଳଙ୍କାର ପୁଲିସ ଜବତ କରିଛି। ସୂଚନାଯୋଗ୍ୟ କାଜି ବଜାରର ଜଣେ ଗହଣା ବ୍ୟବସାୟୀ ରମେଶ କୁମାର ଦେଓଙ୍କଠାରୁ ତାପସ ଅଳଙ୍କାର ତିଆରି କରିବା ଲାଗି ୧ କିଲୋ ୮୮୭ ଗ୍ରାମ ସୁନାମୁଣ୍ଡା ଓ ୭୮୪ ଗ୍ରାମ ରୁପା ନେଇଥିଲେ। ଚୁକ୍ତି ମୁତାବକ ସେ ଗତ ୨୦୨୫ ମସିହା ଏପ୍ରିଲ ସୁଦ୍ଧା ଗହଣା ପ୍ରସ୍ତୁତ କରି ରମେଶଙ୍କୁ ଦେବା କଥା। ମାତ୍ର ବାରମ୍ବାର ଫୋନ କରିବା ସତ୍ତ୍ୱେ ତାପସ ଧରାଛୁଆଁ ଦେଉନଥିଲେ। ତାଙ୍କ ଘରକୁ ଯାଇ ଖୋଜିବାରୁ ସେଠାରେ ନ ପାଇବାରୁ ରମେଶ ଲାଲବାଗ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରି ଏକ ବିଶ୍ୱସ୍ତସୂତ୍ର ଆଧାରରେ ପଶ୍ଚିମବଙ୍ଗର ତମଲୁକ ଥାନା ଅଞ୍ଚଳରୁ ଗିରଫ କରିଥିଲା। ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଦୋଳ ଉତ୍ସବ ପ୍ରସ୍ତୁତି ବୈଠକ



**କଟକ,୨୪।୨/ଏନ୍ଏନ୍ଏସ୍:** କଟକ ମହାନଗର ୭୨ ଦିଗଭାଗ ଅନ୍ତର୍ଭୁକ୍ତ ଚାରି ଦିଗଭାଗର ଦୋଳ ମେଲଣ ଏବଂ କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ଦଶମୀ ନଦୀୟା ଦୋଳ ମେଲଣକୁ ସଫଳ କରିବାପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଡିସିପିଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ଅଧ୍ୟକ୍ଷତା କରିଥିଲେ। କଟକ ମହାନଗର ପୂଜା କମିଟି ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗ ଦେଇ ଐତିହାସିକ କଟକ ସହରରେ ଅନୁଷ୍ଠିତ ଦୋଳ ମେଲଣଗୁଡ଼ିକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କଟକ ମହାନଗର ଶାନ୍ତି କମିଟି ସଭାପତି ତଥା ୭୨ ସଂକୀର୍ତ୍ତନମଣ୍ଡଳୀର ସର୍ବାଧିକାରୀ ଦେବେନ୍ଦ୍ରନାଥ ସାହୁ ୪ ଦିଗଭାଗର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦୋଳ ମେଲଣ କାର୍ଯ୍ୟସୂଚୀ ଉପସ୍ଥାପନା କରିଥିଲେ। ସେହିଭଳି ଶାନ୍ତି କମିଟି ସମ୍ପାଦକ ତଥା କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସ ମଙ୍ଗଳାବାଗ ମଲ୍ଲସାହିଠାରେ ଅନୁଷ୍ଠିତ 'ଦଶମୀ ନଦୀୟା ଦୋଳ ମେଲଣ' ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ସମ୍ପାଦକ ପ୍ରଫୁଲ୍ଲକୁମାର ସାହୁ, ୨୫ ଦିଗଭାଗ ସର୍ବାଧିକାରୀ ସୁରେଶଚନ୍ଦ୍ର ସାହୁ,୨୨ ଦିଗଭାଗ ସର୍ବାଧିକାରୀ ସୁବାସଚନ୍ଦ୍ର ସାହୁ,୧୯ ଦିଗଭାଗ ସର୍ବାଧିକାରୀ ବୀରେନ୍ଦ୍ରକୁମାର ସାହୁ ଏବଂ ୧୬ ଦିଗଭାଗ ସର୍ବାଧିକାରୀ ପ୍ରଦୀପକୁମାର ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଓଡ଼ିଶୀ ଏବଂ ନଦୀୟା ସଂକୀର୍ତ୍ତନମଣ୍ଡଳୀର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ରାଉନ୍ସୁଗର୍ ଜବତ, ଜଣେ ଗିରଫ

**କଟକ,୨୪।୨/ଏନ୍ଏନ୍ଏସ୍:** ବ୍ରାଉନ୍ସୁଗର୍ ବିକ୍ରି ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ମଙ୍ଗଳବାର ସ୍ଥାନୀୟ ସତୀଚଉରା ଟ୍ରାଫିକ ଛକ ନିକଟରୁ ଜଣକୁ ଗିରଫ କରିଛି।



ଗିରଫ ଅଭିଯୁକ୍ତ ହେଲେ କଟକ ଜିଲ୍ଲା ମଧୁପାଟଣା ଅଞ୍ଚଳର ଲକ୍ଷ୍ମୀଧର ସାହୁ (୨୦)। ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୁଲିସ ୧୧୬ଗ୍ରାମ ବ୍ରାଉନ୍ସୁଗର୍ ଜବତ କରିଛି। ଜବତ ବ୍ରାଉନସୁଗର୍ର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହି ଚଢ଼ଉରେ ଅବକାରୀ ଏସ୍ଆଇ ଶେଖ ସାକିର ଉଲା ଏବଂ ଅମିତ ବିଶ୍ୱାଳ, ଏଏସ୍ଆଇ ଏଆର୍ ମଲ୍ଲିକ, ଏକେ ଖଟୁଆ ଓ କେ ଓରାମ ଓ କନ୍ଷ୍ଟେବଲ ଦିଲଜିତ ଦାସ, ସସ୍ମିତା ସାହୁ, ଜଗନ୍ନାଥ ସାହୁ, ସୁମିତ ନାୟକ, ରଞ୍ଜିତ ସାହୁ ପ୍ରମୁଖ ସାମିଲ ଥିଲେ। ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

# ଅସରନ୍ତି କର ଅଣୁଜୀବ ବିଜ୍ଞାନୀ ସଂଘ ସଭାପତି

**କଟକ,୨୪।୨/ଏନ୍ଏନ୍ଏସ୍:** ଏସ୍ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ନିଦାନ ବିଭାଗ ମୁଖ୍ୟ ପ୍ରଫେସର ଡାଃ. ଅସରନ୍ତି କର ସର୍ବଭାରତୀୟ ନିଦାନ ବିଶେଷଜ୍ଞ ଓ ଅଣୁବିଜ୍ଞାନୀ ସଂଘର ସଭାପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସଂଘର ଉପସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରି ସମ୍ମାନୀତ ହୋଇଛନ୍ତି। ପ୍ରଫେସର କର ଜଣେ ସୁବକ୍ତା, ନୃତ୍ୟଶିଳ୍ପୀ ଓ କଥାକାର ଭାବେ ବେଶ ପରିଚିତ। ଡାକ୍ତରୀ ପାଠ ଓ ନୃତ୍ୟ ପାଇଁ ୟୁଟ୍ୟୁବରେ ସେ ବେଶ ଚର୍ଚ୍ଚିତ। ଡା କର ପାରାଦୀପ ନିବାସୀ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଦାସଙ୍କ କନ୍ୟା ଏବଂ ଡାକ୍ତର ତୁଷାର କରଙ୍କ ପତ୍ନୀ। ଡା ଅସରନ୍ତି କର ଏହି ଗୁରୁ ଦାୟିତ୍ୱ ଗ୍ରହଣ କରିବା ପରେ ସ୍ୱାସ୍ଥ୍ୟ ଶିକ୍ଷା କ୍ଷେତ୍ରରେ ଅନେକ ନୂତନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ପ୍ରହସନ ପାଲଟିଛି ଗୁଟ୍କା, ସିଗାରେଟ୍ ଓ ନିକୋଟିନ ବ୍ୟାନ୍

# ଚଢ଼ଉ ପରେ କଳାବଜାରରେ କାରବାର

**କଣ୍ଟିଲୋ,୨୪।୨/ଏନ୍ଏନ୍ଏସ୍:** ଗୁଟଖା ପରି ମାରାତ୍ମକ ସାମଗ୍ରୀ ଓ ନିକୋଟିନକୁ ରାଜ୍ୟ ସରକାର ବ୍ୟାନ ଘୋଷଣା କରିବା ସହ ଏ ସବୁର ବିକ୍ରୀବଟା ବନ୍ଦ ନେଇ କଡାକଡି ଭାବେ ଆଇନ ପ୍ରଣୟନ କରିଛନ୍ତି ସତ। ହେଲେ ଦୋକାନ ବଜାରରେ ଖୁଲମ ଖୋଲା ଚଢ଼ା ଦରରେ ଏହା ବିକ୍ରି ହେଉଥିବା ଯୋଗୁଁ ରାଜ୍ୟ ସରକାର ବ୍ୟାନ୍ ହେଲା ବୋଲି ପ୍ରଣୟନ କରିଥିବା ଆଇନ କାର୍ଯ୍ୟକାରୀ ହେବ ନା ଏହା ପ୍ରହସନରେ ପରିଣତ ବୋଲି ସର୍ବସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅବଶ୍ୟ କିଛିଦିନ ତଳେ ଖଣ୍ଡପଡ଼ା ପୁଲିସ ଓ ସ୍ପେଶାଲ ଟାସ୍କ ଫୋର୍ସ ଟିମ୍କୁ ସଫଳତା ମିଳିଥିଲା। ସୂଚନା ଅନୁଯାୟୀ ଜଣାପଡିଛି ଯେ ,ଖଣ୍ଡପଡ଼ା ସହରର ବିଭିନ୍ନ ଦୋକାନ, ଖଳି ସାହି, କଣ୍ଟିଲୋ ଓ ଆଖପାଖ ଅଞ୍ଚଳରେ ଅଚାନକ ଚଢାଉ କରି ବିପୁଳ ପରିମାଣର ଗୁଟଖା, ଖଇନି ଆଦି ସବୁକିଛି ସାମଗ୍ରୀ ଜବତ କରିବା ସହ ବ୍ୟବସାୟୀମାନଙ୍କୁ କଡା ତାଗିଦ କରିଥିଲେ। ଏହି ଭୟରେ କିଛିଦିନ ଧରି ବଜାରରେ ଗୁଟ୍ଖା ଓ ସିଗାରେଟ ଉପଲବ୍ଧ ହେଉ ନଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମୁନାଫାଖୋର ବ୍ୟବସାୟୀମାନେ ଲୁଚା ଛପାରେ ଗୁଟଖା ଓ ସିଗାରେଟ ଚଢାଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ପୂର୍ବରୁ ବଜାରରେ ଯେ କୌଣସି ଗୁଟୁଖା ପ୍ୟାକେଟ ୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ତାହା ୮ରୁ ୧୦ ଟଙ୍କାରେ, ଗୋଟିଏ ସିଗାରେଟର ଦାମ ୮ଟଙ୍କା ଥିବାବେଳେ ଏବେ ୧୦ ଟଙ୍କାରେ କଳାବଜାରରେ କାରବାର ଚାଲିଥିବା ଅଭିଯୋଗ ହେଉଛି। ଏ ସଂପର୍କରେ ପ୍ରଶାସନ ଅବଗତ ଥିଲେ ହେଁ କଳାବଜାରୀଙ୍କ ପ୍ରତି ଦୃଷ୍ଟି ନ ଦେବା କୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅସାଧୁ ବ୍ୟବସାୟୀମାନେ ଗତ ୨ ମାସ ଧରି ଏଭଳି ମନଇଚ୍ଛା କାରବାର ରେ ଲିପ୍ତ ଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା କଟକଣାର କିଛି ମାନେ ନାହିଁ ଓ ଏ ଆଇନ ପ୍ରହସନ ବୋଲି ସାଧାରଣ ଜନତା ଅଭିଯୋଗ କରୁଛନ୍ତି। ଯଥା ଶୀଘ୍ର ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଅଗ୍ରାଧିକାର ଭାବେ ଦୃଷ୍ଟି ଦେବାସହ ନୟାଗଡ଼ ସହର ସହିତ ଅନ୍ୟ ବିଭିନ୍ନ ଅଞ୍ଚଳରେ ପ୍ରସ୍ତୁତ ହେଉଥିବା ଗୁଟୁକା, ସିଗାରେଟ ଓ ନିକୋଟିନ୍ ସ୍ଥାନକୁ ଚଢ଼ାଉ କରି ସଂପୃକ୍ତ ଅସାଧୁ ମାଲିକ ମାନଙ୍କୁ ଧରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପ୍ରସ୍ତୁତ କାରି ସଂସ୍ଥା ଗୁଡିକୁ ସିଲ୍ କରାଗଲେ ମାନ୍ୟବର ରାଜ୍ୟ ସରକାର ପ୍ରଣୟନ କରିଥିବା ଆଇନ ସଫଳ ହେବ ବୋଲି ସର୍ବସାଧାରଣ ଜନତା ଓ ବୁଦ୍ଧିଜୀବୀ ମହଲ ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଚିନ୍ମୟ ଅମୃତ ମହୋତ୍ସବ ଶ୍ରୀ ହନୁମତ୍ ଉଦ୍‌ଘାଟିତ



**କଟକ,୨୪।୨/ଏନ୍ଏନ୍ଏସ୍:** ଚିନ୍ମୟ ଅମୃତ ମହୋତ୍ସବ ଶ୍ରୀ ହନୁମତ୍ ଆଜି ଉଦ୍‌ଘାଟିତ ହୋଇଯାଇଛି। ପୁରୀ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ କରକମଳରେ ଏହି ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଦିବ୍ୟ ଜୀବନ ସଂଘ ଋଷିକେଶ ପୂଜ୍ୟ ସ୍ୱାମୀ ଅଦ୍ୱୈତ ନନ୍ଦ ମହାରାଜା ଯୋଗ ଦେଇଥିଲେ। ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ସ୍ୱରୁପା ନନ୍ଦ ମହାରାଜା ଆଜିଠାରୁ ପ୍ରତିଦିନ ସଙ୍କଟ ମୋଚନ ହନୁମାନ ଅଷ୍ଟକମ୍ ଉପରେ ହିନ୍ଦୀ ଭାଷାରେ ସନ୍ଧ୍ୟାରୁ ୮ ଟା ୩୦ମି ପର୍ଯ୍ୟନ୍ତ ପ୍ରବଚନ ଦେବେ। ଆଜି ସନ୍ଧ୍ୟାରେ ପ୍ରବଚକ ଭାବେ ସ୍ୱରୁପା ନନ୍ଦ ସରସ୍ୱତୀ ପ୍ରବଚନ ଦେଇ ଶ୍ରଦ୍ଧାଳୁମାନଙ୍କୁ ଆତ୍ମ ସନ୍ତୋଷ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ମୁଖ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ ଫେବୃଆରୀ ୨୫ ରୁ ୨୮ ତାରିଖ ଗୀତା ପଞ୍ଚାମୃତ ଉପରେ ଓଡ଼ିଆରେ ପ୍ରବଚନ ଦେବେ।

# ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



**ସାଲେପୁର,୨୪।୨/ଏନ୍ଏନ୍ଏସ୍:** ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ର ଅଧକ୍ଷା ସଂଗୀତା ମିଶ୍ରଙ୍କ ସ୍ୱଭାପତିତ୍ୱରେ ଅନୁଷ୍ଠିତ ଉଦଜାପନୀ ଉତ୍ସବରେମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଯେଉଁ ମହାମନିଷୀମାନେ ଏହି କଲେଜକୁ ଗଢ଼ି ତୋଳିଛନ୍ତି ସେମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି। ସାଲେପୁର ମହାବିଦ୍ୟାଳୟର ଏକ ସ୍ୱତନ୍ତ୍ର ସ୍ଥାନ ଓଡ଼ିଶାରେ ଅଛି, ଏହାକୁ ଆଗକୁ ନେବାପାଇଁ ସର୍ବଦା ଚେଷ୍ଟା କର ବୋଲି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ମହାନ୍ୟାୟ ଅଧିବକ୍ତା ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇ ଜୀବନରେ ସଫଳତା ପାଇବା ପାଇଁ ଜଣେ ଜଣେ ସ୍ୱାଭିମାନୀ ହେବା ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ କଟକ ଅତିରିକ୍ତ ଜିଲ୍ଲାପାଳ ତଥା ସାଲେପୁର ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଡ. ଦିବ୍ୟଲୋଚନ ମହନ୍ତ, ସମ୍ମାନିତ ଅତିଥି ଭାବେ ଗଣିତ ବିଭାଗ ମୁଖ୍ୟ ଡ. ଆଲୋକ ଚନ୍ଦ୍ର ମହାନ୍ତି, ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପ୍ରଫୁଲ୍ଲ କୁମାର ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ନାଟକ ବୋଉ ମଞ୍ଚସ୍ଥ ହୋଇଥିବା ବେଳେ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ଦ୍ୱାରା ଅଦିନ ଝଡ ନାଟକ ପରିବେଷଣ କରାଯାଇଥିଲା। ଅଧ୍ୟାପିକା ବୈଜୟନ୍ତି ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଶାସନିକ ଅଧିକାରୀ ରୀନା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।ପ୍ରଥମେ ମହାବିଦ୍ୟାଳୟ ପକ୍ଷରୁ ଅତିଥିମାନଙ୍କୁ ମୁଖ୍ୟ ଫାଟକ ପାଖରୁ ଏକ ଶୋଭାଯାତ୍ରାରେ ଅଣାଯାଇ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ।

# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ ମାଧବ ଶତପଥୀଙ୍କ ଶ୍ରାଦ୍ଧସଭା

**କଟକ,୨୪।୨/ଏନ୍ଏନ୍ଏସ୍:** 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୩ତମ ଓ ମାଧବ ଶତପଥୀଙ୍କ ୯ମ ଶ୍ରାଦ୍ଧବାର୍ଷିକୀ କଟକ ଲେଖକ ସହଯୋଗ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡାକ୍ତର ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଖାନନଗରସ୍ଥ ସମିତି ସଭାଗୃହରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ରଘୁନାଥ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଡ଼ଃ ପ୍ରଫୁଲ୍ଲ କୁମାର ଦାଶ, ମୁଖ୍ୟବକ୍ତା ଭାବେ ଡ଼ଃ ପ୍ରଭାତୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଡ଼ଃ ପ୍ରତିମା ଶତପଥୀ ଯୋଗ ଦେଇଥିଲେ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଥିଲେ ଆଧୁନିକ ଓଡ଼ିଆ ସାହିତ୍ୟର ଜଣେ ଅବିସ୍ମରଣୀୟ ସାଧକ ଓ ହାସ୍ୟ ବ୍ୟଙ୍ଗ ସ୍ରଷ୍ଟା ମାଧବ ଶତପଥୀ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଡ଼ଃ ପ୍ରଭାତୀ ମିଶ୍ରଙ୍କ ରଚିତ ପୁସ୍ତକ 'ଚାଇନା ଠେକୁଆର ଭ୍ରମଣ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ସମରେନ୍ଦ୍ର ଘୋଷ, ବୀରେଶ କୁମାର ମହାପାତ୍ର,ଶ୍ୟାମସୁନ୍ଦର ସାହୁ, ଅଶୋକ କୁମାର ପ୍ରଶସ୍ତ, ଭବାନୀ ବାରିକ, ସୁକାନ୍ତି ମହାନ୍ତି,କୋକିଳସ୍ୱରା ପାତ୍ର, ନମିତା ମହାନ୍ତି, ଅରୁଣ କୁମାର ଅଗ୍ରୱାଲ, ଆଦିତ୍ୟ ପ୍ରତାପ ଧଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଅଶୋକ କୁମାର ପଣ୍ଡା ଧନ୍ୟବାଦ୍ ଦେଇଥିଲେ।



ନିତିଦିନ NITIDIN

# ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୪।୨/ଏନ୍ଏସ୍ଏସ୍:** ବାହାରିନ୍‌ରେ ଆୟୋଜିତ ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ଶିପ୍‌ରେ ଷଷ୍ଠ ସ୍ୱର୍ଣ୍ଣ ପଦକ ସହ କ୍ରମାଗତ ଚତୁର୍ଥ ଥର ବିଶ୍ୱ ଟାଇଟଲ୍ ଜିତି ଇତିହାସ ରଚିଥିବା ଓଡ଼ିଶାର ପ୍ରଖ୍ୟାତ ପାରା-ଶଟ୍‌ଲର୍ ପଦ୍ମଶ୍ରୀ ପ୍ରମୋଦ ଭଗତ ଆଜି ଭୁବନେଶ୍ୱରରେ ପହଞ୍ଚିବା ପରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭା ପ୍ରକୋଷ୍ଠରେ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦଙ୍କ ଏହି ସଫଳତା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ଓ ଆମ ଯୁବ କ୍ରୀଡ଼ାବିତମାନଙ୍କ ପାଇଁ ଏକ ପ୍ରେରଣା ବୋଲି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ତାଙ୍କର ଅଦମ୍ୟ ନିଷ୍ଠା ଓ ପରିଶ୍ରମ ନିଶ୍ଚୟ ଭାବେ ଆଗାମୀ ପିଢ଼ୀକୁ ଅଧିକ ଉଚ୍ଚତାରେ ପହଞ୍ଚିବାକୁ ପ୍ରେରିତ କରିବ ବୋଲି କହିବା ସହିତ ସେ ପ୍ରମୋଦଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ସଫଳତା ପାଇଁ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ। ସେହିପରି କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କଳିଙ୍ଗ ଷ୍ଟାଡିୟମରେ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ପ୍ରମୋଦଙ୍କ କଠିନ ପରିଶ୍ରମ ଓ ଦୃଢ଼ ସଂକଳ୍ପ ଆଗାମୀ ଦିନରେ ତାଙ୍କୁ ଅଧିକ ସଫଳତା ଆଣିଦେବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

ସୂଚନାଯୋଗ୍ୟ, ଅତାବିରା ନିର୍ବାଚନ ମଣ୍ଡଳୀର ପ୍ରମୋଦ ଭଗତ ବାହାରିନ୍‌ରେ ଆୟୋଜିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍ମିଣ୍ଟନ୍ ବିଶ୍ୱ ଚାମ୍ପିଅନ୍‌ଶିପ୍‌ର ପୁରୁଷ ସିଙ୍ଗଲ୍ସ (ଏସ୍ଏଲ୍୩) ଏବଂ ଡବଲ୍ସ (ଏସ୍ଏଲ୍୩-ଏସ୍ଏଲ୍୪) ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ।

# ଟି-୨୦ ବିଶ୍ୱକପ୍ ସେମିରେ ଇଂଲଣ୍ଡ

## ୨ ୱିକେଟ୍‌ରେ ହାରିଲା ପାକିସ୍ତାନ




**ପାଲ୍ଲେକେଲ,୨୪।୨/ଏଜେନ୍ସି:** ଇଂଲଣ୍ଡ ଆଇସିସି ଟି-୨୦ ବିଶ୍ୱକପ୍ ୨୦୨୬ର ସୁପର୍-୮ ମ୍ୟାଚ୍‌ରେ ମଙ୍ଗଳବାର ପାକିସ୍ତାନକୁ ୨ ୱିକେଟ୍‌ରେ ହରାଇ ପ୍ରଥମ ଟିମ୍ ଭାବେ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ପାଲ୍ଲେକେଲ ଇଣ୍ଟରନାସ୍‌ନାଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ପାକିସ୍ତାନକୁ ୧୬୪ ରନ୍‌ରେ ଅଟକାଇବା ପରେ ଇଂଲଣ୍ଡ ୧୯.୧ ଓଭର୍‌ରେ ୮ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଂଲିଶ କ୍ୟାପ୍ଟେନ୍ ହ୍ୟାରୀ ବ୍ରୁକ୍ ୫୧ ବଲ୍‌ର ୧୦୦ ରନ୍‌ର ଇନିଂସ୍ ଖେଳିଥିଲେ। ପାକିସ୍ତାନ ପକ୍ଷରୁ ଶାହିନ୍ ଆଫ୍ରିଦି ୪ ଏବଂ ଉସ୍‌ମାନ୍ ତାରିକ୍ ୨ ୱିକେଟ୍ ନେଇଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ଟିମ୍ ୨୦ ଓଭର୍‌ରେ ୯ ୱିକେଟ୍ ହରାଇ ୧୬୪ ରନ୍ କରିଥିଲା। ଟିମ୍‌ର ଆରମ୍ଭ ଠିକ୍ ଥିଲା, କିନ୍ତୁ ମଝି ଓଭର୍‌ରେ ନିୟମିତ ଅନ୍ତରାଳରେ ୱିକେଟ୍ ପତନ ଫଳରେ ବଡ଼ ସ୍କୋର୍ ହୋଇପାରି ନଥିଲା। ଟିମ୍ ପକ୍ଷରୁ ଓପନର୍ ଶାହିବଜାଦା ଫରହାନ୍ ସର୍ବାଧିକ ୬୩ ରନ୍ କରିଥିଲେ। ଏହା ବ୍ୟତୀତ ବାବର ଆଜମ୍ ଓ ଫଖର୍ ଜମାନ୍ ୨-୨୫ ରନ୍ କରିଥିବା ବେଳେ ଶାଦାବ୍ ଖାନ୍ ୨୩ ରନ୍‌ର ଯୋଗଦାନ ଦେଇଥିଲେ। ବାକି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଇଂଲଣ୍ଡ ପକ୍ଷରୁ ଲିଆମ୍ ଡସନ୍ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜୋଫ୍ରା ଆର୍ଚର ଓ ଜେମି ଓଭର୍‌ଟନ୍‌ଙ୍କୁ ଦୁଇଟି ଲେଖାଏଁ ସଫଳତା ମିଳିଥିବା ବେଳେ ଆଦିଲ୍ ରଶିଦ୍‌ଙ୍କୁ ଗୋଟିଏ ୱିକେଟ୍ ନେଇଥିଲେ।

୧୬୫ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଇଂଲଣ୍ଡର ଆରମ୍ଭ ବହୁ ଖରାପ ଥିଲା। ପ୍ରଥମ ୫ ଓଭର୍‌ରେ ଟିମ୍ ୩ ୱିକେଟ୍ ହରାଇଥିଲା। ତେବେ କ୍ୟାପ୍ଟେନ୍ ହ୍ୟାରୀ ବ୍ରୁକ୍ ଦାୟିତ୍ୱ ସମ୍ଭାଳି ଧୈର୍ଯ୍ୟ ଓ ଆକ୍ରମଣାତ୍ମକର ଉନ୍ନତ ସନ୍ତୁଳନ ଦେଖାଇଥିଲେ। ବ୍ରୁକ୍‌ଙ୍କ ଏହି ଇନିଂସ୍ ମ୍ୟାଚ୍‌ର ମୋଡ଼ ବଦଳାଇ ଦେଇଥିଲା। ସେ କେବଳ ଟିମ୍‌କୁ ସମ୍ଭାଳି ନଥିଲେ, ବରଂ ଶେଷ ପର୍ଯ୍ୟନ୍ତ ତିଷ୍ଠି ରହି ଇଂଲଣ୍ଡକୁ ୨ ୱିକେଟ୍‌ରେ ବିଜୟୀ କରାଇଥିଲେ। ସେ ୫୧ ବଲ୍‌ରେ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୧୦୦ ରନ୍ କରିଥିଲେ। ଏହା ଚଳିତ ବିଶ୍ୱକପ୍‌ର ସବୁଠୁ ସ୍ମରଣୀୟ ଇନିଂସ୍ ମଧ୍ୟରୁ ଅନ୍ୟତମ ଥିଲା। ତାଙ୍କ ବ୍ୟତୀତ ୱିଲ୍ ଜ୍ୟାକ୍ସ (୨୮) ଏବଂ ସାମ କରନ୍ (୧୬)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟର୍ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ପାକିସ୍ତାନ ପକ୍ଷରୁ ଶାହିନ୍ ଆଫ୍ରିଦି ୪ଟି ୱିକେଟ୍ ନେଇଥିବା ବେଳେ ମହମ୍ମଦ ନୱାଜ୍ ଓ ଉସ୍‌ମାନ୍ ତାରିକ୍‌ଙ୍କୁ ୨-୨ ୱିକେଟ୍ ମିଳିଥିଲା।

**ଏସିଆ କପ୍ ବଧିର କ୍ରିକେଟ୍**

# ନେପାଳ ବିପକ୍ଷରେ ଭାରତର ବଡ଼ ବିଜୟ

## ଫାଇନାଲ୍‌ରେ ଆଜି ଶ୍ରୀଲଙ୍କାକୁ ଭେଟିବ




**ଭୁବନେଶ୍ୱର,୨୪।୨/ଏନ୍ଏନ୍ଏସ୍:** ଏସିଆ ବଧିର କ୍ରିକେଟ୍ ସଂଘ (ଏଡିସିଏ), ଭାରତୀୟ ବଧିର କ୍ରିକେଟ୍ ସଂଘ (ଆଇଡିସିଏ) ଓ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ର ମିଳିତ ସହଯୋଗରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏସିଆ କପ୍ ବଧିର କ୍ରିକେଟ୍ ପ୍ରତିଯୋଗିତାରେ ମଙ୍ଗଳବାର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ୯ ୱିକେଟ୍‌ରେ ନେପାଳକୁ ହରାଇ ଦେଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନେପାଳ ୧୯.୨ ଓଭର୍‌ରେ ୫୩ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଭାରତ ପକ୍ଷରୁ ଓଡ଼ିଆ ଖେଳାଳି ଶିବୁନ୍ ନନ୍ଦ ଓ ଆକାଶ ସାଇନି ୨ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଭାରତ ୫.୧ ଓଭରରେ ଗୋଟିଏ ୱିକେଟ୍ ହରାଇ ମ୍ୟାଚ୍ ହାତେଇଥିଲା। ଶିବୁନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିଲା।

ପୁରସ୍କାର ବିତରଣ ଉତ୍ସବରେ ଏଡିସିଏ ଅଧ୍ୟକ୍ଷ ସୁମିତ ଜୈନ, ଓଡ଼ିଶା ବଧିର କ୍ରିକେଟ୍ ସଂଘ ମୁଖ୍ୟ କାର୍ଯ୍ୟନିର୍ବାହୀ ଶର୍ମିଳା ସୁବ୍ରମଣ୍ୟମ, ସମ୍ପାଦକ ସାଗରକାନ୍ତ ସେନାପତି ଅତିଥି ଭାବେ ଯୋଗ ଦେଇଥିଲେ। ବୁଧବାର ପୂର୍ବାହ୍ଣ ୧୧ଟାରେ ବାରବାଟୀରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ।

**ମହିଳା ଟି-୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ**

# ଜୁନ୍ ୧୨ରୁ ଆରମ୍ଭ, ଜୁଲାଇ ୫ରେ ଫାଇନାଲ୍



**ଦୁବାଇ,୨୪।୨/ଏଜେନ୍ସି:** ଆଇସିସି ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ର କାର୍ଯ୍ୟସୂଚୀ ମଙ୍ଗଳବାର ଘୋଷିତ ହୋଇଛି। ଚଳିତ ଥର ବିଶ୍ୱକପ୍‌ରେ ମୋଟ ୧୨ ଟିମ୍ ଭାଗନେବେ, ଯାହା ଟୁର୍ଣ୍ଣାମେଣ୍ଟ ଇତିହାସରେ ସର୍ବାଧିକ। ଜୁନ୍ ୧୨ରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟର ଦଶମ ସଂସ୍କରଣ ଜୁନ୍ ୧୨ରୁ ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଫାଇନାଲ୍ ମ୍ୟାଚ୍ ଐତିହାସିକ ଲର୍ଡ୍ସ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ। ଟିମ୍ ଇଣ୍ଡିଆନ୍ ଜୁନ୍ ୧୪ ତାରିଖରେ ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଏବଂ ନେଦରଲାଣ୍ଡ୍ସ ନେପାଳରେ ଆୟୋଜିତ ଅନ୍ତିମ ଯୋଗ୍ୟତା ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଶେଷ ଚାରି ସ୍ଥାନ ସୁରକ୍ଷିତ କରିଛନ୍ତି। ସେହିପରି ଡିଫେଣ୍ଡିଂ ଚାମ୍ପିଅନ୍ ନ୍ୟୁଜିଲାଣ୍ଡ, ଛଅ ଥରର ବିଜେତା ଅଷ୍ଟ୍ରେଲିଆ, ୨୦୧୬ ଚାମ୍ପିଅନ୍ ୱେଷ୍ଟଇଣ୍ଡିଜ୍, ଆୟୋଜକ ଇଂଲଣ୍ଡ, ଦିନିକିଆ ବିଶ୍ୱ ଚାମ୍ପିଅନ୍ ଭାରତ, ପାକିସ୍ତାନ, ସାଉଥ୍ ଆଫ୍ରିକା ଏବଂ ଶ୍ରୀଲଙ୍କା ସିଧା ଯୋଗ୍ୟତା ଅର୍ଜନ କରିଛନ୍ତି। ୧୨ ଟିମ୍‌କୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଭାରତ ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ, ପାକିସ୍ତାନ, ସାଉଥ୍ ଆଫ୍ରିକା, ବାଂଲାଦେଶ ଏବଂ ଡେବ୍ୟୁଟାଣ୍ଟ ନେଦରଲାଣ୍ଡ୍ସ ସହିତ ସ୍ଥାନ ପାଇଛି। ସେହିପରି ଗ୍ରୁପ୍-ବି'ରେ ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ୱେଷ୍ଟଇଣ୍ଡିଜ୍, ଶ୍ରୀଲଙ୍କା, ଆୟର୍ଲାଣ୍ଡ ଏବଂ ସ୍କଟ୍‌ଲାଣ୍ଡ ଟିମ୍ ରହିଛନ୍ତି।

ଆଇସିସି ସିଇଓ ସଂଯୋଗ ଗୁପ୍ତା କହିଛନ୍ତି, ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ କାର୍ଯ୍ୟସୂଚୀ ଜାରି ହେବା ଏହି ଗ୍ଲୋବାଲ୍ ପ୍ରିମିୟର୍ ସ୍ପୋର୍ଟିଂ ଇଭେଣ୍ଟ ପୂର୍ବରୁ ଏକ ପ୍ରମୁଖ ମାଇଲଖୁଣ୍ଟ। ଏହି ଇଭେଣ୍ଟ ଆଇସିସି ମହିଳା କ୍ରିକେଟ୍‌ରେ ଲଗାତାର ନିବେଶର ଅଂଶବିଶେଷ, ଯେଉଁଥିରେ ଅଧିକ ଭାଗୀଦାରୀ ଏବଂ ହାଇ-ପରଫର୍ମାନ୍ସର ଉପାୟ, ଇଭେଣ୍ଟ ଏବଂ ପ୍ରଡକ୍ସନ୍ ଷ୍ଟାଣ୍ଡାର୍ଡ, ଟୁର୍ଣ୍ଣାମେଣ୍ଟ ପ୍ରାଇଜ୍ ମନି, ମିଡିଆ ଡିଷ୍ଟ୍ରିବ୍ୟୁସନ୍ ଏବଂ କମର୍ସିଆଲ୍ ପାର୍ଟନରଶିପ୍ ସାମିଲ।

# ଆଇପିଏଲ୍ ପୂର୍ବରୁ ବଦଳିଲା ଲକ୍ଷ୍ନୌ ଲୋଗୋ




**ଲକ୍ଷ୍ନୌ,୨୪।୨/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ସିଜନ୍ ପୂର୍ବରୁ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ (ଏଲ୍ଏସ୍‌ଜି) ନିଜର ଲୋଗୋରେ ପରିବର୍ତ୍ତନ କରିଛି। ଏହି ନୂତନ ଲୋଗୋରେ ତିନିଟି ଶକ୍ତିଶାଳୀ ଗରୁଡ଼, ମୁକୁଟ ଏବଂ ହାତୀକୁ ଏକାଠି ରଖାଯାଇଛି। ଏଲ୍ଏସ୍‌ଜି ପକ୍ଷରୁ ଏକ ବୟାନରେ କୁହାଯାଇଛି ଗରୁଡ଼ ସାହସର ପ୍ରତିନିଧିତ୍ୱ କରୁଛି, ଯାହା ଖେଳାଳିଙ୍କୁ ନିର୍ଭୀକ କରିବ। ସେହିପରି ମୁକୁଟ ଗର୍ବ ଏବଂ ଦାୟିତ୍ୱର ପ୍ରତୀକ। ଲୋଗୋର ମୂଳରେ ରହିଛି ହାତୀ। ହାତୀ ଶକ୍ତି, ଜ୍ଞାନ, ଧୈର୍ଯ୍ୟ ଏବଂ ଏକତାକୁ ପ୍ରତିନିଧିତ୍ୱ କରୁଛି। ଏହା ପ୍ରଶଂସକଙ୍କ ସ୍ଥିର ସମର୍ଥକୁ ପ୍ରତିଫଳିତ କରିବ ବୋଲି କୁହାଯାଇଛି।

ନୂତନ ଲୋଗୋ ସମ୍ପର୍କରେ ଏଲ୍ଏସ୍‌ଜି ମାଲିକ ଶାଶ୍ୱତ ଗୋଏଙ୍କା କହିଛନ୍ତି, 'ଏହି ନୂତନ ଲୋଗୋ ଆମ ପାଇଁ ଗଭୀର ଭାବପ୍ରବଣ। ଲକ୍ଷ୍ନୌ ଏବଂ ଉତ୍ତର ପ୍ରଦେଶର ଲୋକମାନେ ପ୍ରଥମ ଦିନରୁ ସୁପର ଜାଏଣ୍ଟ୍ସକୁ ହୃଦୟର ସହ ସ୍ୱାଗତ କରିଥିଲେ। ଏହି ପ୍ରତୀକ ସେହି ପ୍ରେମ ଏବଂ ବିଶ୍ୱାସର ଶ୍ରଦ୍ଧାଞ୍ଜଳି। ଗରୁଡ଼ ଉଚ୍ଚକୁ ଉଠିବା ପାଇଁ ଆମର ସ୍ୱପ୍ନକୁ ପ୍ରତିଫଳିତ କରେ। ଆମେ ଯେତେବେଳେ ପ୍ରତିଥର ପଡ଼ିଆକୁ ଯାଉ, ସେତେବେଳେ ଆପଣ ଆମ ଉପରେ ଯେଉଁ ଗର୍ବ ରଖନ୍ତି ତାହା ଏହି ମୁକୁଟ ପ୍ରଦର୍ଶିତ କରେ। ହାତୀ ଟିମକୁ ପରିଭାଷିତ କରୁଥିବା ଶକ୍ତି ଏବଂ ବିଶ୍ୱସ୍ତତାକୁ ପ୍ରତିଫଳିତ କରେ।

୨୦୨୨ ଆଇପିଏଲ୍ ସିଜନ୍‌ରେ ଡେବ୍ୟୁ କରିଥିବା ଏଲ୍ଏସ୍‌ଜି ଏପର୍ଯ୍ୟନ୍ତ କୌଣସି ଟାଇଟଲ୍ ଜିତିନାହିଁ। ଟିମ୍ ୨୦୨୨ ଏବଂ ୨୦୨୩ରେ ପ୍ଲେଅଫ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲା। ତେବେ ପରବର୍ତ୍ତୀ ଦୁଇଟି ସିଜନ୍‌ରେ ଲିଗ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଥିଲା।

# ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର: ଘରକୁ ଫେରିଲେ ରିଙ୍କୁ ସିଂହ



**ଚେନ୍ନାଇ,୨୪।୨/ଏଜେନ୍ସି:** ପିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭାରତୀୟ କ୍ରିକେଟର୍ ରିଙ୍କୁ ସିଂ ହଠାତ୍ ଉତ୍ତରପ୍ରଦେଶର ଆଲିଗଡ଼ରେ ଥିବା ନିଜ ଘରକୁ ଫେରିଯାଇଛନ୍ତି। ଏହି କାରଣରୁ ଚେନ୍ନାଇରେ ଚାଲିଥିବା ଟିମ୍ ଇଣ୍ଡିଆର ପ୍ରାକ୍ଟିସ୍ ସେସନ୍‌ରେ ସେ ଯୋଗ ଦେଇପାରି ନାହାନ୍ତି। ସୂଚନା ଅନୁସାରେ ରିଙ୍କୁଙ୍କ ପିତା ଖାନଚନ୍ଦ ସିଂ ଗତ ୪ ବର୍ଷ ହେଲା କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ଗତ କିଛି ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଗ୍ରେଟର୍ ନୋଇଡାର ଏକ ହସ୍‌ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଭେଣ୍ଟିଲେଟର୍‌ରେ ରଖାଯାଇଛି। ଆସନ୍ତା ଶୁକ୍ରବାର ହେବାକୁ ଥିବା ଜିମ୍ବାୱେ ବିପକ୍ଷ ସୁପର-୮ ମ୍ୟାଚ୍ ଖେଳିବାକୁ ଭାରତୀୟ ଟିମ୍ ସୋମବାର ଚେନ୍ନାଇରେ ପହଞ୍ଚିଥିଲା।ଟିମ୍ ସହିତ ରିଙ୍କୁ ମଧ୍ୟ ଚେନ୍ନାଇ ଆସିଥିଲେ ବି ମଙ୍ଗଳବାର ସକାଳେ ଆଲିଗଡ଼ ଅଭିମୁଖେ ଯାତ୍ରା କରିଥିଲେ। ଏହି କାରଣରୁ ସେ ମଙ୍ଗଳବାର ହୋଇଥିବା ଟିମ୍‌ର ପ୍ରାକ୍ଟିସ୍‌ରେ ଯୋଗ ଦେଇପାରି ନଥିଲେ। ଏପରିକି ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ବିସିସିଆଇ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ। ଏଣୁ ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଖେଳିବା ନେଇ ଅନିଶ୍ଚିତତା ଦେଖାଦେଇଛି।

# ପ୍ରଥମ ମହିଳା ଦିନିକିଆରେ ହାରିଲା ଭାରତ



**ବ୍ରିସବେନ୍, ୨୪।୨/ଏଜେନ୍ସି:** ମଙ୍ଗଳବାର ବ୍ରିସବେନ୍ ଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମହିଳା ଦଳ, ଭାରତୀୟ ମହିଳା ଦଳକୁ ୬ ୱିକେଟ୍‌ରେ ପରାସ୍ତ କରିଛି। ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମୋଟ୍ ୩ ଟିକିଆ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ଖେଳାଯିବ। ସୁତରାଂ ଆଜିର ଏହି ବିଜୟ ସହ ଅଷ୍ଟ୍ରେଲିଆ ଭାରତ ବିପକ୍ଷରେ ୧-୦ରେ ଅଗ୍ରଣୀ ହୋଇଛି।

ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଦିନିକିଆରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଭାରତର ଦୁଇ ଓପନର ପ୍ରତୀକା ରାୱଲ୍ ଏବଂ ସ୍ମୃତି ମନ୍ଧାନା ଦୃଢ଼ ଆତ୍ମବିଶ୍ୱାସର ସହ ପଡ଼ିଆକୁ ବ୍ୟାଟିଂ ପାଇଁ ଆସିଥିଲେ ମଧ ପ୍ରତୀକା ଖାତା ଖୋଲିପାରିନଥିଲେ। ସେ ମାତ୍ର ୨ ବଲ୍‌ର ସମ୍ମୁଖୀନ ହୋଇଥିଲେ ଏବଂ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇ ପାଭିଲିୟନ୍ ଫେରିଥିଲେ। ପ୍ରତୀକାଙ୍କ ପରେ ଶେଫାଳୀ ବର୍ମା ଏବଂ ଜେମିମା ରୋଡ୍ରିଗ୍ସ ମଧ ଯଥାକ୍ରମେ ୪ ଏବଂ ୮ ରନ୍ କରି ପାଭିଲିୟନ୍ ଫେରିଥିଲେ। କିନ୍ତୁ ଅନ୍ୟପକ୍ଷେ ସ୍ମୃତି କିନ୍ତୁ ନିଜ ସ୍ୱାଭାବିକ ଖେଳ ଜାରି ରଖିଥିଲେ ଏବଂ ୬୮ ବଲ୍‌ରୁ ୫୮ ରନ୍‌ର ଏକ ଦର୍ଶନୀୟ ଇନିଂସ ଖେଳିଥିଲେ। ତେବେ ଅଧିନାୟିକା ହରମନ୍‌ପ୍ରୀତ୍ କୌର ଦଳୀୟ ଇନିଂସକୁ ସମ୍ଭାଳିବାକୁ ଭରପୁର ଚେଷ୍ଟା କରିଥିଲେ। କିନ୍ତୁ ସେ ମଧ ୮୪ ବଲ୍ ଖେଳି ମାତ୍ର ୫୩ ରନ୍ ହିଁ କରିପାରିଥିଲେ। କାଶ୍‌ଭୀ ଗୌତମ୍ ମଧ ୪୪ ବଲ୍‌ରୁ ୪୩ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ତେବେ ସେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଯାଇଥିଲେ। ସେହିପରି ରିଚା ଘୋଷ୍ ମାତ୍ର ୨୩ ରନ୍ କରି ଆଉଟ୍ ହୋଇଯାଇଥିଲେ। ଫଳରେ ଭାରତୀୟ ପାଳି ୪୮.୩ ଓଭର ସୁଦ୍ଧା ହିଁ ୧୦ ୱିକେଟ୍ ପତନ ସହ ଶେଷ ହୋଇଯାଇଥିଲା। ଭାରତୀୟ ଦଳ ମାତ୍ର ୨୧୪ ରନ୍ କରିପାରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଶ୍‌ଲେ ଗାର୍ଡନର ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ମେଗାନ୍ ସ୍କଟ୍ ୨ଟି ୱିକେଟ୍ ନେଇଥିଲେ। ଡାରସି ବ୍ରାଉନ୍, ଆଲନା କିଙ୍ଗ୍, ତାହାଲିଆ ମ୍ୟାକ୍‌ଗ୍ରାଥ୍, ସୋଫି ମୋଲିନେକ୍ସ ୧ଟି ଲେଖାଏ ୱିକେଟ୍ ନେବାରେ ସଫଳ ହୋଇଥିଲେ।

୨୧୫ ରନ୍‌ର ବିଜୟ ଲକ୍ଷ୍ୟ ସହ ଅଷ୍ଟ୍ରେଲିଆ କିନ୍ତୁ ପ୍ରଥମରୁ ଚମତ୍କାର ପ୍ରଦର୍ଶନ କରିଥିଲା। ଅଧିନାୟିକା ଆଲିଶା ହେଲିଙ୍କ ୫୦ ରନ୍, ଫୋଏବେ ଲିଚ୍‌ଫିଲ୍ଡଙ୍କ ୩୨ ରନ୍ ପରେ ବେଥ୍ ମୁନିଙ୍କ ୭୬ ରନ୍ ଏବଂ ଆନାବେଲ୍ ସୁଥରଲାଣ୍ଡଙ୍କ ଅପରାଜିତ ୪୮ ରନ୍ ଦଳକୁ ବିଜୟୀ କରିବା ପାଇଁ ଯଥେଷ୍ଟ ହୋଇଥିଲା। ଅଷ୍ଟ୍ରେଲିଆ ମାତ୍ର ୩୮.୨ ଓଭରରେ ୪ ୱିକେଟ୍ ହରାଇ ୨୧୭ ରନ୍ କରିନେଇଥିଲା। ଆଜିର ମ୍ୟାଚ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବେଥ୍ ମୁନିଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

# ସେମିଫାଇନାଲ୍‌ରେ କିପରି ପହଞ୍ଚିବ ଭାରତ

- ରନ୍ ରେଟ୍‌ରେ ସୁଧାର ପାଇଁ ବଡ଼ ବ୍ୟବଧାନରେ ବିଜୟ ଜରୁରୀ
- ଆଉ ଗୋଟିଏ ପରାଜୟ ଟୁର୍ଣ୍ଣାମେଣ୍ଟରୁ ବାହାର କରିଦେବ




**ନୂଆଦିଲ୍ଲୀ,୨୪।୨/ଏଜେନ୍ସି:** ଚଳିତ ଟି-୨୦ ବିଶ୍ୱକପ୍‌ର ସେମିଫାଇନାଲ୍ ସମୀକରଣ ଏବେ ରୋଚକ ସ୍ଥିତିରେ ପହଞ୍ଚିଛି। ସୋମବାର ୱେଷ୍ଟଇଣ୍ଡିଜ୍ ନିଜର ପ୍ରଥମ ସୁପର୍-୮ ମ୍ୟାଚ୍‌ରେ ଜିମ୍ବାୱେକୁ ୧୦୭ ରନ୍‌ରେ ହରାଇ ଦେଇଛି। ଏହି ବିଜୟ ଭାରତର ଅସୁବିଧା ବଢ଼ାଇ ଦେଇଛି। ଭାରତୀୟ ଟିମ୍ ନିଜର ପ୍ରଥମ ସୁପର୍-୮ ମ୍ୟାଚ୍‌ରେ ସାଉଥ୍ ଆଫ୍ରିକାଠାରୁ ୭୬ ରନ୍‌ରେ ପରାଜିତ ହୋଇଥିଲା। ଗ୍ରୁପ୍‌ର ଶୀର୍ଷ ଦୁଇଟି ଟିମ୍‌କୁ ହିଁ ସେମିଫାଇନାଲ୍‌ରେ ସ୍ଥାନ ମିଳିବ। ଏପରି ସ୍ଥିତିରେ ଭାରତ। ସେମିଫାଇନାଲ୍ ସମୀକରଣ କ'ଣ ହେବ ତାହା ଏଠାରେ ଆଲୋଚନା କରାଯାଇଛି।

ଯଦି ଭାରତ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ୍‌କୁ ହରାଇଦିଏ, ତେବେ ଟିମ୍‌ର ଚାରି ପଏଣ୍ଟ ହୋଇଯିବ। ସେହିପରି ସାଉଥ୍ ଆଫ୍ରିକା ନିଜର ବାକି ଦୁଇ ମ୍ୟାଚ୍ ଜିତିଲେ ଭାରତ ଓ ସାଉଥ୍ ଆଫ୍ରିକା ଦୁହେଁ ସେମିଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଯଦି ଭାରତ ନିଜର ଦୁଇଟି ମ୍ୟାଚ୍ ଜିତିଯାଏ ଏବଂ ସାଉଥ୍ ଆଫ୍ରିକା ନିଜର ଗୋଟିଏ ମ୍ୟାଚ୍‌ରେ ପରାଜିତ ହୁଏ, ତେବେ ତିନି ଟିମ୍ ସମାନ ଚାରି ପଏଣ୍ଟରେ ବରାବର ହୋଇପାରନ୍ତି। ଏପରି ମାମଲାରେ ରନ୍ ରେଟ୍ ଆଧାରରେ କ୍ୱାଲିଫିକେସନ୍ ସ୍ଥିର ହେବ। ଅନ୍ୟପକ୍ଷରେ ଯଦି ଭାରତ ଦୁଇଟି ମ୍ୟାଚ୍ ଜିତେ ଏବଂ ସାଉଥ୍ ଆଫ୍ରିକା ନିଜର ବାକି ଦୁଇଟି ମ୍ୟାଚ୍‌ରେ ପରାଜିତ ହୁଏ ତେବେ ଭାରତ ଓ ୱେଷ୍ଟଇଣ୍ଡିଜ୍ ସେମିଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ମାତ୍ର ଭାରତ ଯଦି ବାକି ଦୁଇ ମ୍ୟାଚ୍‌ରୁ ଗୋଟିକରେ ବିଜୟୀ ହୁଏ, ତେବେ ପରିସ୍ଥିତି ଯାହା ବି ହେଉ ଟିମ୍‌ର ସେମିଫାଇନାଲ୍ ପହଞ୍ଚିବା ରାସ୍ତା ବନ୍ଦ ହୋଇଯିବ।

**ରଣଜୀ ଟ୍ରଫି ଫାଇନାଲ୍: ଶୁଭମ୍ ପୁନ୍ଦୀରଙ୍କ ଶତକ, ସମଦ-ୟାବରଙ୍କ ଅର୍ଦ୍ଧଶତକ**

# ପ୍ରଥମ ଦିନ ଜମ୍ମୁ-କଶ୍ମୀର ୨୮୪/୨



**ହୁବଲୀ,୨୪।୨/ଏଜେନ୍ସି:** ରଣଜୀ ଟ୍ରଫି ୨୦୨୫-୨୬ ଫାଇନାଲ୍ ଆଜିଠାରୁ କର୍ଣ୍ଣାଟକ ଓ ଜମ୍ମୁ-କଶ୍ମୀର ମଧ୍ୟରେ ହୁବ୍‌ଲୀ କ୍ରିକେଟ୍ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଜମ୍ମୁ-କଶ୍ମୀର ଜୋରଦାର ଆରମ୍ଭ କରି ପ୍ରଥମ ଦିନ ଖେଳ ଶେଷ ବେଳକୁ ୨ ୱିକେଟ୍ ବିନିମୟରେ ୨୮୪ ରନ୍ କରିଛି। ଷ୍ଟମ୍ପ ବେଳକୁ ଶୁଭମ୍ ପୁନ୍ଦୀର ୧୧୭ ଏବଂ ଅବ୍‌ଦୁଲ୍ ସମଦ ୫୨ ରନ୍ କରି ଅପରାଜିତ ଫେରିଛନ୍ତି। କର୍ଣ୍ଣାଟକ ପକ୍ଷରୁ ପ୍ରସିଦ୍ଧ କ୍ରିଷ୍ଣା ଦୁଇଟି ଯାକ ୱିକେଟ୍ ଅକ୍ତିଆର କରିଛନ୍ତି। ଶୁଭମ୍ ପୁନ୍ଦୀର ପ୍ରଥମ ଦିନ ୨୨୧ ବଲ୍‌ରେ ୧୨ ଚୌକା ଓ ୨ ଛକା ସହାୟତାରେ ୧୧୭ ରନ୍ କରି ଅପରାଜିତ ରହିଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଜମ୍ମୁ-କଶ୍ମୀରର ଆରମ୍ଭ ବହୁ ଖରାପ ଥିଲା। ୧୮ ରନ୍‌ର ସ୍କୋରରେ ଟିମ୍ ପ୍ରଥମ ୱିକେଟ୍ ହରାଇଥିଲା। କରିମ୍ ଇକ୍‌ବାଲ୍ ମାତ୍ର ୬ ରନ୍ କରି ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲ୍‌ରେ ୱିକେଟ୍‌କିପର୍ କେଏଲ୍ ରାହୁଲ୍‌ଙ୍କ ହାତରେ କ୍ୟାଚ୍ ଆଉଟ୍ ହୋଇଥିଲେ। ପ୍ରଥମ ୱିକେଟ୍‌ର ଶୀଘ୍ର ପତନ ପରେ ବ୍ୟାଟିଂ ପାଇଁ ଆସିଥିବା ଶୁଭମ୍ ପୁନ୍ଦୀର ଦ୍ୱିତୀୟ ୱିକେଟ୍ ପାଇଁ ୟାବର୍ ହସନ୍‌ଙ୍କ ସହ ୧୩୯ ରନ୍‌ର ଶତକୀୟ ପାର୍ଟନରଶିପ୍ କରିଥିଲେ। ଦୁହେଁ ପ୍ରାୟ ୪୦ ଓଭର୍ ପର୍ଯ୍ୟନ୍ତ ବ୍ୟାଟିଂ କରିଥିଲେ। ଏହି ଅବସରରେ ୟାବର୍ ଓ ଶୁଭମ୍ ନିଜ ନିଜର ଅର୍ଦ୍ଧଶତକ ମଧ୍ୟ ପୂରଣ କରିଥିଲେ। ୫୧ତମ ଓଭର୍‌ର ଶେଷ ବଲ୍‌ରେ ୟାବର୍‌ଙ୍କୁ ୱିକେଟ୍‌କିପର୍ ରାହୁଲଙ୍କ ହାତରେ କ୍ୟାଚ୍ କରାଇ ପ୍ରସିଦ୍ଧ କ୍ରିଷ୍ଣା ଏହି ଶତକୀୟ ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ୟାବର୍ ୧୫୦ ବଲ୍‌ରେ ୮୮ ରନ୍ କରିଥିଲେ। କ୍ୟାପ୍ଟେନ୍ ପାରସ୍ ଡୋଗ୍ରା ୯ ରନ୍ କରି ରିଟାୟର୍ଡ ହର୍ଟ ହୋଇଥିଲେ। ଏହାପରେ ଶୁଭମ୍‌ଙ୍କ ସହ ଯୋଗ ଦେଇଥିବା ଅବ୍‌ଦୁଲ୍ ସମଦ ଇନିଂସ୍ ସମ୍ଭାଳି ଟିମ୍‌ର ରନ୍ ଗତି ବୃଦ୍ଧି କରିଥିଲେ। ଅନ୍ତିମ ସେସନ୍‌ରେ ଉଭୟ ତୃତୀୟ ୱିକେଟ୍ ପାଇଁ ଅପରାଜିତ ୧୦୫ ରନ୍‌ର ପାର୍ଟନରଶିପ୍ କରିଥିଲେ। ଦିନର ଖେଳ ଶେଷ ହେବା ପୂର୍ବରୁ ସମଦ ନିଜ ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୫୨ ରନ୍ କରି ଅପରାଜିତ ଫେରିଛନ୍ତି।

ଫାଇନାଲ୍ ମ୍ୟାଚ୍ ପାଇଁ ଜମ୍ମୁ-କଶ୍ମୀର ଟିମ୍‌ରେ ଦୁଇଟି ପରିବର୍ତ୍ତନ କରାଯାଇଛି। ବ୍ୟାଟର୍ ଶୁଭମ୍ ଖଜୁରିୟାଙ୍କ ସ୍ଥାନରେ କମରାନ୍ ଇକ୍‌ବାଲ୍ ଖେଳୁଥିବା ବେଳେ ବୋଲର୍ ବଂଶଜଙ୍କ ସ୍ଥାନରେ ସାହିଲ୍ ଲୋତ୍ରାଙ୍କୁ ସାମିଲ କରାଯାଇଛି। ଅନ୍ୟପକ୍ଷରେ କର୍ଣ୍ଣାଟକ ଟିମ୍‌ରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra